ବର୍ଷ-୨୪, ସଂଖ୍ୟା-୨୪୨
ଭୁବନେଶ୍ୱର
୦୨ ଅକ୍ଟୋବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 242
Bhubaneswar
02 October, 2024, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


# ହବିଷ୍ୟାଳିଙ୍କ ପାଇଁ ୨କୋଟି ୫୭ଲକ୍ଷ ମଞ୍ଜୁର

**ଭୁବନେଶ୍ୱର,୧।୧୦(ମହାଭାରତ):** କାର୍ତ୍ତିକ ମାସରେ ହବିଷ୍ୟାଳିମାନଙ୍କର ବ୍ରତ ପାଳନ ନିମନ୍ତେ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳ ଅନୁମୋଦନ କରାଯାଇଛି। ଏହି ଅର୍ଥରାଶି ଅନୁମୋଦନ ହେବା ସହିତ ହବିଷ୍ୟାଳି ମା' ମାନଙ୍କୁ କାର୍ତ୍ତିକ ମାସ ବ୍ରତ ପାଳନ ନିମନ୍ତେ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, କାର୍ତ୍ତିକ ମାସ ହେଉଛି ଧାର୍ମିକ ମାସ। କାର୍ତ୍ତିକ ମାସ ବ୍ରତ ପାଳନ ଦ୍ୱାରା ପୁଣ୍ୟ ଅର୍ଜନ ହୁଏ ବୋଲି ଆମ ଓଡ଼ିଆ ଜଗନ୍ନାଥ ସଂସ୍କୃତିରେ ବିଶ୍ୱାସ ରହିଛି। କାର୍ତ୍ତିକ ମାସ ବ୍ରତ ପାଳନ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ଅନେକ ହବିଷ୍ୟାଳି ମା' ମାନେ ଏକାଠି ହୋଇଥା'ନ୍ତି। ହବିଷ୍ୟାଳି ମା'ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ ନିମନ୍ତେ ଚଳିତ ବର୍ଷ ସରକାରଙ୍କ ତରଫରୁ ୨ କୋଟି ୫୭ ଲକ୍ଷ ୫୦ ହଜାର ଟଙ୍କାର ଖର୍ଚ୍ଚ ଅଟକଳ ଅନୁମୋଦନ କରାଯାଇଛି। ହବିଷ୍ୟାଳି ମା'ମାନଙ୍କ ପାଇଁ ଦୀର୍ଘ ଏକ ମାସ ଧରି ପୁରୀରେ ବିଭିନ୍ନ ହବିଷ୍ୟାଳି କେନ୍ଦ୍ର ମାନଙ୍କରେ ସୁରକ୍ଷିତ ରହଣି ବ୍ୟବସ୍ଥା, ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ, ମହାପ୍ରସାଦ ସେବନ, ଭଜନ-କୀର୍ତ୍ତନ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପମାନ ନିଆଯିବାର ଯୋଜନା ରହିଛି। ଏଥିସହ ପବିତ୍ର କାର୍ତ୍ତିକ ମାସରେ ହବିଷ୍ୟାଳି ମା'ମାନେ ଯେପରି ନିଜର ବ୍ରତ ପାଳନ ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନହୁଅନ୍ତି ଏହାକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

ଚଳିତ ବର୍ଷ ଅକ୍ଟୋବର ମାସ ୧୮ ତାରିଖରୁ କାର୍ତ୍ତିକ ମାସ ବ୍ରତ ଆରମ୍ଭ ହେବ। ଏହି ସମୟରେ ପୁରୀରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଥିବାରୁ ସରକାରଙ୍କ ତରଫରୁ ବିଶେଷ ଭାବରେ ହବିଷ୍ୟାଳି ମା'ମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଗାଡ଼ି ବ୍ୟବସ୍ଥା ଓ ସ୍ୱେଚ୍ଛାସେବୀ ମୁତୟନ କରିବା, ଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ ଆଦିକୁ ଅଗ୍ରାଧିକାର



ଭିତ୍ତିରେ ସୁନିଶ୍ଚିତ କରାଯିବ ବୋଲି ସୂଚନା ମିଳିଛି।

ଅକ୍ଟୋବର ୧୪ରୁ ଶ୍ରୀମନ୍ଦିରରେ କାର୍ତ୍ତିକ ମାସ ବାଲଧୂପ ନୀତି ସହ ମହାପ୍ରଭୁଙ୍କ ରାଧା ଦାମୋଦର (ରାଇଦାମୋଦର) ବେଶ ଆରମ୍ଭ ହେବ। ପ୍ରତିବର୍ଷ ଭଳି ଚଳିତବର୍ଷ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ମାସେ ବ୍ୟାପୀ ପ୍ରତିଦିନ ଶ୍ରୀବିଗ୍ରହ ରାଧାଦାମୋଦର ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ। ଏଥିପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ସ୍ଥିର ହୋଇଛି। କାର୍ତ୍ତିକ ମାସରେ ରାଇଦାମୋଦର ବ୍ରତ ବା ହବିଷ୍ୟାଳି ବ୍ରତ ପାଳନ ପାଇଁ ହଜାର ହଜାର ସଂଖ୍ୟାରେ ହବିଷ୍ୟାଳି ଶ୍ରୀକ୍ଷେତ୍ରକୁ ଆସିବେ। ଏଣୁ କାର୍ତ୍ତିକ ନୀତିକାନ୍ତି ଓ ହବିଷ୍ୟାଳିଙ୍କ ରହଣିକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିବା ଲାଗି ପଦକ୍ଷେପ ନିଆଯାଉଛି। ଏ ବର୍ଷ ଅଢ଼େଇ ହଜାର ହବିଷ୍ୟାଳିଙ୍କ ରହିବା ବ୍ୟବସ୍ଥା କରାଯିବ। ଯେଉଁମାନେ ପୂର୍ବରୁ ହବିଷ୍ୟାଳି ଯୋଜନାରେ ସାମିଲ୍ ହୋଇନାହାନ୍ତି, ସେମାନଙ୍କୁ ଏଥର ଅଗ୍ରାଧିକାର ଦିଆଯିବ ବୋଲି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ହବିଷ୍ୟାଳିଙ୍କ ରହଣି ଓ କାର୍ତ୍ତିକ ବ୍ରତ ନୀତିକାନ୍ତି ଉପରେ ସୋମବାର ଜିଲ୍ଲା ପ୍ରଶାସନର ପ୍ରାକ୍ ପ୍ରସ୍ତୁତି ବୈଠକ ହୋଇଥିବାର ସୂଚନା ଦେଇ ଜିଲ୍ଲାପାଳ କହିଥିଲେ, ସଂପୃକ୍ତ ସେବାୟତ ନିଯୋଗ ଓ ଅନ୍ୟ ଅଧିକାରୀଙ୍କ ସହ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି। ଚଳିତବର୍ଷ ହବିଷ୍ୟାଳି ମା'ମାନଙ୍କ ପାଇଁ ବୃନ୍ଦାବତୀ ନିବାସ, ଅକ୍ଷୟପାତ୍ର ଫାଉଣ୍ଡେସନ୍, ବାଗେଡ଼ିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପରେ ରହିବା ବ୍ୟବସ୍ଥା କରାଯାଉଛି। ହବିଷ୍ୟାଳି ମା'ମାନଙ୍କର ନାମ ପଞ୍ଜୀକରଣ, ରହଣି, ସ୍ୱାସ୍ଥ୍ୟ ଓ ପରିମଳ, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ସନ୍ଧ୍ୟାରେ ଭଜନ, ପ୍ରବଚନ ଆଦିର ସୁବ୍ୟବସ୍ଥା କରାଯିବ।

# ଭଦ୍ରକରେ ଆଜିଠାରୁ ଇଣ୍ଟରନେଟ ସ୍ୱାଭାବିକ

**ଭଦ୍ରକ,୧।୧୦(ମହାଭାରତ):** ସାମାଜିକ ଗଣମାଧ୍ୟମରେ ବିବାଦୀୟ ପୋଷ୍ଟକୁ ନେଇ ଉତ୍ତେଜନା ଘଟଣା ପରେ ଏବେ କ୍ରମଶଃ ଭଦ୍ରକକୁ ଶାନ୍ତି ଫେରୁଛି। ସ୍ଥିତି ପୂର୍ବବତ୍ ସ୍ୱାଭାବିକ୍ ହେବାରେ ଲାଗିଛି। ସ୍ଥିତିର ସମୀକ୍ଷା ପାଇଁ ଆଜି ଭଦ୍ରକ ଗସ୍ତରେ ଆସିଛନ୍ତି ପୋଲିସ ଡିଜି ୱାଇ.ବି. ଖୁରାନିଆ। ସେ ପ୍ରଥମେ ଧାମନଗରରେ ପହଞ୍ଚି ଧାମନଗର ଥାନାରେ ପୋଲିସର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ସ୍ଥିତିର ସମୀକ୍ଷା କରିଛନ୍ତି। ଏହି ସମୟରେ ସେଠାରେ ପୂର୍ବାଞ୍ଚଳ ଡିଆଇଜି ଡଃ. ସତ୍ୟଜିତ ନାୟକ ଓ ଭଦ୍ରକ ଏସ୍‌ପି ବରୁଣ ଗୁଣ୍ଟୁପାଲି ମଧ୍ୟ ଉପସ୍ଥିତ ଥିଲେ। ସମୀକ୍ଷା ପରେ ସୋସିଆଲ ମିଡ଼ିଆରୁ ଦୂରେଇ ରହିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ପୋଲିସ ଡିଜି। ଏଥି ସହିତ କୌଣସି ପ୍ରକାର ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ। ଅଯଥା କମେଣ୍ଟ କରନ୍ତୁ ନାହିଁ। ସାଧାରଣ ଲୋକ ଭୟଭିତ ହେବାର ଆବଶ୍ୟକତା ନାହିଁ ବୋଲି ଡ଼ିଜି କହିଛନ୍ତି। ପୋଲିସ ଗୁରୁଦାୟିତ୍ୱ ତୁଲାଉଛି। ନିଶ୍ଚିତ ସ୍ଥିତିରେ ସୁଧାର



ଆସିବ ବୋଲି ଡିଜିପି କହିଛନ୍ତି। ଘଟଣା ପର ଠାରୁ ଜିଲ୍ଲାରେ ଇଂଟରନେଟ୍ ସେବା ବନ୍ଦ ରହିଥିବା ବେଳେ ମଙ୍ଗଳବାର ମଧ୍ୟରାତ୍ରିରୁ ସ୍ୱାଭାବିକ ହେବ ବୋଲି ସେ ସୂଚନା ଦେଇଛନ୍ତି। ପରେ ଡିଜିପି ମଧ୍ୟାହ୍ନରେ ଭଦ୍ରକରେ ଆଉ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ।

ଅନ୍ୟପକ୍ଷରେ ଘଟଣାରେ ବର୍ତ୍ତମାନ ସୁଦ୍ଧା ଗିରଫଙ୍କ ସଂଖ୍ୟା ୨୭ରେ ପହଞ୍ଚିଲାଣି। ଭଦ୍ରକରୁ ୧୦ ଜଣ ଓ ଧାମନଗର ଥାନା ଅଞ୍ଚଳରୁ ୧୭ ଜଣଙ୍କୁ ଗିରଫ କରାଯାଇଛି। ଭଦ୍ରକର ପୁରୁଣାବଜାର, ଧାମନଗର ବିଜ୍ଞାପିତ ଅଞ୍ଚଳ ଏବଂ ଧାମନଗରର ଦୋବଲ ଓ ଏହାର ଆଖପାଖ ଅଞ୍ଚଳରେ ଧାରା ୧୬୩ ବଳବତ୍ତର ରହିଛି। ହେଲେ ଏସବୁ ଅଞ୍ଚଳରେ ସକାଳ ୬ଟା ଠାରୁ ରାତି ୮ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକର ପୁରୁଣାବଜାରରେ ୧୨ ପ୍ଲାଟୁନ୍ ଫୋର୍ସ ଓ ୧ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ। ଧାମନଗରରେ ୬ ପ୍ଲାଟୁନ୍ ଫୋର୍ସ ସହିତ ୧ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ମୁତୟନ ଅଛନ୍ତି। ସ୍ଥିତିକୁ ଦେଖି କୋହଳ କରାଯାଉଛି କଟକଣା। ସମ୍ବେଦନଶୀଳ ସ୍ଥାନ ଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିଛି ପୋଲିସ।

ସାମାଜିକ ଗଣମାଧ୍ୟମରେ ବିବାଦୀୟ ପୋଷ୍ଟକୁ ନେଇ ମୁଖ୍ୟ ଅଭିଯୁକ୍ତର ଗିରଫ ଦାବିରେ ସେପ୍ଟେମ୍ବର ୨୭ ତାରିଖରେ ଭଦ୍ରକ ପୁରୁଣାବଜାର ଥାନା ଅନ୍ତର୍ଗତ ନଙ୍ଗାମହଲା ଅଂଚଳର ସନ୍ତିଆ ପୋଲ ନିକଟରେ ଏକ ସଂଖ୍ୟାଲଘୁ ଗୋଷ୍ଠୀର ଶତାଧିକ ଲୋକ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। ଘଟଣା ପରେ ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଛି। ରାପିଡ୍ ଆକ୍ସନ ଫୋର୍ସ ଓ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ ସହିତ ନିୟମିତ ପାଟ୍ରୋଲିଂ ଓ ବ୍ଲକିଂ କରାଯାଉଛି।

# ରାଜ୍ୟରେ ଲାଗୁ ହେବ ଆୟୁଷ୍ମାନ ଯୋଜନା

**ଭୁବନେଶ୍ୱର,୧।୧୦(ମହାଭାରତ):** ରାଜ୍ୟର ବିଜେପି ସରକାର ଖୁବଶୀଘ୍ର ଉଭୟ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ସହ ନିଜସ୍ୱ ଯୋଜନା ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାକୁ ଓଡ଼ିଶାରେ କାର୍ଯ୍ୟକ୍ଷମ କରିବ। ଏଥିରେ ରାଜ୍ୟର ୧କୋଟି ପରିବାରର ସାଢ଼େ ୩କୋଟି ଲୋକଙ୍କୁ ବ୍ୟକ୍ତିଗତ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯିବ। ଏହି କାର୍ଡ ଜରିଆରେ ଦେଶର ୨୭ହଜାରରୁ ଅଧିକ ହସ୍ପିଟାଲରେ କ୍ୟାସଲେସ୍ ସ୍ୱାସ୍ଥ୍ୟ ସେବା ସୁବିଧା ରାଜ୍ୟବାସୀଙ୍କୁ ମିଳିବ। ୭୦ବର୍ଷ ବୟସରୁ ଊର୍ଦ୍ଧ୍ୱ ସମସ୍ତ ବୟସ୍କ ବ୍ୟକ୍ତିଙ୍କୁ ମଧ୍ୟ ଏହି ସ୍ୱାସ୍ଥ୍ୟବୀମା ସୁବିଧା ମିଳିବ। ଆଜି ଏହି ସୂଚନା ଦେଇଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ଖୁବଶୀଘ୍ର ନ୍ୟାସନାଲ ଡିଜିଟାଲ ହେଲଥ୍ ମିଶନରେ ଓଡ଼ିଶା ସାମିଲ ହେବ। ଏହା ଜରିଆରେ ରାଜ୍ୟର ସବୁ ସ୍ୱାସ୍ଥ୍ୟ ଅନୁଷ୍ଠାନ, ରୋଗୀଙ୍କ ତଥ୍ୟର ଡିଜିଟାଲ ମ୍ୟାପିଙ୍ଗ୍ ମଧ୍ୟ ହୋଇପାରିବ। ପ୍ରତି ରୋଗୀଙ୍କୁ ଏକକ ପରିଚୟ ପତ୍ର ଦିଆଯିବ। ଏଥିରେ ସେମାନଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସବୁ ତଥ୍ୟ ରହିବ। ଏପରିକି ଏହି କାର୍ଡ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହ ମଧ୍ୟ ସଂଶ୍ଳିଷ୍ଟ ରହିବ। ଫଳରେ ରୋଗୀମାନେ ଡାକ୍ତରଙ୍କ ପାଖକୁ ଯିବାବେଳେ ସେମାନଙ୍କର ସମସ୍ତ ସ୍ୱାସ୍ଥ୍ୟଗତ ତଥ୍ୟ ଡାକ୍ତର ଜାଣିପାରିବେ। ଏଥିପାଇଁ ରାଜ୍ୟ ବଜେଟରେ ବ୍ୟୟବରାଦ ହୋଇଛି। ଏବେ ଏନେଇ କାର୍ଯ୍ୟ ଚାଲିଛି। ଖୁବଶୀଘ୍ର ଏହା ପ୍ରଚଳନ କରାଯିବ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାକୁ ରାଜ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ଏବେ ବ୍ୟାକଏଣ୍ଡରେ ଡାଟା କାମ ଚାଲିଛି। ରାଜ୍ୟର ଏକ କୋଟି ପରିବାରର ସାଢ଼େ ୩ କୋଟି ଲୋକଙ୍କୁ ମିଳିବ ବ୍ୟକ୍ତିଗତ ସ୍ୱାସ୍ଥ୍ୟ କାର୍ଡ। ଏହା ଏକ କମନ୍ କାର୍ଡ ହେବ। ଆୟୁଷ୍ମାନ ଭାରତ ଯୋଜନାରେ ୬୭ଲକ୍ଷ ପରିବାର ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ୩୩ଲକ୍ଷ ପରିବାରକୁ ସ୍ୱାସ୍ଥ୍ୟବୀମାରେ ସାମିଲ କରାଯିବ।







## ସାଗୁ ଦାନା ବର୍ଫି

ଆବଶ୍ୟକ ଉପକରଣ: ସାଗୁ ଦାନା, କ୍ଷୀର, ଚିନି, ଗୁଜରାତି ଗୁଣ୍ଡ, ଘିଅ, ଡ୍ରାଏ ଫ୍ରୁଟସ୍।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାନ୍ତୁ। ଏହା ସାମାନ୍ୟ



ଗରମ ହେବା ପରେ ସେଥିରେ ସାଗୁ ଦାନା ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ହାଲକା ଫ୍ରାଏ କରନ୍ତୁ। ଏହା କ୍ରିସପି ହୋଇଯିବା ପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ। ଏହାପରେ ଏହାକୁ ଏକ ପାତ୍ରରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡି କରି ଭଲ ପାଉଡର ପ୍ରସ୍ତୁତ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ କ୍ଷୀର ଗରମ କରନ୍ତୁ। ଏହାକୁ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଆସ୍ତେ ଆସ୍ତେ ଗାଢ଼ା ହୋଇଯିବା ପରେ ସେଥିରେ ଚିନିକୁ ମିଶାନ୍ତୁ। ଏହା ଭଲ ଭାବେ ମିଶିଯିବା ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଆଉ ଏକ ପ୍ୟାନ୍‌ରେ ଘିଅ ନେଇ ସେଥିରେ ସାଗୁ ଦାନା ପାଉଡରକୁ ପକାଇ ସିମ୍‌ରେ ଭଲ ଭାବେ ଭାଜନ୍ତୁ। ଏହା ହାଲକା ବାଦାମୀ ରଙ୍ଗର ହୋଇଯିବା ପରେ ସେଥିରେ କ୍ଷୀର, ଚିନିର ମିଶ୍ରଣକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏହା ଉପରେ ଗୁଜରାତି ଗୁଣ୍ଡ ପକାନ୍ତୁ। ଏହାପରେ ଏହାକୁ ଏକ ପ୍ଲେଟରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହା ଉପରେ ଡ୍ରାଏ ଫ୍ରୁଟସ୍ ପକାଇ ସଜାଇ ଦିଅନ୍ତୁ। ଏହାପରେ ନିଜ ଇଚ୍ଛା ମୁତାବକ ପିସ୍‌ରେ କାଟି ସର୍ଭ କରନ୍ତୁ।

**ଖବର**

## ଆସିଲା 'ରାଣ୍ଡିପୁଅ ଅନନ୍ତା'ର ଫାଷ୍ଟ୍ ଲୁକ୍; ୨୫ କେଜି ଓଜନ ବଢ଼ାଇଲେ ସବ୍ୟ






ଆସିଲା 'ରାଣ୍ଡିପୁଅ ଅନନ୍ତା' ଚଳଚ୍ଚିତ୍ରର ଫାଷ୍ଟ୍ ଲୁକ୍। ଆଜି ରିଲିଜ ହେଲା ଫିଲ୍ମର ପୋଷ୍ଟର। ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଏହି କାଳଜୟୀ ଗଳ୍ପ 'ରାଣ୍ଡିପୁଅ ଅନନ୍ତା' ଚଳଚ୍ଚିତ୍ର ରୂପ ନେଉଛି। ଏଥିରେ ମୁଖ୍ୟ ଚରିତ୍ରରେ ଅଛନ୍ତି ଓଲିଉଡ୍‌ର ହ୍ୟାଣ୍ଡସମ୍ ହିରୋ ସବ୍ୟସାଚୀ ମିଶ୍ର। ଶୁଣିବାକୁ ମିଳୁଛି, ଅନନ୍ତା ଚରିତ୍ରରେ ଆସୁଥିବା ସବ୍ୟସାଚୀ ଏଥିପାଇଁ ନିଜର ଓଜନ ୧୦୦ କେଜି କରିଛନ୍ତି। ପୋଷ୍ଟରରେ ତାଙ୍କ ପୃଥଳକାୟ ପେଟ ସମସ୍ତଙ୍କୁ ନିଶ୍ଚିତ ହସର ଖୋରାକ ଯୋଗାଇବ। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଜାତୀୟ ପୁରସ୍କାର ପ୍ରାପ୍ତ ମହାନ୍ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର। 'ରାଣ୍ଡିପୁଅ ଅନନ୍ତା' ଚଳଚ୍ଚିତ୍ରର ପୋଷ୍ଟର ରିଲିଜ୍ ନେଇ ସବ୍ୟସାଚୀ ମିଶ୍ର ସୋଶାଲ୍ ମିଡ଼ିଆ ଜରିଏ ଲେଖିଛନ୍ତି, ବୋଧେ ମୋ ଭାଗ୍ୟରେ ଥିଲା ବୋଲି ଓଡ଼ିଶାର ବରପୁତ୍ର ବ୍ୟାସକବି ଫକୀର ମୋହନ ସେନାପତିଙ୍କ ବଳିଷ୍ଠ କାହାଣୀ ଉପରେ ଚଳଚ୍ଚିତ୍ର କରିବାର ସୁଯୋଗ ପାଇଲି। ଆଉ ତାହା ପୁଣି ଅନେକ ନ୍ୟାସନାଲ୍ ପୁରସ୍କାର ଓଡ଼ିଶାକୁ ଆଣିଥିବା ଆମ ପ୍ରିୟ ଓ ପ୍ରସିଦ୍ଧ ନିର୍ଦ୍ଦେଶକ ଶ୍ରୀ ସବ୍ୟସାଚୀ ମହାପାତ୍ର ମହୋଦୟଙ୍କଠାରୁ। ସେ ଆହୁରି ଲେଖିଛନ୍ତି, ମୋ ନୂଆ ସିନେମା ମୋ ନୂଆ ପରିଚୟ ହେଉ, ସେତିକି ପ୍ରାର୍ଥନା। ଏହି ଅନନ୍ତା ଚରିତ୍ର ପାଇଁ ଅନେକ ମାସରୁ ପେଟ ବଢାଉ ଥିଲି ଓ ପେଟ ଭିତରେ ଏହି ସିନେମା ବିଷୟ ଲୁଚେଇ ରଖିଥିଲି। ଆପଣଙ୍କୁ ଜଣାଇନଥିଲି। ଏକାଥରେ ଫାଷ୍ଟ ଲୁକ୍ରେ ଆପଣଙ୍କୁ ସରପ୍ରାଇଜ ଦେବାର ଇଚ୍ଛା ଥିଲା। ଆଶା ଆପଣଙ୍କୁ ମୋ ଲୁକ୍ ମାଧ୍ୟମରେ ସରପ୍ରାଇଜ ଦେଇ ପାରିଛି ବୋଲି ସବ୍ୟସାଚୀ ଲେଖିଛନ୍ତି।

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଏହି କାଳଜୟୀ ଗଳ୍ପ 'ରାଣ୍ଡିପୁଅ ଅନନ୍ତା'କୁ ନେଇ ଅନେକ ଟେଲି ଫିଲ୍ମ ନିର୍ମାଣ ହୋଇଛି। ହେଲେ ପ୍ରଥମ ଥର ପାଇଁ ଚଳଚ୍ଚିତ୍ରର ରୂପ ନେଉଛି। ଏହି ଫିଲ୍ମ ପାଇଁ ସବ୍ୟସାଚୀ ମିଶ୍ରଙ୍କୁ ୧୦୦ କେଜି ଓଜନ କରିବାକୁ କହିଥିଲେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର। ଏଥିରେ ରାଜି ହୋଇଥିଲେ ସବ୍ୟସାଚୀୟ ଆଉ ତା'ପରେ ସବ୍ୟ ନିଜର ଓଜନ ବାଢବାରେ ଲାଗିଲେ। ସବ୍ୟଙ୍କ ଓଜନ ଥିଲା ୭୫ କେଜି। ହେଲେ ଗତ ୨୬ ତାରିଖରେ ପୋଷ୍ଟ କରିଥିବା ଭିଡିଓରେ ସବ୍ୟ ନିଜର ଓଜନ ୯୭.୩୫ କେଜି ହୋଇଥିବା ଦେଖାଇଥିଲେ। ଆଜି 'ରାଣ୍ଡିପୁଅ ଅନନ୍ତା' ଫିଲ୍ମର ପୋଷ୍ଟର ସାମ୍ନାକୁ ଆସିଛି। ଏଥିରେ ସବ୍ୟଙ୍କ ପୃଥଳକାୟ ପେଟ ଦେଖିବାକୁ ମିଳିଛି।

## ମା' ବ୍ରହ୍ମଚାରିଣୀଙ୍କ ଉପାସନା



ନବରାତ୍ରିର ଦ୍ୱିତୀୟ ଦିନରେ ମାଁ ବ୍ରହ୍ମଚାରିଣୀଙ୍କୁ ଆବାହନ କରାଯାଏ। ବ୍ରହ୍ମଚାରିଣୀ ଅତ୍ୟନ୍ତ ଉଜ୍ଜ୍ୱଳ ଓ ରାଜସୀୟ। ମା' ପ୍ରେମ, ଜ୍ଞାନ, ଓ ବିଶ୍ୱସ୍ତତାର ପ୍ରତୀକ। ସେ ଡାହାଣ ହାତରେ ରୁଦ୍ରାକ୍ଷ ଓ ବାମ ହସ୍ତରେ କମଣ୍ଡଳୁ ଧରିଥାନ୍ତି। ବେକରେ ରୁଦ୍ରାକ୍ଷ ପିନ୍ଧନ୍ତି।

ବ୍ରହ୍ମ ଅର୍ଥ ତପ। ତାଙ୍କ ନାମ ବ୍ରହ୍ମଚାରିଣୀର ଅର୍ଥ ଯିଏ ତପ କରେ। ଶିବଙ୍କୁ ପାଇବା ପାଇଁ ସେ ଶତାଧିକ ବର୍ଷ ବିନା ଆହାରରେ ତପସ୍ୟା କରିଥିଲେ। ତାଙ୍କର ଦୃଢ଼ ତପୋବଳ ସ୍ୱର୍ଗ, ନର୍କ ଓ ପାତାଳରେ ହଲଚଲ ସୃଷ୍ଟି କରିଥିଲା। ଶେଷରେ ଶିବଙ୍କୁ ପାଇବାରେ ସେ ସକ୍ଷମ ହୋଇଥିଲେ। ମା'ଙ୍କୁ ଉପାସନା କଲେ ମାନସିକ ଶକ୍ତି ମିଳିଥାଏ, ଯାହା ମାନସିକ ସନ୍ତୁଳନ ଠିକ୍ ରଖିବା ସହ ଓ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ।

## କର୍ଣ୍ଣ କାହିଁକି ବଞ୍ଚାଇପାରିଲେନି ନିଜ ଜୀବନ ?



ପ୍ରାୟ ସମସ୍ତେ ଏକଥା ଜାଣନ୍ତି ଯେ ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ତୀରରେ ମହାଯୋଦ୍ଧା କର୍ଣ୍ଣଙ୍କ ଜୀବନ ଯାଇଥିଲା। ମାତ୍ର କେତେ ଆଶ୍ଚର୍ଯ୍ୟର କଥା କହିଲେ, ଯିଏ ନିଜ ତୀର ଚାଳନାରେ ପୃଥିବୀକୁ ଥରହର କରାଉଥିଲେ ସେ ପୁଣି ବିବଶ ହୋଇ ଅନ୍ୟର ତୀରରେ ପ୍ରାଣ ହାରିଲେ ? ଏହି ଘଟଣା ପଛରେ ଲୁଚିଛି ଏକ ସତ। ଚାଲନ୍ତୁ ଆଜି ସେ ସତ୍ୟକୁ ଜାଣିବା। ଯୁଦ୍ଧବିଦ୍ୟାରେ ପାରଙ୍ଗମ ପର୍ଶୁରାମଙ୍କ ପାଖରେ ଧନୁର୍ବିଦ୍ୟା ଶିଖିବା ପାଇଁ ଶିଷ୍ୟଙ୍କ ଭିଡ଼ ଜମେ। ମାତ୍ର ପର୍ଶୁରାମ କେବଳ ବ୍ରାହ୍ମଣ ପିଲାଙ୍କୁ ବିଦ୍ୟାଦାନ କରୁଥିଲେ। କର୍ଣ୍ଣ ବ୍ରାହ୍ମଣ ନଥିଲେ, ମାତ୍ର ପର୍ଶୁରାମଙ୍କଠାରୁ ଧର୍ନୁଚାଳନା ଶିଖିବାରେ ତାଙ୍କର ପ୍ରବଳ ଇଚ୍ଛା ଥାଏ। ସେଥିପାଇଁ ସେ ଗୁପ୍ତ ଭାବେ ନିଜକୁ ଜଣେ ବ୍ରାହ୍ମଣ କୁଳର ପିଲା ବୋଲି ପରିଚୟ ଦେଇ ପର୍ଶୁରାମଙ୍କ ନିକଟରୁ ବିଦ୍ୟା ଗ୍ରହଣ କରିଚାଲିଲେ। କର୍ଣ୍ଣ ଧୀରେ ଧୀରେ ପାରଙ୍ଗମ ହୋଇ ଚାଲୁଥାନ୍ତି। ତାଙ୍କ ଖ୍ୟାତି ବି ଚାଲିଥାଏ। ଦୁର୍ଭାଗ୍ୟକୁ ଏକ ଘଟଣାଟେ ଘଟିଲା। ଦିନେ କର୍ଣ୍ଣଙ୍କ କୋଳରେ ମୁଣ୍ଡ ରଖି ପର୍ଶୁରାମ ଶୋଇଥାନ୍ତି। ହଠାତ ଗୋଟିଏ ପୋକ ଆସି ଜୋର୍ କରି କର୍ଣ୍ଣଙ୍କ ଜଙ୍ଘକୁ କାମୁଡ଼ି ଦେଲା। ହଲଚଲ୍ ହେଲେ କାଳେ ଗୁରୁ ଉଠିପଡ଼ିବେ ବୋଲି ଭାବି କର୍ଣ୍ଣ କଷ୍ଟକୁ ସମ୍ବରଣ କରି ସ୍ଥିର ହୋଇ ବସି ରହିଲେ। ପର୍ଶୁରାମଙ୍କ ନିଦ ଭାଙ୍ଗିବା ବେଳକୁ କର୍ଣ୍ଣଙ୍କ କୋଳରେ ରକ୍ତ ଜୁଡୁବୁଡୁ ହୋଇଥାଏ। ପର୍ଶୁରାମ ଉଠିବା ମାତ୍ରେ କର୍ଣ୍ଣ ରାଗରେ ଆସି ପୋକଟିକୁ ହାତରେ ଚିପି ମାରିଦେଲେ। ପର୍ଶୁରାମ ଆଶ୍ଚର୍ଯ୍ୟ ହୋଇଗଲେ। ଜଣେ ବ୍ରାହ୍ମଣ ହୋଇ ଏକ ଜୀବକୁ ଏତେ ନିର୍ମମ ଭାବେ ଯେ ସେ କିପରି ହତ୍ୟା କଲେ ତାହା ତାଙ୍କର ବିଶ୍ୱାସ ହେଲା ନାହିଁ। ସେ କର୍ଣ୍ଣଙ୍କୁ ତାଙ୍କର ପ୍ରକୃତ ପରିଚୟ ଦେବାକୁ କହିଲେ। ଆହୁରି ବି କହିଲେ ଯେ ତୁମେ ଯଦି ବାସ୍ତବରେ ବ୍ରାହ୍ମଣ ହୋଇଥାନ୍ତ ତେବେ ଏତେ ସମୟ ଧରି ପୋକ କାମୁଡ଼ା କଷ୍ଟ କେବେ ବି ସହ୍ୟ କରିପାରି ନଥାନ୍ତ। ବ୍ରାହ୍ମଣମାନେ ଖୁବ୍ ସୁକ୍ଷ୍ମ ହୋଇଥାନ୍ତି। ତାଙ୍କୁ ଭଗବାନ ଯନ୍ତ୍ରଣା ସହ୍ୟ କରିବା କ୍ଷମତା ଦେଇନାହାନ୍ତି। ଗୁରୁଙ୍କ ମୁହଁରୁ ଏକଥା ଶୁଣି କର୍ଣ୍ଣ ସତ ମାନିଗଲେ। ପର୍ଶୁରାମ କର୍ଣ୍ଣଙ୍କର କପଟରେ କ୍ଷୁବ୍ଧ ହୋଇ ତାଙ୍କୁ ଅଭିଶାପ ଦେଲେ। କହିଲେ କି ଯେମିତି କପଟ କରି ତୁମେ ମୋଠାରୁ ଜ୍ଞାନ ଅର୍ଜନ କରିଛ ସେମିତି ଏକ କପଟ ହେତୁ ତୁମେ ମୃତ୍ୟୁ ବରଣ କରିବ ପଛେ ତୁମ ଜ୍ଞାନ ତୁମକୁ ବଞ୍ଚାଇ ପାରିବ ନାହିଁ। ଉଚିତ ସମୟରେ ତୁମେ ଧର୍ନୁଚାଳନା ଭୁଲିଯିବ। ସେମିତି ହିଁ ହେଲା ମହାଭାରତ ଯୁଦ୍ଧ ସମୟରେ ହଠାତ କର୍ଣ୍ଣଙ୍କ ରଥ ଚକା ଖସିଯିବାରୁ ସେ ଚକା ଠିକ୍ କରୁ କରୁ ଧନୁ ଚଳାଇବା ଭୁଲିଯିବା ହେତୁ ଅର୍ଜୁନ ହାତରେ ତାଙ୍କ ପ୍ରାଣ ଗଲା।

## ମହର୍ଷି କପିଳ ଓ ପଞ୍ଚ ରତ୍ନ



ମହର୍ଷି କପିଳ ପ୍ରତିଦିନ ନିଜ ଆଶ୍ରମରୁ ଗଙ୍ଗା ସ୍ନାନ କରିବା ପାଇଁ ଯାଉଥିବା ମାର୍ଗରେ ଏକ ଛୋଟିଆ ଗାଁ ପଡିଥାଏ। ଯେଉଁଠାରେ କିଛି କୃଷକ ପରିବାର ରହୁଥିଲେ। ଯେଉଁ ମାର୍ଗରେ ମହର୍ଷି କପିଳ ସ୍ନାନ କରିବା ପାଇଁ ଯାଉଥିଲେ ସେହି ମାର୍ଗରେ ଜଣେ ବିଧବା ବ୍ରାହ୍ମଣୀର କୁଟିଆ ମଧ୍ୟ ପଡୁଥିଲା। ସେହି ମାର୍ଗରେ ଯିବା ସମୟରେ ସେହି ବିଧବା ବ୍ରାହ୍ମଣୀ ଜଣକ କେବେ ଚରଖା କାଟୁଥିଲେ ତ କେବେ ଧାନ କୁଟିଥିବାର ଦୃଶ୍ୟ। ଦିନେ ବିଚଳିତ ହୋଇ ମହର୍ଷି ଉକ୍ତ ବ୍ରାହ୍ମଣୀଙ୍କୁ ଏହାର କାରଣ ପଚାରିଥିଲେ। ପଚାରିବାରେ ଜଣାପଡିଥିଲା ଯେ, ବ୍ରାହ୍ମଣୀ ଘରେ ତାଙ୍କ ପତିଙ୍କ ବିନା ଆଉ କେହି ରୋଜଗାରିଆ ନଥିଲେ। ପତିଙ୍କ ମୃତ୍ୟୁ ପରେ ପରିବାରର ଭରଣପୋଷଣ ଦାୟିତ୍ୱ ତାଙ୍କ ଉପରେ।

ବ୍ରାହ୍ମଣୀର ଏହି ଅବସ୍ଥା ଦେଖି କପିଳ ମୁନିଙ୍କର ଦୟା ଆସିଥିଲା ଏବଂ ସେ ବ୍ରାହ୍ମଣୀ ପାଖକୁ ଯାଇ ଦେବୀ! ମୋ ଏଇ ନିକଟରେ ଥିବା ଆଶ୍ରମର କୁଳପତି କପିଳ। ମୋର ଅନେକ ଶିଷ୍ୟ ରହିଛନ୍ତି ଯେଉଁମାନେ କି ରାଜପରିବାର। ଯଦି ତୁମେ ଚାହିଁବ ତେବେ ମୁଁ ତୁମ ରୋଜଗାରର ସ୍ଥାୟୀ ବ୍ୟବସ୍ଥା କରିପାରିବି। ତୁମର ଏହି ଅସହାୟ ଅବସ୍ଥା ମୁଁ ଦେଖି ପାରୁନାହିଁ।

ବ୍ରାହ୍ମଣୀ ହାତଯୋଡ଼ି ମହର୍ଷିଙ୍କ ପ୍ରତି ଆଭାରବ୍ୟକ୍ତ କରି କହିଥିଲା- ମୁନିବର, ଆପଣଙ୍କର ଏହି ଦୟାଳୁତା ମୁଁ ଆପରଣଙ୍କର କୃତଜ୍ଞ। କିନ୍ତୁ ଆପଣ ମୋତେ ଚିହ୍ନିବାରେ ଭୁଲ୍ କରିଛନ୍ତି। ନା ମୁଁ ଅସହାୟ ନା ନିର୍ଧନ। ଆପଣ ହୁଏତ ଦେଖିନାହାନ୍ତି। ମୋ ପାଖରେ ଏପରି ୫ଟି ରତ୍ନ ରହିଛି ଯେଉଁଥିରେ ମୁଁ ଚାହିଁଲେ ରାଣୀ ପରି ଜୀବନଯାପନ କରିପାରିବି। କିନ୍ତୁ ମୁଁ ଏପର୍ଯ୍ୟନ୍ତ ଏହାର ଆବଶ୍ୟକତା ଅନୁଭବ କରିନାହିଁ। ତେଣୁ ମୁଁ ପାଞ୍ଚ ରତ୍ନକୁ ମୋ ନିକଟରେ ସୁରକ୍ଷିତ ରଖିଛି। କପିଳ ମୁନି ବିଧବା ବ୍ରାହ୍ମଣୀଙ୍କର କଥା ଶୁଣି ଆଶ୍ଚର୍ଯ୍ୟଚକିତ ହୋଇଗଲେ ଏବଂ କହିଲେ ଦେବୀ! ଯଦି ଆପଣ ଅନୁଚିତ ନ ଭାବିବେ ତେବେ ଆପଣଙ୍କର ପାଞ୍ଚ ଅମୂଲ୍ୟ ରତ୍ନ ମୋତେ ଦେଖାଇପାରିବେ ? ଆପଣଙ୍କ ପାଖରେ ଏପରି କ'ଣ ଅମୂଲ୍ୟ ରତ୍ନ ରହିଛି ତାହା ଦେଖିବାକୁ ଚାହୁଁଛି।

ବ୍ରାହ୍ମଣୀ ଆସନ ବିଛାଇ ମୁନିବରଙ୍କୁ ବସିବାକୁ କହିଲେ। ଏହାପରେ ସେ ମୁନିବରଙ୍କୁ ରତ୍ନ ଦେଖାଇବା ପାଇଁ କହି ଚରଖା କାଟିବାକୁ ଲାଗିଲେ। କିଛି ସମୟରେ ପରେ ବ୍ରାହ୍ମଣୀଙ୍କର ପାଞ୍ଚପୁତ୍ର ବିଦ୍ୟାଳୟରୁ ଫେରିଲେ। ସେମାନେ ଆସି ମହର୍ଷି ଏବଂ ମା'ଙ୍କ ପାଦ ଛୁଇଁ କହିଲେ ମା' ଆମେ ଆଜି ମଧ କାହାକୁ ମିଥ୍ୟା କହିନାହୁଁ। କାହାକୁ କଟୁ ବଚନ କହିନାହୁଁ, ଗୁରୁଦେବ ଯାହା ଶିକ୍ଷା ଦେଲେ ଏବଂ କହିଲେ ଏହାକୁ ପରିଶ୍ରମ ପୂର୍ବକ ପୂରା କଲୁ।

ମହର୍ଷି କପିଳଙ୍କୁ ଆଉ କୌଣସି ଉତ୍ତର ପାଇବା ପାଇଁ ଆବଶ୍ୟକ ପଡ଼ିଲା ନାହିଁ। ସେ ବ୍ରାହ୍ମଣୀଙ୍କୁ ପ୍ରଣାମ କରି କହିଥିଲେ ଦେବୀ! ବାସ୍ତବରେ ଆପଣଙ୍କ ପାଖରେ ଅତି ବହୁମୂଲ୍ୟ ରତ୍ନ ରହିଛି। ଏପରି ଅନୁଶାସିତ ପିଲା ଯେଉଁ ଘରେ ବା ଦେଶରେ ଥିବେ ଆଉ କୌଣସି ଚିନ୍ତା କରିବାକୁ ପଡ଼ିବ ନାହିଁ।

## କଦଳୀ ନିୟମିତ ଖାଇବା କ୍ଷତିକାରକ !

କଦଳୀ ଏମିତି ଏକ ଫଳ ଯାହା ପ୍ରାୟ ଅଧିକାଂଶ ଲୋକଙ୍କୁ ପସନ୍ଦ। ସାରା ଦୁନିଆରେ ସର୍ବାଧିକ ଖିଆଯାଉଥିବା ଫଳ ହେଲା କଦଳୀ। କଦଳୀର ଅନେକ



ସ୍ୱାସ୍ଥ୍ୟଗତ ଫାଇଦା ମଧ୍ୟ ରହିଛି। ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ତାଛଡା ଶ୍ୱାସ ରୋଗ ଓ କ୍ୟାନସର ରୋଗୀଙ୍କ ପାଇଁ ମଧ୍ୟ ପ୍ରଭାବଶାଳୀ। କଦଳୀର ଅନେକ ଲାଭ ରହିଛି। ତେବେ କୌଣସି ବି ଜିନିଷ ଅଧିକ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ସେହିଭଳି ଅଧିକ ମାତ୍ରାରେ କଦଳୀ ସେବନ ମଧ୍ୟ ଶରୀର ପାଇଁ ହାନିକାରକ ହୋଇଥାଏ। ଅଧିକ କଦଳୀ ସେବନ କରିବା ଦ୍ୱାରା ଓଜନ ବଢିଥାଏ। ଓଜନ ବଢିବା ଚିନ୍ତାଜନକ ବିଷୟ। ମୁଖ୍ୟତଃ ସନ୍ଧ୍ୟା ସମୟରେ କଦଳୀ ସେବନ କରିବା କିମ୍ବା ଅଧିକ ମାତ୍ରାରେ କଦଳୀ ସେବନ କଲେ ଶରୀରରେ ଏକ୍ସଟ୍ରା ଫ୍ୟାଟ ସୃଷ୍ଟି କରିଥାଏ ଯାହା ଶରୀର ପାଇଁ ହାନିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣ ଓଜନ ବଢାଇବାକୁ ଚାହୁଁଛନ୍ତି ତାହେଲେ କଦଳୀ ସର୍ବୋତ୍ତମ। କଦଳୀରେ ପ୍ରାକୃତିକ ଶର୍କରା ବା ନାଚୁରାଲ ସୁଗାର ରହିଛି। ସେଥିପାଇଁ ଅଧିକ କଦଳୀ ସେବନ କ୍ଷତିକାରକ ହୋଇପାରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଘାତକ ପ୍ରମାଣିତ ହୋଇପାରେ। ଶ୍ୱାସ ରୋଗୀ କଦଳୀ ସେବନ କରିବା ଅନୁଚିତ। ଯଦି ଆପଣ ଜିମରେ ବ୍ୟାୟମ କରୁଛନ୍ତି କିମ୍ବା ଦୌଡୁଛନ୍ତି ତେବେ ଦିନକୁ ୩-୪ କଦଳୀ ଆପଣଙ୍କ ପାଇଁ ସ୍ୱାସ୍ଥ୍ୟକର। କିନ୍ତୁ ଯଦି ଆପଣ କିଛି ୱାର୍କଆଉଟ କିମ୍ବା ବ୍ୟାୟାମ କରୁନାହାନ୍ତି ତାହେଲେ ଦିନକୁ ଗୋଟିଏ କିମ୍ବା ଦୁଇଟି କଦଳୀ ସେବନ କରିପାରିବେ।

# ସମବାୟ ସମିତି ଗୋଟିଏ ଛାତ ତଳେ ଋଷୀଙ୍କ ଆବଶ୍ୟକତା ପୂରଣ କରିବ

**ଭୁବନେଶ୍ୱର,୧।୧୦ (ମହାଭାରତ):** ଦେଶରେ ସମବାୟ ସମିତିଗୁଡ଼ିକୁ ସଶକ୍ତ କରିବା ଏବଂ ଗ୍ରାମାଞ୍ଚଳରେ ସମବାୟ ସମିତିଗୁଡ଼ିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜାତୀୟ ସମୀକ୍ଷା ବୈଠକ ଆଜି ଭୁବନେଶ୍ୱରରେ ସଫଳତାର ସହ ଶେଷ ହୋଇଛି । ବୈଠକକୁ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉଦ୍‌ଘାଟନ କରି କହିଥିଲେ ଯେ, ସମବାୟ ସମିତ ଗୁଡକି ଗୋଟଏ ଛାତ ତଳେ ଋଷୀଙ୍କ ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ୱାନ୍ ଷ୍ଟପ୍ କେନ୍ଦ୍ର ପରିଣତ ହୋଇଛି । ସମବାୟ ମନ୍ତ୍ରଣାଳୟ ସଚିବ ଡ. ଆଶିଷ କୁମାର ଭୂଟାନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

ନିକଟରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ପ୍ରତ୍ୟେକ ଗାଁ/ ପଞ୍ଚାୟତରେ ଆରମ୍ଭ କରିଥିବା ୩ଟି ପ୍ରମୁଖ ପଦକ୍ଷେପ ଉପରେ ଏସଓପିକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବା ଏବଂ ତୃଣମୂଳ ସ୍ତରରେ ଏହି କାର୍ଯ୍ୟକୁ ଯଥାଶୀଘ୍ର ଆରମ୍ଭ କରିବା ସମ୍ପର୍କରେ ଜାତୀୟ ସମୀକ୍ଷା ବୈଠକରେ ଅନ୍ୟତମ ମୁଖ୍ୟ ବିଷୟବସ୍ତୁ ଥିଲା ।

କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ୩ଟି ପ୍ରମୁଖ ପଦକ୍ଷେପ ଉପରେ ମାନକ ପରିଋଳନା ପ୍ରକ୍ରିୟା (ଏସଓପି)ରେ ୨ ଲକ୍ଷ ନୂତନ ଏମପିଏସିଏସ, ଦୁଗ୍ଧ ଏବଂ ମତ୍ସ୍ୟ ସମବାୟ ସମିତି ଗଠନ ଓ ସୁଦୃଢ଼ୀକରଣ, 'ଶ୍ୱେତ ବିପ୍ଳବ ୨.୦' ଏବଂ 'ସମବାୟ ମଧ୍ୟରେ ସହଯୋଗ' ଉପରେ ଏସଓପି ଅନ୍ତର୍ଭୁକ୍ତ । ଦୁଇ ଦିନିଆ ସମୀକ୍ଷା ବୈଠକରେ ପ୍ୟାକ୍ସଗୁଡ଼ିକୁ ଜାତୀୟ ଓ ଅନ୍ତର୍ଜାତୀୟ ରପ୍ତାନି ପାଇଁ ସୁଯୋଗ ପ୍ରଦାନ କରି ଏକ ସକ୍ରିୟ ଆର୍ଥିକ ୟୁନିଟରେ ପରିଣତ କରିବାର ଲକ୍ଷ୍ୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା ।




ମନ୍ତ୍ରଣାଳୟର ୧୦୦ ଦିନିଆ କାର୍ଯ୍ୟ ଯୋଜନାର ସଫଳ ରୂପାୟନ ଉପରେ ଏହି ବୈଠକରେ ଆଲୋଚନା ହୋଇଥିଲା । ସମବାୟ ଷ୍ଟାର୍ଟଅପକୁ ପ୍ରୋତ୍ସାହିତ କରିବା ପାଇଁ ଯୁବବର୍ଗଙ୍କ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ବୈଠକରେ ବିଋରବିମର୍ଶ ହୋଇଥିଲା । ଆଗାମୀ ଦିନରେ ସମବାୟ ସମିତିରେ ଯୁବ ଭାଗିଦାରୀ ବୃଦ୍ଧି, ସମବାୟ ଶିକ୍ଷା ଓ ପ୍ରଶିକ୍ଷଣ ବ୍ୟବସ୍ଥାର ଆଧୁନିକୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ତୃଣମୂଳ ସ୍ତରରେ ଶକ୍ତିଶାଳୀ ଅନୁଷ୍ଠାନ ଗଠନ ଓ ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରିଥିଲେ ଯେଉଁଥିରେ ଗୁଣାତ୍ମକ ଇନପୁଟ୍, ସଂରକ୍ଷଣ ଢାଞ୍ଚା, ପ୍ରକ୍ରିୟାକରଣ ସୁବିଧା, ଋଣ ସୁବିଧା ଏବଂ ମାର୍କେଟିଂ ସୁବିଧା ଭଳି ସ୍ଥାନୀୟ ଲୋକଙ୍କ ସମସ୍ତ ମୌଳିକ ଆବଶ୍ୟକତା ପୂରଣ ହୋଇପାରିବ ।

ଅମୁଲ ଭଳି ବହୁମୁଖୀ ସମବାୟ ସମିତି ବିଷୟରେ ଉଦାହରଣ ଦେଇ ସେ କହିଥିଲେ ଯେ ସମବାୟ ମନ୍ତ୍ରଣାଳୟର ବିଭିନ୍ନ ଯୋଜନା ଓ ପଦକ୍ଷେପ ଯଥା ମଡେଲ୍ ବାଇ-ଲ', କମ୍ପ୍ୟୁଟରୀକରଣ, ଜନ ଔଷଧି କେନ୍ଦ୍ର ଏହି ସମବାୟ ସମିତିଗୁଡ଼ିକୁ ଗୋଟିଏ ଛାତ ତଳେ ଋଷୀଙ୍କ ସମସ୍ତ ଆବଶ୍ୟକତା ପୂରଣ କରୁଥିବା ୱାନ୍ ଷ୍ଟପ୍ କେନ୍ଦ୍ରରେ ପରିଣତ କରିଛି । ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ସମବାୟ ଲୋକଙ୍କ ନିଜସ୍ୱ ସଂଗଠନ ହୋଇଥିବାରୁ ସମବାୟ ସମିତିଗୁଡ଼ିକରେ ବିପୁଳ ସମ୍ଭାବନା ରହିଛି ।

ଜିଡିପିରେ ଯୋଗଦାନ ଦେବାରେ ସମବାୟ ସମିତିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସମବାୟ ମନ୍ତ୍ରଣାଳୟର ସଚିବ ଡ. ଆଶିଷ କୁମାର ଭୂଟାନୀ ଆଲୋକପାତ କରିଥିଲେ । ଏ ଦିଗରେ ସେ ସମବାୟ ମନ୍ତ୍ରଣାଳୟର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ମଡେଲ ବାଇଲ'ଗୁଡ଼ିକୁ ଗ୍ରହଣ କରି ଏମପିଏସିଏସ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ । ମଡେଲ ବାଇଲ' ଗ୍ରହଣ କରିବା ଦ୍ୱାରା ପ୍ୟାକ୍ସ ୨୫ଟି ନୂତନ ବ୍ୟବସାୟିକ ମାର୍ଗରେ କାର୍ଯ୍ୟ କରିବାରେ ସକ୍ଷମ ହୋଇଛି ଯାହା ପିଏସିଏସକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବ ।

# ପରଫରମାନ୍ସ ନ ଦେଖାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**କଟକ,୧।୧୦ (ମହାଭାରତ):** ଡିସିପି ଅଫିସରେ ପହଞ୍ଚି କଟକ ଡିସିପି ଜଗମୋହନ ମୀନାଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ପ୍ରଥମ ବୈଠକ କରିଛନ୍ତି ନୂଆ । ପୋଲିସ୍ କମିଶନର ସୁରେଶ ଦେବଦତ୍ତ ସିଂହ । ପାର୍ବଣ ସମେତ ଆଇନଶୃଙ୍ଖଳା ନେଇ ଆଲୋଚନା କରିଛନ୍ତି । ଏହି ସମୟରେ ଗାଦିମଡ଼ା ପୋଲିସ ଅଧିକାରୀଙ୍କୁ ସେ କଡ଼ା ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ପରଫରମାନ୍ସ ହେଉଛି ଆଧାର, ନ କରିପାରିଲେ ଆକ୍ସନ ନିଆଯିବ । ଏଥିସହିତ ଦୀର୍ଘଦୀନରୁ ଥିବା ଅଧିକାରୀଙ୍କ ତଥ୍ୟ ନେବି ବୋଲି କହିଛନ୍ତି ସିପି । ସେ କହିଛନ୍ତି, ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ଉପରେ ଗୁରୁତ୍ୱ ଦିଆଯିବ । ନ୍ୟାୟ ସହ ଥାନାରେ ଉତ୍ତମ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ସିପି କହିଛନ୍ତି । ସେ କହିଛନ୍ତି, ଅଭିଯୋଗକାରୀ ଥାନାର ଅତିଥି, ଉତ୍ତମ ବ୍ୟବହାର କର । ଦିନ ହେଉ କି ରାତି ତୁରନ୍ତ ଅଭିଯୋଗ ଶୁଣିବାକୁ କମିଶନର କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।

ଦଶହରା ପୂର୍ବରୁ ବଡ଼ଧରଣର ଅଦଳବଦଳ ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତୀୟ ପୋଲିସ ସେବା (ଆଇପିଏସ୍) ସ୍ତରରେ ଅଦଳବଦଳ କରାଯାଇଛି ।ୟ କଟକ-ଭୁବନେଶ୍ୱର ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କୁ ବଦଳି କରାଯାଇ ଏଡିଜି ଟ୍ରେନିଂ ଏବଂ ବିପିଏସ୍ପିଏ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି କଟକ-ଭୁବନେଶ୍ୱର ପୋଲିସ କମିଶନର ଭାବେ ସୁରେଶ ଦେବଦତ୍ତ ସିଂଙ୍କୁ ନିଯୁକ୍ତି ଦିଆଯାଇଛି । ୧୯୯୮ ବ୍ୟାଚର ବରିଷ୍ଠ ଆଇପିଏସ ସୁରେଶ ଦେବଦତ୍ତ ସିଂ ନୂତନ କମିଶନର ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଗାର୍ଡ ଅଫ ଅନର ପ୍ରଦାନ ପରେ ପୂର୍ବତନ କମିଶନର ସଞ୍ଜୀବ ପଣ୍ଡା ତାଙ୍କ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଦାୟିତ୍ୱ ଗ୍ରହଣ ପରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ଦେବଦତ୍ତ ସିଂ କହିଛନ୍ତି, ପୋଲିସ ଏକ ସାଙ୍ଗେ କଠୋର ଓ ନରମ ଆଭିମୁଖ୍ୟ ଗ୍ରହଣ କରିବ । ଅପରାଧୀଙ୍କ ପ୍ରତି କଠୋର ଓ ଲୋକଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବ । ଥାନାକୁ ଆସୁଥିବା ଲୋକଙ୍କ ପ୍ରତି ପୋଲିସ ସମ୍ବେଦନଶୀଳ ରହିବ ।

# ରାମକୃଷ୍ଣ ମିଶନରେ ମାସିକ ଆଲୋଚନାଚକ୍ର



**ଭୁବନେଶ୍ୱର,୧।୧୦ (ମହାଭାରତ):** ରାମକୃଷ୍ଣ ମିଶନ ବିବେକାନନ୍ଦ ଲାଇବ୍ରେରୀ ହଲ୍‌ରେ ସ୍ୱାମୀ ବିବେକାନନ୍ଦଙ୍କ ଐତିହାସିକ ଚିକାଗୋ ବିଶ୍ୱ ଧର୍ମ ମହାସଭାରେ ପ୍ରଦତ୍ତ ବକ୍ତୃତାର ସାରାଂଶ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ମଠର ସହ ସମ୍ପାଦକ ସ୍ୱାମୀ ମହେଶାତ୍ମାନନ୍ଦ, ରେଭେନ୍ସା ଜୁନିଅର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଶ୍ରୀଧର ଚରଣ ସାହୁ ବକ୍ତାଭାବେ ଯୋଗଦେଇ ଧର୍ମୀୟ ଏକତା, ସହିଷ୍ଣୁତା, ବିଶ୍ୱଭ୍ରାତୃତ୍ୱ, ବେଦାନ୍ତ, ଆଧାତ୍ମିକତା ଓ ଶାନ୍ତି ଏବଂ ସୌହାର୍ଦ୍ଦ ବିଷୟରେ ଆଲୋଚନା କରିଥିଲେ । ସ୍ୱାମୀଜୀଙ୍କ ଭାଷଣରେ ପ୍ରାସଙ୍ଗିକତା ଚିରଦିନ ପାଇଁ ସମାଜକୁ ମାର୍ଗଦର୍ଶନ କରୁଥିବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଏହି ସଭାରେ ପରମେଶ୍ୱର ଧଳ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସ୍ୱାମୀ ଅଦ୍ୱୟାନନ୍ଦ ସମାପନ ଭାଷଣ ପ୍ରଦାନ କରିଥିଲେ । ବୃନ୍ଦାବନ ପଣ୍ଡା, ରମେଶ ପ୍ରଧାନ, ଗୋଲକ ନାୟକ, ଜୀତେନ୍ଦ୍ର ରଣା, ଅଭିମନ୍ୟୁ ନାୟକ ପ୍ରଭୃତି ସହଯୋଗ କରିଥିଲେ ।

# ବରମୁଣ୍ଡା ବସଷ୍ଟାଣ୍ଡକୁ ନଗର ଉନ୍ନୟନମନ୍ତ୍ରୀଙ୍କ ପରିଦର୍ଶନ

**ଭୁବନେଶ୍ୱର,୧।୧୦ (ମହାଭାରତ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ୍ (ବିଏସ୍ଏବିଟି)ର ଅନୁଧାନ କରିଛନ୍ତି । ବିଡିଏ ଉପାଧ୍ୟକ୍ଷ ଡ. ଏନ୍ ଥିରୁମାଲା ନାୟକଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ମନ୍ତ୍ରୀ ଟର୍ମିନାଲରେ ଯାତ୍ରୀ ସେବା, ଭିତ୍ତିଭୂମି ଏବଂ ନିରାପତ୍ତା ବ୍ୟବସ୍ଥା ଅନୁଧାନ କରିଥିଲେ ।

ମନ୍ତ୍ରୀ ଡ଼. ମହାପାତ୍ର ଅଚାନକ ଆଜି ବରମୁଣ୍ଡା ବସଷ୍ଟାଣ୍ଡରେ ପହଞ୍ଚି ବସ ଗୁଡିକ ଯାଞ୍ଚ କରିବା ସହିତ ବସ ଭିତରେ ଯାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ଫୁଲବାଣୀ ଯିବାକୁ ଅପେକ୍ଷା କରିଥିବା ତିନି ଜଣ ଦୃଷ୍ଟିହୀନ ଯୁବତୀଙ୍କୁ ଭେଟିଥିଲେ । ସେ ବ୍ୟକ୍ତିଗତ ଭାବେ ଟିକେଟ୍ କିଣିବା ସହ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ୫୦ ପ୍ରତିଶତ ରିହାତି ଦେବା ସହ ସିଟ୍ ସଂରକ୍ଷଣ କରି ସେମାନଙ୍କ ସୁବିଧା ସୁନିଶ୍ଚିତ କରିବାକୁ କର୍ମଋରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ମନ୍ତ୍ରୀ ଟର୍ମିନାଲର ପ୍ରମୁଖ ଅଞ୍ଚଳ ଯଥା ବସ୍ ବେ,



ପରିଋଳନା ନିୟନ୍ତ୍ରଣ ସୁବିଧା ଏବଂ ପାନୀୟ ଜଳର ଉପଲବ୍ଧତା ମଧ୍ୟ ପରିଦର୍ଶନ କରିଥିଲେ । ସେ ଆହାର କେନ୍ଦ୍ର ପରିଦର୍ଶନ କରି ସ୍ୱଚ୍ଛତା ବଜାୟ ରଖିବା ଏବଂ ଯାତ୍ରୀମାନଙ୍କୁ ଦକ୍ଷ ଭାବରେ ସେବା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । 'ମୋ ବସ୍' ଡ୍ରାଇଭରଙ୍କ ସହ ଆଲୋଚନା ବେଳେ ଡାକ୍ତର ମହାପାତ୍ର ସେବା ମନୋଭାବର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଯାତ୍ରୀଙ୍କ ସୁବିଧା ଓ ନିରାପତ୍ତାକୁ ପ୍ରାଥମିକତା ଦେବା ପାଇଁ କର୍ମଋରୀମାନଙ୍କୁ ପରାମର୍ଶ ଦେଇଥିଲେ ।। ସୁରକ୍ଷା ବ୍ୟବସ୍ଥାର ସମାଧାନ ପାଇଁ ମନ୍ତ୍ରୀ ପୁଲିସ ଫାଣ୍ଡିକୁ ଯାଇ ସେଠାରେ ପାଣି ସମସ୍ୟା ବୁଝିବା ସହିତ ଏହାର ସମାଧାନ ପାଇଁ ବିଡ଼ିଏକୁ ନିର୍ଦ୍ଦେଶ ଦେଇଥିଲେ । ବସ୍ ଋଳକଙ୍କ ମଧ୍ୟରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଘଟଣାକୁ ରୋକିବା ପାଇଁ ବିଡିଏ ଓ ପୁଲିସ ଅଧିକାରୀଙ୍କ ସହଯୋଗରେ ଟର୍ମିନାଲର ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି ।

ବିଡିଏ ଦ୍ୱାରା ୧୫.୫ ଏକର ଜମିରେ ବିକଶିତ ଏକ ପ୍ରମୁଖ ସହରାଞ୍ଚଳ ପରିବହନ କେନ୍ଦ୍ର ବିଏସଏବିଟିରେ ଅଟୋ, ଟ୍ୟାକ୍ସି ଏବଂ ଦୁଇ ଚକିଆ । ଯାନ ପାଇଁ ସ୍ଥାନ ବ୍ୟତୀତ ଫୁଡ୍ କୋର୍ଟ, ସପିଂ ଆଉଟଲେଟ୍, ଏଟିଏମ୍, ହଷ୍ଟେଲ ଏବଂ ୪୦୦ରୁ ଅଧିକ ବସ୍ ପାଇଁ ପାର୍କିଂ ସୁବିଧା ସମେତ ଅତ୍ୟାଧୁନିକ ସୁବିଧା ରହିଛି । ଅନୁଧାନ ପରେ ମନ୍ତ୍ରୀ ବିଡିଏ ଅଧିକାରୀଙ୍କ ସହ ଟର୍ମିନାଲର ରାଜସ୍ୱ ମଡେଲର ସମୀକ୍ଷା କରିବା ସହ ଭିତ୍ତିଭୂମିରେ ଉନ୍ନତି ଏବଂ ଯାତ୍ରୀ ସୁବିଧା ବୃଦ୍ଧି ଉଦ୍ଦେଶ୍ୟରେ ଭବିଷ୍ୟତର ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଡ. ମହାପାତ୍ର ବସ୍ତିବାସିନ୍ଦାଙ୍କ ପାଇଁ ସୁଲଭ ଆବାସ ପ୍ରକଳ୍ପ ନୀଳମାଧବ ନିବାସ ପରିଦର୍ଶନ କରିଥିଲେ । ମନ୍ତ୍ରୀ ବାସିନ୍ଦାଙ୍କ ସହ ଆଲୋଚନା କରିବା ସହତ ସେମାନଙ୍କ ସମସ୍ୟାର ସମାଧାନ ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ବିଜେପି ସଦସ୍ୟତା ଅଭିଯାନ ସମୀକ୍ଷା ବୈଠକ




**ଭୁବନେଶ୍ୱର,୧।୧୦ (ମହାଭାରତ):** ସମ୍ପୂର୍ଣ୍ଣ ରାଷ୍ଟ୍ରବାଦ, ଜାତୀୟତାବାଦରେ ବିଶ୍ୱାସ କରୁଥିବା ଭାରତୀୟ ଜନତା ପାର୍ଟି ହେଉଛି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ । ସମସ୍ତଙ୍କୁ ସାଙ୍ଗରେ ନେଇ ଏକ ବିଚାରଧାରାରେ ବିଶ୍ୱାସ ରଖି ଛିଡ଼ା ହୋଇଥିବା ଏହି ଦଳ ବହୁ ସଂଘର୍ଷ, ତପସ୍ୟା ପରେ ୧୮ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟ ସହିତ ଆଜି ବିଶ୍ୱର ଏକ ନମ୍ବର ରାଜନୈତିକ ଦଳ ହୋଇପାରିଛି । ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତି ୬ ବର୍ଷରେ ସଦସ୍ୟ ସଂଗ୍ରହ କରାଯାଏ । ପ୍ରଥମେ ପ୍ରାଥମିକ ସଦସ୍ୟ ହେବା ପରେ କାର୍ଯ୍ୟକର୍ତାମାନେ ସକ୍ରିୟ ସଦସ୍ୟ ହୁଅନ୍ତି । ଏହାପରେ ମଣ୍ଡଳ, ଜିଲ୍ଲା, ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତରୀୟ କମିଟି ନିର୍ବାଚନ ହୁଏ । ଚଳିତ ଥର ସଦସ୍ୟତା ଅଭିଯାନ - ୨୦୨୪ ଗତ ସେପ୍ଟେମ୍ବର ୨ ତାରିଖରୁ ଦେଶବ୍ୟାପୀ ଆରମ୍ଭ ହେବା ପରେ ପ୍ରଥମେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଦସ୍ୟ ହୋଇଥିଲେ । ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ସଦସ୍ୟ ସଂଗ୍ରହ କରାଯାଉଛି । ସଦସ୍ୟତା ଅଭିଯାନକୁ ୨ଟି ପର୍ଯ୍ୟାୟରେ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକର୍ତାମାନେ ନିଜ ନିଜ ବୁଥ୍‌ରେ ସଦସ୍ୟତା ଅଭିଯାନରେ ସାମିଲ ହୋଇଥିଲେ । ଏହି ଅଭିଯାନକୁ ସର୍ବସ୍ପର୍ଶୀ ଓ ସର୍ବସମାବେଶୀ କରିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନକୁ ଆହୁରି ଗତିଶୀଳ କରାଯିବ । ସମାଜର ସବୁଠାରୁ ତଳ ପାହାଚରେ ଥିବା ଲୋକଙ୍କ ସେବା କରିବା ଏବଂ ସେମାନଙ୍କୁ ଦଳର ବିଚାରଧାରା ସହ ଯୋଡ଼ିବା ସହିତ ସମାଜର ସବୁ ବର୍ଗ ଓ ସବୁସ୍ତରର ଲୋକଙ୍କୁ ସାଙ୍ଗରେ ନେଇ ଦଳକୁ ଆହୁରି ଶକ୍ତିଶାଳୀ କରାଯିବ । ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟର ସମୀକ୍ଷା ହେବା ସହିତ ଆସନ୍ତା ଅକ୍ଟୋବର ୧ ରୁ ୧୫ ପର୍ଯ୍ୟନ୍ତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ସଦସ୍ୟତା ଅଭିଯାନ ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ମନ୍ତ୍ରୀ ରବି ନାରାୟଣ ନାଏକ, ଡ.ମୁକେଶ ମହାଲିଙ୍ଗ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସଦସ୍ୟତା ପ୍ରଭାରୀ ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# 'ହ୍ୱାଇଟ୍ ଓକ୍ କ୍ୟାପିଟାଲ ମ୍ୟୁଚୁଆଲ ଫଣ୍ଡ' ଏବେ ଶୀର୍ଷରେ

**ଭୁବନେଶ୍ୱର,୧।୧୦ (ମହାଭାରତ):** ହ୍ୱାଇଟ୍ ଓକ୍ କ୍ୟାପିଟାଲ୍ ଏଏମ୍ସିର ପୂର୍ବ ଏସ୍ଆଇପି ରିପୋର୍ଟ 'ମାର୍କେଟ୍ ସାଇକେଲ୍ ର ଶୀର୍ଷ କିମ୍ବା ତଳଭାଗରେ ଏସ୍ଆଇପି ଆରମ୍ଭ କରିବା କ'ଣ ଭଲ ?' ଶୀର୍ଷକରେ କମ୍ପାନି 'ଟପ୍ ଦ ଟପ୍ ନା ବଟମ୍ ରେ ଏସ୍ଆଇପି' ବିଷୟରେ ଅଧିକ ସୂଚନା ଦେଇଛି । ବିଏସଇ ସେନସ୍କେ ଟିଆରଆଇ (ଗତ ୨୭+ ବର୍ଷ)ର ଦୀର୍ଘକାଳୀନ ତଥ୍ୟକୁ ବ୍ୟବହାର କରି ଏକ ବିସ୍ତୃତ ବିଶ୍ଳେଷଣ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ଏବଂ ସେହି ସମସ୍ତ ସମୟକୁ ବିଚାରକୁ ନିଆଯାଇଛି ଯେତେବେଳେ ଇକ୍ୱିଟି ବଜାର ଏହାର ଶୀର୍ଷରୁ ୨୦% ରୁ ଅଧିକ ହ୍ରାସ ପାଇଛି । ନିମ୍ନ ସାରଣୀରେ ଦୁଇ ଜଣ ନିବେଶକଙ୍କ ନିବେଶ ସାରଣୀ ଦର୍ଶାଯାଇଛି, ଜଣେ ଯିଏ ବିଭିନ୍ନ ବଜାର ଚକ୍ରର ଶୀର୍ଷରେ ମାସିକ ୧୦,୦ ଟଙ୍କାର ଏସଆଇପି ଆରମ୍ଭ କରିଥିଲେ ଏବଂ ଅନ୍ୟଜଣେ ବଟମରେ ।

ବଜାର ଚକ୍ରର ତଳଭାଗରୁ ଆରମ୍ଭ ହୋଇଥିବା ଏସ୍ଆଇପିମାନଙ୍କ ପାଇଁ % ରିଟର୍ଣ୍ଣ ସାମାନ୍ୟ ଅଧିକ ଥିବା ବେଳେ ଶୀର୍ଷରୁ ଆରମ୍ଭ ହୋଇଥିବା ଏସ୍ଆଇପିମାନଙ୍କ ପାଇଁ ଟଙ୍କା ଅବଧି (ୱେଲ୍ଥ କ୍ରିଏସନ୍)ରେ ନିରପେକ୍ଷ ଲାଭ ବହୁତ ଅଧିକ । ବିଳମ୍ବରେ ଏସଆଇପି ଆରମ୍ଭ କରିବାର 'ବିଳମ୍ବର ମୂଲ୍ୟ' ଦୀର୍ଘକାଳୀନ ଭାବରେ ବହୁତ ବଡ ହୋଇପାରେ । ବଜାର ତଳକୁ ପହଂଚିବାକୁ ଯେତେ ଅଧିକ ସମୟ ନେବ, ଅନ୍ୟ ସମସ୍ତ ଜିନିଷକୁ ସ୍ଥିର ରଖି 'ବିଳମ୍ବର ମୂଲ୍ୟ' ସେତେ ଅଧିକ ହେବ । ଏପରିକି ଆପଣ ଉପର କିମ୍ବା ତଳଭାଗରେ ଆରମ୍ଭ କରନ୍ତୁ ନା କାହିଁକି ( ପ୍ରଥମ ୬ ମାର୍କେଟ ସାଇକେଲ ସମୟରେ, ଅର୍ଥାତ୍ ଦୀର୍ଘମିଆଦୀ ସମୟରେ ଏସଆଇପି ପାଇଁ ରିଟର୍ଣ୍ଣ ପାର୍ଥକ୍ୟ ଦେଖନ୍ତୁ) ଦୀର୍ଘକାଳୀନ ସମୟରେ % ରିଟର୍ଣ୍ଣର ସାମାନ୍ୟ ପାର୍ଥକ୍ୟ ଦୂର ହୋଇଯାଏ ।

ପୂର୍ବ ପୃଷ୍ଠାରେ ଦିଆଯାଇଥିବା ଗଣନାଗୁଡ଼ିକ ଗଣନାର ସହଜତା ପାଇଁ ଷ୍ଟାମ୍ପ ଡ୍ୟୁଟି / ଟିକସ ଇତ୍ୟାଦିକୁ ବିଚାର କରେ ନାହିଁ ଏବଂ ଦର୍ଶାଯାଇଥିବା ମୂଲ୍ୟଗୁଡିକ ଟିକସ ପୂର୍ବରୁ ଅଟେ । ପ୍ରଚଳିତ ଟିକସ ଆଇନ ଆଧାରରେ ପୁଞ୍ଜି ଲାଭ ଉପରେ ନିବେଶକମାନେ ଟିକସ ଦାୟିତ୍ୱ ବହନ କରିପାରନ୍ତି । ଯେକୌଣସି ଗଣନା କେବଳ ଏକ ନିର୍ଦ୍ଦିଷ୍ଟ ଧାରଣାକୁ ବୁଝିବା ପାଇଁ ଉଦ୍ଦିଷ୍ଟ ଆକଳନ ଅଟେ । କେବଳ ଏହି ଗଣନା / ମତ ଯଥେଷ୍ଟ ନୁହେଁ ଏବଂ ଏକ ନିବେଶ ରଣନୀତି ବିକଶିତ କରିବା କିମ୍ବା କାର୍ଯ୍ୟକାରୀ କରିବା ପାଇଁ ବ୍ୟବହାର କରାଯିବା ଉଚିତ ନୁହେଁ ।

# ୧୦ ପୌର ସଂସ୍ଥାରେ ନୂଆ କାର୍ଯ୍ୟନିର୍ବାହୀ ଅଫିସର

**ଭୁବନେଶ୍ୱର,୧।୧୦ (ମହାଭାରତ):** ରାଜ୍ୟ ସରକାର ଆଜି ୧୦ଟି ପୌର ସଂସ୍ଥାରେ ନୂଆ । କାର୍ଯ୍ୟନିର୍ବାହୀ ଅଫିସରଙ୍କୁ ନିଯୁକ୍ତି ଦେଇଛନ୍ତି । କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଫିସର ଶ୍ୱେତପଦ୍ମା ଧଳଙ୍କୁ ଯୋଡ଼ା ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଫିସର ଭାବେ ବଦଳି କରାଯାଇଥିବା ବେଳେ ଯୋଡ଼ାରେ ଥିବା ଉମେଶ ଚନ୍ଦ୍ର ସାହୁଙ୍କୁ ଅତାବିରା ଏନଏସି କାର୍ଯ୍ୟନିର୍ବାହୀ ଅଫିସର ଭାବେ ଅବସ୍ଥାପିତ କରାଯାଇଛି ।

ଆଜି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଏଏସ୍ ଅଫିସର ସୁଶାନ୍ତ କୁମାର ସାହୁଙ୍କୁ ସମ୍ବଲପୁର ମହାନଗର ନିଗମର ଏନଫୋର୍ସମେଂଟ ଅଫିସର ଭାବେ ବଦଳି ହୋଇଛି ।

ସେହିପରି ନୀଳଗିରି ଏନଏସି କାର୍ଯ୍ୟନିର୍ବାହୀ ଅଫିସର ପ୍ରସନ୍ନ କୁମାର ଦାଶଙ୍କୁ ଛତ୍ରପୁର ଏନଏସିକୁ ବଦଳି ହୋଇଥିବାବେଳେ ସେଠାରେ ଥିବା କାର୍ଯ୍ୟନିର୍ବାହୀ ଅଫିସର ୟାସିର ବିଲାଲ ଅହମ୍ମଦଙ୍କୁ ଛତ୍ରପୁର ଏନଏସି ଦାୟିତ୍ୱ ନ୍ୟସ୍ତ କରାଯାଇଛି । ପ୍ରମୋଦ କୁମାର ପାଢ଼ୀଙ୍କୁ ଗୋପାଳପୁର ଏନଏସି କାର୍ଯ୍ୟନିର୍ବାହୀ ଅଫିସର,ଜଗନ୍ନାଥ ବେହେରାଙ୍କୁ ଚମ୍ପୁଆ । ଏନଏସି, ମାନସ ରଞ୍ଜନ ମଲ୍ଲିକଙ୍କୁ ଝାରସୁଗୁଡ଼ା ମ୍ୟୁନିସପାଲଟି, ଅରକ୍ଷିତି ଗୋଏଙ୍କାଙ୍କୁ କୋଣାର୍କ ଏନଏସି, ଅନିରୁଦ୍ଧ ପ୍ରଧାନଙ୍କୁ ବିଜେପୁର ଏନଏସି ଓ ସମରେଶ ମହାନ୍ତିଙ୍କୁ ନବରଙ୍ଗପୁର ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଫିସର ଭାବେ ବଦଳି କରାଯାଇଛି ।

# ଅଲଗା ହୋଇ ରହୁଥିବା ପୁଅକୁ ମିଳିବ ଆବାସ ଗୃହ

**ଭୁବନେଶ୍ୱର,୧।୧୦ (ମହାଭାରତ):** ବାପାଙ୍କଠାରୁ ଭିନେ ହୋଇ ଅଲଗା ପରିବାର କରିଥିବା ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ପୂର୍ବ ସରକାରରେ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ୬ ମାସ ଭିତରେ କାର୍ଯ୍ୟାଦେଶ ଦିଆଯିବ । ପୂର୍ବ ବିଜେଡ଼ି ସରକାରକୁ ଟାର୍ଗେଟ କଲେ ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକ୍ରିୟାରେ ୨୦ ରୁ ୨୨ ଲକ୍ଷ ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଘର ମିଳିବ ।

ହିତାଧିକାରୀ ଚିହ୍ନଟରେ ତ୍ରୁଟି କଲେ ସଂପୃକ୍ତ କର୍ମଚାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଚତୁର୍ଥ ପର୍ଯ୍ୟାୟରେ ଆସୁଥିବା ପକ୍କା ଘର କ୍ଷେତ୍ରରେ ସରକାର କିଛି ପରିବର୍ତ୍ତନ କରିଛନ୍ତି । ବାପାଙ୍କ ଠାରୁ ଅଲଗା ହୋଇଥିବା ବ୍ୟକ୍ତିଙ୍କୁ ମିଳିବା ପକ୍କା ଘର । ଏଥିରେ ହିତାଧିକାରୀଙ୍କୁ ଚୟନ କରିବା ପାଇଁ ସରକାର ୧୦ଟି କ୍ରାଇଟେରିଆ । କରିଛନ୍ତି । ଏହି ପ୍ରକ୍ରିୟା ପାଇଁ ୬ ମାସ ସମୟ ଲାଗିବ । ବିଗତ ସରକାରରେ ଅନେକ ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଥିଲେ । ପୂର୍ବ ସରକାର ଠିକ୍ ତାଲିକା ଦେଲେ ନାହିଁ ବୋଲି ଲକ୍ଷ ଲକ୍ଷ ଗରିବ ଘର ପାଇବାରୁ ବଞ୍ଚିତ ହେଲେ । ନଚେତ୍ ଓଡ଼ିଶାକୁ ଅଧିକ ଘର ଆସିଥାନ୍ତା । ସର୍ବଭାରତୀୟ ସ୍ତରରେ ୨୦୧୭-୧୮ ମସିହାରେ ଗୋଟିଏ ତାଲିକା ପ୍ରସ୍ତୁତ ହୋଇଥିଲା ।

କିନ୍ତୁ ତତ୍କାଳୀନ ରାଜ୍ୟ ସରକାର ସେହି ତାଲିକା ପ୍ରସ୍ତୁତ କଲେ ନାହିଁ, ଲୁଚେଇ ଦେଲେ । ତେଣୁ ବଞ୍ଚିତ ହୋଇଥିବା ଗରିବ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରି ୬ ମାସ ଭିତରେ ସରକାର ଘର କରିବା ପାଇଁ କାର୍ଯ୍ୟାଦେଶ ଦେବେ । ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଡିଓ, ପିଇଓମାନେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ରହିବେ । ତେଣୁ ଯଦି ଚିହ୍ନଟ ପ୍ରକ୍ରିୟାରେ କୌଣସି ତ୍ରୁଟି ହେବ, ତେବେ ତଦନ୍ତ କରି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଏ ନେଇ ଗାଇଡଲାଇନ ପ୍ରସ୍ତୁତ କରି ପ୍ରତି ବ୍ଲକକୁ ଦିଆଯାଇଛି । ଏହି ପ୍ରକ୍ରିୟାରେ ଆଗାମୀ ଦିନରେ ୨୦ରୁ ୨୨ ଲକ୍ଷ ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଘର ଦିଆଯିବ । ପୂର୍ବ ସରକାରରେ ଜଣେ ଲୋକ ୩ଟି ପର୍ଯ୍ୟନ୍ତ ଘର ପାଉଥିଲେ । ତେଲିଆ । ମୁଣ୍ଡରେ ତେଲ ଦିଆଯାଉଥିଲା । କିନ୍ତୁ ବିଜେପି ସରକାର ଯୋଗ୍ୟଙ୍କୁ ଚିହ୍ନଟ କରି ଘର ଦେବ । ଭୂମିହୀନମାନଙ୍କୁ ମଧ୍ୟ ଚିହ୍ନଟ କରିବା ପାଇଁ କ୍ଲଷ୍ଟର କରୁଛନ୍ତି ସରକାର ।

ଗୋଟିଏ ଗାଁରେ ଯଦି ୧୫ଟି ପରିବାର ବାହାରୁଛି, ଆଉ ତାଙ୍କ ପାଖରେ ଘର କରିବା ପାଇଁ ୪ ଡିସିମିଲ ଜାଗା ନାହିଁ । ତେବେ ସେମାନଙ୍କୁ ସରକାରୀ ଜାଗାରେ ଥଇଥାନ କରାଯିବ । ସେଠାରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବିଜୁଳି ସଂଯୋଗ, ପାନୀୟ ଜଳ, ଖେଳ ପଡ଼ିଆ । ଭଳି ସୁବିଧା ମିଳିବ ।ସହର ଭଳି ୧ ଏଚକେ, ୨ ଏଚକେ ମାନର ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ବି ମିଳିବ ।

# 'ଜାତୀୟ ବିପି ସ୍କ୍ରିନିଂ ଦିବସ' ଆରମ୍ଭ

**ଭୁବନେଶ୍ୱର,୧।୧୦ (ମହାଭାରତ):** ଗବେଷଣା ଭିର୍ତିକ, ବିଶ୍ୱସ୍ତରୀୟ ଔଷଧ କମ୍ପାନି ତଥା ହୃଦ୍ ରୋଗ ପରିଚାଳନା କ୍ଷେତ୍ରରେ ଅଗ୍ରଣୀ ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍ ଆଜି ଗେଟ୍ ୱେ ଅଫ୍ ଇଣ୍ଡିଆରେ 'ଟେକ୍ ଚାର୍ଜ ଅ୧୮' ଅଭିଯାନର ଶୁଭାରମ୍ଭ କରିଛି । ଏହି ଉଚ୍ଚ ରକ୍ତଚାପ ସଚେତନତା ପଦକ୍ଷେପ ୧୮ ବର୍ଷ ବୟସରୁ ଆରମ୍ଭ କରି ପ୍ରାରମ୍ଭିକ ରକ୍ତଚାପ ନିରୀକ୍ଷଣର ଗୁରୁତ୍ୱପୂର୍ଣ୍ଣ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରେ । ଆସୋସିଏସନ୍ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆ ପ୍ରତ୍ୟେକ ମାସର ୧୮ ତାରିଖକୁ '୧୮-ବିପି ସ୍କ୍ରିନିଂ ଡେ' ଭାବେ ନାମିତ କରିଛି, ଯେଉଁଥିରେ ସମସ୍ତ ବୟସ୍କଙ୍କୁ ହୃଦ୍ ରୋଗର ସୁରକ୍ଷା ପାଇଁ ନିୟମିତ ରକ୍ତଚାପ ପରୀକ୍ଷାକୁ ପ୍ରାଥମିକତା ଦେବାକୁ ପ୍ରୋତ୍ସାହିତ କରାଯାଇଛି । ଉଚ୍ଚ ରକ୍ତଚାପ ସଚେତନତା ଏବଂ ରୋଗ ନିର୍ଣ୍ଣୟ ବୃଦ୍ଧି ପାଇଁ ଗ୍ଲେନମାର୍କ ଏବଂ ଏପିଆଇ ଦ୍ୱାରା ଏହି ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସକୁ ପ୍ରତିନିଧିତ୍ୱ କରେ । ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡର ଇଣ୍ଡିଆ ଫର୍ମୁଲେସନର ସଭାପତି ତଥା ବ୍ୟବସାୟ ମୁଖ୍ୟ ଆଲୋକ ମଲ୍ଲିକ କହିଛନ୍ତି ଯେ, "ଭାରତରେ ଉଚ୍ଚ ରକ୍ତଚାପ ବିରୋଧରେ ଲଢ଼େଇରେ ସଚେତନତା ସୃଷ୍ଟି ଏବଂ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବା ପାଇଁ ଗ୍ଲେନମାର୍କରେ ଆମେ ଦୃଢ଼ ପ୍ରତିଶ୍ରୁତିବଦ୍ଧ । ଯେହେତୁ ଉଚ୍ଚ ରକ୍ତଚାପ ମାମଲା ଉଦ୍ବେଗଜନକ ହାରରେ ବୃଦ୍ଧି ପାଉଛି - ବିଶେଷକରି ଯୁବବର୍ଗଙ୍କ ମଧ୍ୟରେ - ଆମ ପାଇଁ ପ୍ରାରମ୍ଭରେ ପ୍ରତିଷେଧକ ପଦକ୍ଷେପ ନେବା ଏକ ଆବଶ୍ୟକତା ପାଲଟିଛି ।



ମହାଭାରତ

# ସାରାଂଶ

ଚଳନ୍ତି ସମୟର ଅବଶିଷ୍ଟାଂଶ







## ଟନ ଟନ ପଲିଥିନ

ରାଜଧାନୀରେ କେଜି କେଜି ପଲିଥିନ ରାସ୍ତାରେ ପଡୁଛି। ଏହା କ'ଣ ପ୍ରଶାସନ ନଜରରେ ପଡୁନି ନା ପ୍ରଶାସନ ସବୁ ଦେଖି କିଛି ନଦେଖିଲା ପରି ରହୁଛି ? ପୁରୀ ଭଳି ଏକ ପର୍ଯ୍ୟଟନ ଏବଂ ଐତିହ୍ୟ ସମ୍ପନ୍ନ ସହରରେ ପଲିଥିନ କଟକଣା ନିହାତି ଜରୁରୀ ହୋଇଥିବା ବେଳେ ସେଠରେ କିଛି ଫରକ ପଡୁନାହିଁ। ଏଥିପାଇଁ କିଏ ଉତ୍ତରଦାୟୀ ରହିବ ? ଅନେକ ସମୟରେ ରାଜ୍ୟ ବା କେନ୍ଦ୍ର ସରକାର ବିଭିନ୍ନ ପ୍ରକାର କଟକଣା ଏବଂ ଆଇନ କାନୁନ ଲାଗୁ କରନ୍ତି। କିନ୍ତୁ ଏହାର କାର୍ଯ୍ୟକାରୀତା ସେଭଳି ସଫଳ ହୋଇନଥାଏ। କାରଣ ଏଥିନେଇ ଜନସଚେତନତାର ଅଭାବ ଏବଂ ଜନ ସହଯୋଗ ମିଳିନଥାଏ। ଲୋକେ ବହୁ ବର୍ଷ ହେବ ଯେଉଁ ଅଭ୍ୟାସରେ ପଡ଼ି ଯାଇଥାନ୍ତି ତାହାକୁ ପରିତ୍ୟାଗ କରିବା ସହଜ ହୋଇନଥାଏ। ସମସ୍ତେ ନିଜ ସ୍ୱାର୍ଥ ସମ୍ପର୍କରେ ଚିନ୍ତା କରୁଛନ୍ତି। ଅନ୍ୟ ସମ୍ପର୍କରେ ଚିନ୍ତା କରିବାର କାହାକୁ ବେଳ ନାହିଁ। ସମସ୍ତେ ଭାବୁଛନ୍ତି ଅନ୍ୟମାନେ ନିୟମ ପାଳନ କରନ୍ତୁ କିନ୍ତୁ ମୋତେ ଟିକେ ନିୟମ କୋହଳ କରାଯାଉ। ସମସ୍ତେ ରାସ୍ତାର ବାମପଟେ ଯାଆନ୍ତୁ ମୁଁ ଟିକେ ଅସୁବିଧାରେ ଅଛି। ତେଣୁ ମୋତେ ଡାହାଣପଟେ ଯିବାକୁ ସୁଯୋଗ ଦିଆଯାଉ। ନିୟମ ଭାଙ୍ଗିବା ବା ଆଇନ ସହ ସାଲିସ କରିବା ଆମ ଚରିତ୍ରର ଏକ ଅଙ୍ଗ ହୋଇଗଲାଣି। ଏତେ ବୁଝାଇବା ସତ୍ତ୍ୱେ ଏବେ ବି ଅନେକ ଦୁଇଚକିଆ ଯାନ ଚାଳକ ମୁଣ୍ଡରେ ହେଲମେଟ ପିନ୍ଧୁ ନାହାଁନ୍ତି। କରୋନା ସଂକ୍ରମଣ ବଢ଼ିବା ସତ୍ତ୍ୱେ ମୁହଁ ମାସ୍କ ପିନ୍ଧିବାକୁ କେହି ଜରୁରୀ ମନେ କରୁ ନାହାଁନ୍ତି। ଅନେକ ବର୍ଷ ତଳୁ ରାଜ୍ୟରେ ପଲିଥିନ ବ୍ୟାନ ହେଲାଣି। କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ ରହିଛି। ମଝିରେ ମଝିରେ ପଲିଥିନ ବ୍ୟବହାର ବନ୍ଦ କରିବା ଲାଗି ପୋଲିସ ଚଢ଼ଉ କରେ ଏବଂ ଜୋରିମାନା ବି ହୋଇଥାଏ। କିନ୍ତୁ କିଛି ଦିନ ପରେ ପରିସ୍ଥିତି ପୁଣି ଯାହାକୁ ସେଇଆ। ଲୋକେ ପଲିଥିନ ବ୍ୟାବାହାରରେ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ଏହାକୁ ଛାଡ଼ିବା ସମ୍ଭବ ହୋଇପାରୁନି। ଅସଲ କଥା ହେଲା ଏହାର ବିଷମ ପରିଣତି ସମ୍ପର୍କରେ ଲୋକେ ସଚେତନ ହେଉ ନାହାଁନ୍ତି। ପଲିଥିନ ବ୍ୟାବାହାର ଉପରେ କଟକଣା ଆମର ସୁରକ୍ଷା ଏବଂ ସ୍ୱାର୍ଥ ରକ୍ଷା ନିମନ୍ତେ ଉଦ୍ଦିଷ୍ଟ। ସାରା ବିଶ୍ୱର ସୁରକ୍ଷା ଏବଂ ମାନ ଜାତିର ଭବିଷ୍ୟତ ଲାଗି ଏହା ଜରୁରୀ, ଏହାକୁ ଆମେ ହୃଦୟଙ୍ଗମ କରିପାରୁନାହୁଁ। ସ୍କୁଲ, କଲେଜରେ ଏ ସମ୍ପର୍କରେ ପାଠ ପଢ଼ାଯାଉଛି, ପ୍ରଚାର ପ୍ରସାରରେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ଏହା ସତ୍ତ୍ୱେ ସୁଫଳ ମିଳୁନି। ତେଣୁ ଏହାର ଶେଷ ଅସ୍ତ୍ର ହେଲା କଠୋର ଦଣ୍ଡବିଧାନ। ଗତ ପହିଲାରୁ ଦେଶବ୍ୟାପି ପଲିଥିନ ବା ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ପରିବେଶ ସୁରକ୍ଷା ଲାଗି ଏହା ନିହାତି ଜରୁରୀ। ନଚେତ ପ୍ରଦୂଷଣ ଏତେ ମାତ୍ରାରେ ବଢ଼ିଯିବ ଯେ ଏହାକୁ ସମ୍ଭାଳିବା କଷ୍ଟକର ହୋଇଯିବ। ସାରା ବିଶ୍ୱ କଥା ଛାଡ଼ନ୍ତୁ, ଭାରତରେ ଲକ୍ଷ ଲକ୍ଷ ଟନ ପଲିଥିନ ଏବେ ଗଦା ହୋଇଛି। ପ୍ରତିଦିନ ଏହାର ଉତ୍ପାଦନ ହେଉଛି। ଯେଉଁଠି ମାଟି ଖୋଳିବ ସେଠାରେ ପଲିଥିନ ବାହାରିବ। ନଦୀ-ସମୁଦ୍ରରେ ମଧ୍ୟ ଟନ ଟନ ପଲିଥିନ ରହିଛି। ମାଟି, ପାଣି,ପବନ ସବୁ କିଛି ଏହା ଦ୍ୱାରା ପ୍ରଦୂଷିତ ହେଉଛି। କାରଣ ଏହା ହଜାର ହଜାର ବର୍ଷ ପରେ ମଧ୍ୟ ସେମିତି ରହିଥିବ, ମାଟିରେ ମିଶିନଥିବ। ଏଭଳି ପରିସ୍ଥିତିରେ ଏହାକୁ ମୂଳରୁ ଅର୍ଥାତ ଉତ୍ପାଦନ କେନ୍ଦ୍ରରୁ ବନ୍ଦ କରାଯିବା ଉଚିତ। ଦୋକାନରେ ଚଢ଼ାଉ କଲେ ଏହାର ପ୍ରଭାବ ସୀମିତ ରହିବ। ଆଉ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିରନ୍ତର ଜାରି ରହିବା ଉଚିତ।

# ପିତୃପକ୍ଷ ଓ ମହାଳୟା

*(ନିଜର ପିତା, ମାତା, ଆତ୍ମୀୟସ୍ୱଜନ ଓ ଅନ୍ୟମାନଙ୍କ ପ୍ରତି ଯଥେଷ୍ଟ ସମ୍ବୋଧନଶୀଳ ହେବା ସହିତ ତାଙ୍କ ମୁହଁରେ ହସ ଫୁଟାଇବାକୁ ସଂକଳ୍ପ ବଦ୍ଧ ହେବା। ବର୍ତ୍ତମାନର ବସ୍ତୁବାଦୀ ଦୁନିଆ ଓ ସଙ୍କୁଚିତ ପରମ୍ପରାରେ ବିସ୍ତାରିତ ଶ୍ରଦ୍ଧା ହିଁ ହେଉ ପ୍ରକୃତ ମହାଳୟା ପର୍ବର ଆଭିମୁଖ୍ୟ)*

॥ ଡକ୍ଟର ଅଜୟ କୁମାର ନନ୍ଦ ॥

ଈଶ୍ୱରଙ୍କ ସୃଷ୍ଟିରେ ଆତାଜାତ ପ୍ରତ୍ୟେକ ସଜୀବ, ଜୀବନ କାଳରେ ଦୁଇଟି ନିଶ୍ଚିତ ସତ୍ୟକୁ ସାମ୍ନା କରନ୍ତି ଗୋଟିଏ ହେଉଛି ଜନ୍ମ ଓ ଅନ୍ୟଟି ମୃତ୍ୟୁ। ଅର୍ଥାତ୍ ମୃତ୍ୟୁ ହିଁ ଗୋଟିଏ ଜୀବନ ଅନ୍ତ ଘଟାଏ। ସେଥିପାଇଁ ପୁରାଣରେ କୁହାଯାଉଛି ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ, ଏହା ସାଶ୍ୱତ ଚିରନ୍ତନ। ସମୟର ଗତାନୁଗତି ଓ କ୍ରମପରିବର୍ତ୍ତିତ ସ୍ରୋତରେ ଅନେକ ପିଢି ଏଗୁଡିକୁ ସାମ୍ନା କରି ଇହଧାମ ତ୍ୟାଗ କରିସାରିଲାଣି। ଆମକୁ ମନେ ରଖିବାକୁ ପଡିବ ଯେ ଆମେ ହେଉଛୁ ସେହି ପିଢି ବା ବଂଶର ଦାୟାଦ ବା ଉତ୍ତରାଧିକାରୀ। ପୂର୍ବଜମାନଙ୍କ ଅନେକ କଷ୍ଟ, ଆଦର୍ଶ ଓ ତ୍ୟାଗ ଆମକୁ ସମାଜରେ ତିଷ୍ଠି ରହିବା ପାଇଁ ଅନେକ ପ୍ରେରଣା ଦେଇଥାଏ। ତେଣୁ କୃତଜ୍ଞତା ସ୍ୱରୂପ ଆମେ ସେହି ପୂର୍ବଜମାନଙ୍କୁ ଶ୍ରଦ୍ଧା ଓ ବିନୟ ମାଧ୍ୟମରେ ସେମାନଙ୍କୁ ସ୍ମରଣ କରିବା ଏକ ଆଦର୍ଶ ମାନବିକତାର ପରିଚୟ। ସନ୍ତାନ ମାନଙ୍କ ପ୍ରତି "ପିତା'ଙ୍କ ଦାୟିତ୍ୱ କର୍ତ୍ତବ୍ୟ ଓ "ମାତା'ଙ୍କ ମମତା ସର୍ବଦା ଅତୁଳନୀୟ। ସୁତରାଂ ଜୀବିତ ଅବସ୍ଥାରେ ସେମାନଙ୍କ ପ୍ରତି ଆମର ଦାୟିତ୍ୱ, କର୍ତ୍ତବ୍ୟ ଓ ଭଲପାଇବା ଏକାନ୍ତ କାମ୍ୟ। ସେମାନଙ୍କ ଆବର୍ତ୍ତମାନରେ ମଧ୍ୟ ଆମେ ସେମାନଙ୍କୁ ଯଥାସମ୍ଭବ ଶ୍ରଦ୍ଧା ଓ ସୁମନ ଅର୍ପଣ କରିବା ସହିତ ସେମାନଙ୍କ ସ୍ୱରୂପକୁ ସ୍ମରଣ କଲେ ଅନେକ ଦୁଃଖ କଷ୍ଟ ହରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମହାଭାରତ ସମୟର କଥା, ଏକଦା ଯକ୍ଷଙ୍କ ଏକ ଜଟିଳ ପ୍ରଶ୍ନର ଉତ୍ତର, ଧର୍ମରାଜ ଯୁଧିଷ୍ଠିର ଅତି ଚତୁରତାର ସହ ନିଭାଇଥିଲେ ଯାହା ସମଗ୍ର ମନୁଷ୍ୟ ସମାଜ ପାଇଁ ଏକ ପଥପ୍ରଦର୍ଶକ। ଯକ୍ଷଙ୍କ ଏକ ପ୍ରଶ୍ନ- ପୃଥିବୀ ଠାରୁ ବଡ଼ କିଏ ? ଉତ୍ତର ଥିଲା "ମାତା', ପରବର୍ତ୍ତୀ ପ୍ରଶ୍ନ- ଆକାଶ ଠାରୁ ବଡ କିଏ ? ଉତ୍ତରଟି ଥିଲା "ବାପା', ଅନ୍ୟ ଏକ ଜଟିଳ ପ୍ରଶ୍ନ- ସଂସାରରେ ସବୁଠାରୁ ସୁଖୀ ମଣିଷ ଜଣକ କିଏ ? ଧର୍ମରାଜ ଯୁଧିଷ୍ଠିରଙ୍କ ସ୍ପଷ୍ଟ ଉତ୍ତର ଥିଲା 'ଋଣ ମୁକ୍ତ ଲୋକଟି ସଂସାରରେ ସବୁଠାରୁ ସୁଖୀ ଲୋକ।' ଜୀବନ କାଳ ମଧ୍ୟରେ ଆମେ କେତେକ ଋଣ ଭାର ବହନ କରିଥାଉ ତନ୍ମଧ୍ୟରୁ ଦେବଋଣ, ପିତୃଋଣ, ଗୁରୁଋଣ, ସାମାଜିକ ଦାୟିତ୍ୱ ବୋଧ ଋଣ ଓ ଅନ୍ୟାନ୍ୟ ଆର୍ଥିକ ଋଣ ଯେ କୌଣସି ଉତ୍ସରୁ ହୋଇପାରେ। ଦେବତାଙ୍କ ଦିବ୍ୟଚେତନା ଦ୍ୱାରା ଶିଶୁଟି ପ୍ରଥମେ ଭୂମିଷ୍ଠ ହୋଇ କୁଆଁ କୁଆଁ ଡାକି ମାନବବାଦର ସଂକେତ ପ୍ରଦାନ କରିଥାଏ। ତେଣୁ ପ୍ରଥମେ ଦେବତାମାନଙ୍କ ପାଖରେ ଋଣୀ। ପରେ ପରେ ବଂଶର ଗୋତ୍ର ଅନୁଯାୟୀ ବିଭିନ୍ନ ଋଷିଙ୍କ ଦିବ୍ୟ ଚେତନା ବଳରେ ଆମର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରି ଜୀବନରେ ଅନେକ ସମସ୍ୟାକୁ ସାମ୍ନା କରିଥାଉ, ସେଥିପାଇଁ ଆମେ ଋଷିଙ୍କ ପାଖରେ ଋଣୀ। ଯେଉଁ ଦୁଇ ଜଣଙ୍କ ପାଇଁ ଆମେ ଦୁନିଆ ଦେଖୁ ସେମାନେ ହେଉଛନ୍ତି ଆମର "ପିତା ଓ ମାତା' ତେଣୁ ତାଙ୍କ ପାଖରେ ଆମେ ସର୍ବଦା ଋଣୀ। ଶିକ୍ଷା ଗୁରୁ ହିସାବରେ ଆମର ପ୍ରତ୍ୟେକ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଖରେ ଆମେ ଋଣୀ, ସାମାଜିକ ପ୍ରାଣୀ ହେତୁ ସାମାଜିକ ଦାୟିତ୍ୱବୋଧ ପାଇଁ ସମାଜ ପାଖରେ ଋଣୀ ଶେଷରେ ଆମର ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟାନ୍ୟ ଉତ୍ସରୁ କରିଥିବା ଆର୍ଥିକ ଋଣ ଲାଗି ଆମେ କୌଣସି ବ୍ୟକ୍ତି ବିଶେଷ ଓ ସଂସ୍ଥାମାନଙ୍କ ପାଖରେ ଋଣୀ। ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଭାଷାରେ "ସମାଜ ମୋତେ କରିଛି ବଡ଼, ଶୁଝିବି ଋଣ ନ ହୋଇ ଜଡ' ଅର୍ଥାତ୍ ଜୀବିତ ଅବସ୍ଥା ନିଜ ସାମର୍ଥ ମୁତାବକ ସାହାଯ୍ୟ, ସହଯୋଗ ନିଜର ସାମାଜିକ ଦାୟିତ୍ୱ ବୋଧ ଋଣ ପରିଶୋଧ କରିବାରେ ବିଶେଷ ସହାୟକ ହେବ। ତେଣୁ ଆମେ ଏ ସମସ୍ତଙ୍କ ପାଖରେ କୃତଜ୍ଞ ହୋଇ ଜୀବ ଦଶା ମଧ୍ୟରେ ଯଥା ସମ୍ଭବ ଋଣ ପରିଶୋଧ କରିବା ହେବ ଏକ ମହନୀୟ କାର୍ଯ୍ୟ। ଏବେ ଆସିବା ମୂଳ କଥାକୁ ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ଏକ ଗତାନୁଗତିକ ପ୍ରକ୍ରିୟା ବୋଲି ବିଶ୍ୱାସ କରାଯାଏ। ଜୀବାତ୍ମାର ମୃତ୍ୟୁ ନାହିଁ ଏହା ଗୋଟିଏ ଶରୀରରୁ ଚାଲିଗଲେ ତାହା ପ୍ରାର୍ଥୀବ ଶରୀରରେ ପରିବର୍ତ୍ତିତ ହୋଇ ପଞ୍ଚଭୂତରେ ଲୀନ ହୋଇଯାଏ, ସେତେବେଳେ ଉକ୍ତ ଆତ୍ମା ଈଶ୍ୱରଙ୍କ ନିକଟରେ ଆଶ୍ରୟ ନେଇଥାଏ। ଈଶ୍ୱର ପୁନଶ୍ଚ ଜୀବାତ୍ମାର କର୍ମକୁ ତର୍ଜମା କରି ଆଉ ଏକ ଜୀବାତ୍ମାରେ ପ୍ରବେଶ କରାଇ ଅନ୍ୟ ଏକ କର୍ମର ଅୟମାରମ୍ଭ କରିଥାନ୍ତି, ଯାହାକୁ ପୁନର୍ଜନ୍ମ ବୋଲି କୁହାଯାଏ। ଏପରି ଏକ ଘଟଣା କ୍ରମେ, ମହାଦାନୀ କର୍ଣ୍ଣଙ୍କ ମହାପରାୟଣ ପରେ ତାଙ୍କର ସମସ୍ତ କର୍ମର ତର୍ଜମା କରି ତାଙ୍କୁ ଖାଦ୍ୟ ଗ୍ରହଣ ପାଇଁ ଅନେକ ସ୍ୱର୍ଣ୍ଣ, ହୀରା ଓ ରୌପ୍ୟ ଆଦି ଅଳଙ୍କାର ଦିଆଯାଇଥିଲା ଯାହା କର୍ଣ୍ଣଙ୍କୁ ଆଚମ୍ବିତ କରିଥିଲା, ତାଙ୍କର ଦାନ କାର୍ଯ୍ୟର ତର୍ଜମାରେ ଜଣାଗଲା ଯେ ଜୀବାବସ୍ଥାରେ ସେ କାହାକୁ ଅନ୍ନ ଦାନ କରିନଥିଲେ ସେଥିପାଇଁ ତାଙ୍କୁ ଭକ୍ଷଣ ନିମନ୍ତେ ଅନ୍ନ ପରିବର୍ତ୍ତେ ସୁନା, ରୂପା ଅଳଙ୍କାର ମାନ ଦିଆ ଯାଇଥିଲା। ଦେବରାଜ ଇନ୍ଦ୍ରଙ୍କ ପରାମର୍ଶ ଅନୁଯାୟୀ ଦାନବୀର କର୍ଣ୍ଣଙ୍କୁ ପନ୍ଦର ଦିନ ପାଇଁ ପୁନର୍ବାର ମର୍ତ୍ତ୍ୟକୁ ପଠାଯାଇଥିଲା ଯାହାକୁ ପିତୃ ପକ୍ଷ ବୋଲି କୁହାଯାଏ। ତଦନୁଯାୟୀ କର୍ଣ୍ଣ ମର୍ତ୍ତ୍ୟକୁ ଆସି ନିଜ ଆତ୍ମୀୟ ଓ ଅନ୍ୟମାନଙ୍କୁ ଅନ୍ନ ଦାନରେ ଆପ୍ୟାୟିତ କରି ସ୍ୱର୍ଗାରୋହଣ କରିଥିଲେ। ବିଶ୍ୱାସ କରାଯାଏ ମୃତାତ୍ମାମାନେ ଏହି ପକ୍ଷରେ ନିଜର ଆତ୍ମୀୟଙ୍କ ଶ୍ରଦ୍ଧା ଓ ତିଳ ତର୍ପଣ ଦ୍ୱାରା ତୃପ୍ତି ଲାଭ ନିମନ୍ତେ ଆଶା ରଖିଥାନ୍ତି। ସେଥିପାଇଁ ଆମେ ଦିବଂଗତ ଆତ୍ମାର ଶାନ୍ତି ପାଇଁ ଶ୍ରଦ୍ଧା ସୁମନ ଅର୍ପଣ କରି "ଶ୍ରାଦ୍ଧ' ମାଧ୍ୟମରେ ଆବାହନ କରୁ। ଅତଏବ "ଶ୍ରାଦ୍ଧ' ହେଉଛି ପିତୃପୁରୁଷଙ୍କ ପ୍ରତି ଆମର ଶ୍ରଦ୍ଧା ଓ ଭଲପାଇବାର ସନ୍ଦେଶ। ହିନ୍ଦୁ ପରମ୍ପରାରେ ଦିବଂଗତ ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ବର୍ଷର ବିଭିନ୍ନ ତିଥି (ମୃତ୍ୟୁ ଦିବସ ଅନୁଯାୟୀ) ଶ୍ରାଦ୍ଧ କର୍ମ କରାଯାଏ। ସେଥିମଧ୍ୟରୁ "ମହାଳୟା ଶ୍ରାଦ୍ଧ' ଅନ୍ୟତମ। ଏହା ପ୍ରତିବର୍ଷ ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇ ଅମାବାସ୍ୟରେ ସମାପ୍ତ ହୁଏ।

ଜ୍ୟୋତିଷ ଶାସ୍ତ୍ର ମତରେ ସୂର୍ଯ୍ୟ କନ୍ୟା ରାଶିକୁ ଗମନ କଲା ବେଳେ ଯେଉଁ ଅମାବାସ୍ୟ ପଡ଼େ ତାହାକୁ ମହାଳୟା ଅମାବାସ୍ୟା କୁହାଯାଏ। ମହଳୟାର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ପିଣ୍ଡ ଦାତାଙ୍କ ଆଳୟରେ ସର୍ବ ଦେବ ଋଷି ଓ ପିତୃ ପୁରୁଷଙ୍କୁ ଆବାହନ କରାଯାଉ ଥିବାରୁ ଏହାକୁ ମହାଳୟା ନାମରେ ନାମିତ କରାଯାଇଛି। ଅନ୍ୟ ଏକ ଲୋକ କଥା ଅନୁଯାୟୀ, ଯମ ରାଜା ପିତୃ ଲୋକବାସୀଙ୍କୁ ଏହି ସମୟରେ ମର୍ତ୍ତ୍ୟ ଲୋକକୁ ବିଚରଣ ପାଇଁ ଅନୁମତି ଦେଇଥାନ୍ତି। ଫଳରେ ପିତୃପୁରୁଷମାନେ ମହା ଆନନ୍ଦରେ ନିଜ ନିଜ ଆଳୟକୁ ବୁଲିବାକୁ ଆସୁଥିବାରୁ ଏହାକୁ ପିତୃପକ୍ଷ ବା ଅପରପକ୍ଷ ବୋଲି ନାମିତ କରାଯାଇଛି। ଏହି ପନ୍ଦର ଦିନର ଅବଧି ମଧ୍ୟରେ ଲୋକମାନେ ସେମାନଙ୍କର ଦିବଂଗତ ଆତ୍ମୀୟଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ନିମିତ୍ତ ତର୍ପଣ ବିଧି ରୀତି ନୀତି କରନ୍ତି। ଏହି ରୀତିନୀତି ସେମାନଙ୍କ ଆତ୍ମାକୁ ସନ୍ତୁଷ୍ଟ କରିବାରେ ସହାଯ୍ୟ କରେ ବୋଲି ବିଶ୍ୱାସ କରାଯାଏ। ଏହି ଶ୍ରଦ୍ଧାସୁମନକୁ ଅଧିକ ଭାବୋଦ୍ଦୀପକ କରି, ଦିବଂଗତଙ୍କୁ ଭକ୍ତି ପ୍ରଦାନ ନିମିତ୍ତ ବ୍ରାହ୍ମଣମାନେ ପ୍ରତ୍ୟହ ଜଳାଶୟରେ ପ୍ରାତଃ ତିଳ ତର୍ପଣରେ ଆପ୍ୟାୟିତ କରନ୍ତି। ଏଥିରେ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଆଚାର୍ଯ୍ୟ, ବେଦ, ଗନ୍ଧର୍ବଗଣ, ଦେବଗଣ, ପୁରାଣାଚାର୍ଯ୍ୟ, ସାବାୟବ, ନାଗଗଣ, ଯକ୍ଷ, ଭକ୍ଷ, ସାଗର, ପର୍ବତ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁସ୍ତୟ ଓ ପୃଥିବୀ ଆଦି କୋଟିଏ ଦେବତାଙ୍କୁ ଗୋଟିଏ ଗୋଟିଏ ଥର, ସାତଋଷି, ସନକ, ସନନ୍ଦ, ସନାତନ, କପିଳ, ଆସୁରୀ, ବୋଢୁ ଓ ପଞ୍ଚଶିଖଙ୍କୁ ଦୁଇ ଥର ଓ ପିତୃପୁରୁଷଙ୍କୁ (ଉଭୟ ପିତା ଓ ମାତାଙ୍କର ତିନି ପୁରୁଷ)ଙ୍କୁ ତିନିଥର ଜଳ ଅର୍ପଣ କରାଯାଏ। ପିତୃ ତର୍ପଣରେ ପିତାଙ୍କୁ ରୁଦ୍ର, ପିତାମହଙ୍କୁ ବସୁ ରୂପେ ଓ ପ୍ରପିତାମହଙ୍କୁ ଆଦିତ୍ୟ ରୂପେ କଳ୍ପିତ କରାଯାଇ ଶ୍ରଦ୍ଧା ସ୍ୱରୂପ ତିଳ ତର୍ପଣରେ ଆପ୍ୟାୟିତ କରାଯାଏ। ପରେ ପରେ ବୈଶ୍ୱଦେବ ବିଧିରେ ଜ୍ୟେଷ୍ଠ ବୋହୂ ରାନ୍ଧିଥିବା ସ୍ୱାଦିଷ୍ଟ ଅନ୍ନ ଦାନ କରି ଗୋଟିଏ ଦିନର ତର୍ପଣ ବିଧି ସମାପ୍ତ କରାଯାଏ। ଏହି ପନ୍ଦର ଦିନ ଘରର ଜ୍ୟେଷ୍ଠ ପୁଅ ବୋହୂ କେତେକ ନିତ୍ୟ କାର୍ଯ୍ୟରୁ ବିରତ ହୁଅନ୍ତି। ଏହା ପଛରେ ଥିବା ଯୁକ୍ତି ସଂଗତ କଥାଟି ହେଉଛି ଦିବଂଗତଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଅର୍ପଣ କରିବାରେ ଏକାଗ୍ରତା ବଢାଇବା। ପ୍ରଥା ଅନୁଯାୟୀଏହି ପନ୍ଦର ଦିନ ମଧ୍ୟରେ ମୃତ ବ୍ୟକ୍ତିଙ୍କ (ମୃତ୍ୟୁ ଦିବସର) ତିଥି ଦିନ ଆମେ ପାର୍ବଣ ଶ୍ରାଦ୍ଧ କର୍ମ କରିଥାଉ। କୌଣସି କାରଣ ବଶତଃ ଏଥିରୁ ବଞ୍ଚିତ ହେଲେ ଆମେ ଶେଷ ଦିନ ଅର୍ଥାତ୍ ମହାଳୟାରେ ସେହି ପାର୍ବଣ ଶ୍ରାଦ୍ଧ କର୍ମ କରିଥାଉ। ପୁନଶ୍ଚ କୌଣସି କାରଣ ପାଇଁ ଏଥିରୁ ବିରତ ହେଲେ ବର୍ଷର ଅନ୍ତିମ ସୁଯୋଗ ଅନୁଯାୟୀ କାର୍ତ୍ତିକ ମାସ ଦୀପାବଳି ଅମାବାସ୍ୟାରେ ପୟାଶ୍ରାଦ୍ଧ ଅର୍ପଣ କରାଥାଉ। ଏହା ଦିବଂଗତ ପିତୃପୁରୁଷଙ୍କ ତ୍ୟାଗର ପ୍ରତିଦାନ ପାଇଁ ଆମର ଶ୍ରଦ୍ଧା ସୁମନ। ଏହି ସମୟରେ ମର୍ତ୍ତ୍ୟବାସୀମାନେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ପୂର୍ବକ ଶ୍ରାଦ୍ଧ ଅର୍ପଣ ନିମନ୍ତେ ପୟାଗରାଜରେ ପ୍ରବାହିତ ପବିତ୍ର ଗଙ୍ଗା ନଦୀରେ ସ୍ନାନ କରି "ଗୟା'ରେ ଅନ୍ତିମ ଶ୍ରାଦ୍ଧ ଦେଇ ଅସ୍ଥି ବିସର୍ଜନ କଲେ ଦିବଂଗତ ପିତୃଲୋକମାନେ ପୁନର୍ଜନ୍ମରୁ ମୁକ୍ତି ଲାଭ କରନ୍ତି ବୋଲି ବିଶ୍ୱାସ କରାଯାଏ। କେହି କେହି ମର୍ତ୍ତ୍ୟ ବୈକୁଣ୍ଠ କୁହାଯାଉଥିବା ଶ୍ରୀମନ୍ଦିର ସନ୍ନିକଟସ୍ଥ ପବିତ୍ର ପୁଷ୍କରିଣୀ ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା, ମାର୍କଣ୍ଡେୟ ଓ ନରେନ୍ଦ୍ରରେ ମଧ୍ୟ ତିଳ ତର୍ପଣ ଓ ପିଣ୍ଡଦାନ କରି ମହୋଦଧିରେ ଅସ୍ଥି ବିସର୍ଜନ କରି ଦିବଂଗତଠାରୁ ଆଶୀର୍ବାଦ ଭିକ୍ଷା କରିବା ସହିତ ଉତ୍ତରପିଢିଙ୍କ ସକଳ ଉନ୍ନତି କାମନା କରନ୍ତି। ଏଥିପାଇଁ ଅନ୍ୟ ଏକ ପବିତ୍ର ତୀର୍ଥ କ୍ଷେତ୍ର ଯାଜପୁରସ୍ଥିତ ମା ବିରଜାଙ୍କ ମନ୍ଦିରରେ ଥିବା ନାଭିଗୟାରେ ଅସ୍ଥି ବିସର୍ଜନ କରି ପୁଣ୍ୟଲାଭ କରନ୍ତି। ପୁରାଣ ଶାସ୍ତ୍ର ଅନୁସାରେ ଯଦି ପିତୃପୁରୁଷମାନେ ଶ୍ରଦ୍ଧାରେ ସନ୍ତୁଷ୍ଟ ହୁଅନ୍ତି, ତେବେ ସେମାନେ ସ୍ୱାସ୍ଥ୍ୟ, ଧନ, ଜ୍ଞାନ ଓ ଦୀର୍ଘାୟୁ ଭଳି ଅଖଣ୍ଡ ଆଶୀର୍ବାଦ ପ୍ରଦାନ କରନ୍ତି ବୋଲି ବିଶ୍ୱାସ କରାଯାଏ। ବର୍ତ୍ତମାନ ଦେଖାଯାଉଛି ଜୀବିତ ଅବସ୍ଥାରେ ନିଜର ଜନ୍ମିତ ପିଲାମାନେ ବାପା ଓ ମା ଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବାରେ ଢେର କାର୍ପଣ୍ୟ ଦେଖାଉଛନ୍ତି। ଜେଜେ ବାପା ଓ ଜେଜେ ମା ନିଜ ନାତି, ନାତୁଣୀମାନଙ୍କ ସହିତ ସମୟ କାଟିବା ସୁଯୋଗରୁ ବଞ୍ଚିତ ହେଉଛନ୍ତି, ଏହାଠାରୁ ପରିତାପର ବିଷୟ କଣ ହୋଇପାରେ ?। ଆମକୁ ଥରେ ଭାବିବାକୁ ପଡ଼ିବ ଯେ, ଯାହାଙ୍କ ପ୍ରତି ଆମେ ଏତେ ନିଷ୍ଠୁର ହେଉଛେ ଆମକୁ ଦିନେ ନା ଦିନେ ସେହି ବୟସକୁ ସାମ୍ନା କରିବାକୁ ପଡିବ। ସୁତରାଂ ଜୀବାସ୍ଥାରେ ନିଜର ପିତା, ମାତା, ଆତ୍ମୀୟ ସ୍ୱଜନ ଓ ଅନ୍ୟମାନଙ୍କ ପ୍ରତି ଯଥେଷ୍ଟ ସମ୍ବୋଧନଶୀଳ ହେବା ସହିତ ତାଙ୍କ ମୁହଁରେ ହସ ଫୁଟାଇବାକୁ ସଂକଳ୍ପ ବଦ୍ଧ ହେବା। ବର୍ତ୍ତମାନର ବସ୍ତୁବାଦୀ ଦୁନିଆ ଓ ସଙ୍କୁଚିତ ପରମ୍ପରାରେ ବିସ୍ତାରିତ ଶ୍ରଦ୍ଧା ହିଁ ହେଉ ପ୍ରକୃତ ମହାଳୟା ପର୍ବର ଆଭିମୁଖ୍ୟ।

# ବିମାତା, କୁମାତା ନୁହେଁ

॥ ଅଲେଖ ଚନ୍ଦ୍ର ସାମଲ ॥

ସାମାଜିକ ଚଳଣି ଭିତରେ ମାଆ ଚରିତ୍ରକୁ ନେଇ ଏବେବି ମତଭେଦ ରହିଛି । ମା' ଓ ସାବତମାଆର ଭୂମିକାକୁ ସମଭାବରେ ଗ୍ରହଣ କରିପାରୁନାହିଁ ସମାଜ । ପୌରାଣିକ ଯୁଗରୁ ସାବତ ମା'କାହାଣୀ ମନଗଢ଼ା ହେଲେ ବି ଲୋକ ଚକ୍ଷୁରେ ଏହା ଜୀବନ୍ତ ଥିବା ଲକ୍ଷ୍ୟ କରାଯାଏ । ସାବତମାଆ ଯେ ମାଆର ସ୍ନେହ, ମମତାଠାରୁ ସନ୍ତାନମାନଙ୍କୁ କମ୍ ସ୍ନେହ ଦିଏନାହିଁ, ତାହା ଅନେକ କ୍ଷେତ୍ରରେ ଉପଲବ୍ଧି କରାଯାଉଥିଲେ ମଧ୍ୟ ପ୍ରଚଳିତ ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଅବସ୍ଥା ଏହି ସାବତ ମାଆର ଚିତ୍ରକୁ ବଦଳାଇବାରେ ସକ୍ଷମ ହୋଇପାରିନାହିଁ । ଛୋଟ ଛୋଟ ଶିଶୁ ସନ୍ତାନଙ୍କ ଲାଳନପାଳନର ଆବଶ୍ୟକତା ପୂରଣ କରିବା ପାଇଁ ପରିବାରର ଚାପରେ ଅନେକ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ ହୁଅନ୍ତି । ନବବଧୂଟି ପରିବାରକୁ ଆସିବା ପରେ ପିଲାଙ୍କୁ ଯେତେ ସ୍ନେହ ମମତା ଅଜାଡ଼ି ଦେଲେବି ସାହି ପଡ଼ୋଶୀ ତା'ର ଆତ୍ମୀୟତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ମାଆର ଆକଟ ହିଁ ଦୁର୍ବିସହ ହୋଇପଡ଼େ ଅନ୍ୟମାନଙ୍କ ପାଇଁ । ସାବତ ମାଆର ଚରିତ୍ର ମୃତ୍ୟୁ ପର୍ଯ୍ୟନ୍ତ ନିଭେଇବାକୁ ପଡ଼ିଥାଏ ତାକୁ ।

ପ୍ରାଚୀନ କାଳରେ ପତ୍ନୀ ଥାଇ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ସଂଭ୍ରାନ୍ତ ପରିବାରର ଏକ ପରମ୍ପରା ଥିଲା । ପ୍ରଥମ ପତ୍ନୀର ସନ୍ତାନଙ୍କୁ ନିଜ ସନ୍ତାନ ସଦୃଶ ଦେଖୁଥିଲେ ମଧ୍ୟ ଦୁଇ ପତ୍ନୀଙ୍କ ପାରିବାରିକ କଳହ ଓ ଉଭୟଙ୍କ ମନାନ୍ତର ବହୁ ପରିମାଣରେ ପ୍ରଭାବିତ କରୁଥିଲା ପିଲାମାନଙ୍କୁ । ସେମାନଙ୍କ କୋମଳ ମନ ଭିତରେ ସାବତମାଆର କାହାଣୀକୁ ଜୋରଜବରଦସ୍ତ ଲଦି ଦେଉଥିଲା ସମାଜ । ଅତ୍ୟାଧୁନିକ ସମାଜରେ ସାବତମାଆର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପିଲାଙ୍କ ଲାଳନପାଳନ, ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ମାଆ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି । ଅଧିକ ପରିଶ୍ରମ ମଧ କରିବାକୁ ହେଉଛି ସେମାନଙ୍କୁ । ମାଆ ଭୂମିକାରେ ଥିବା ସାବତମାଆ ମଧ୍ୟ ଏଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି । ସାବତମାଆର ଲାଳନ ପାଳନ ସ୍ନେହ, ଶ୍ରଦ୍ଧା ଅନେକ ମାତୃହୀନ ନବଜାତଙ୍କୁ ମଣିଷ କରି ଗଢ଼ି ତୋଳିବାରେ ସହାୟକ ହୋଇ ପାରିଛି ।

ଯେଉଁଠି ମାଆ ଥାଇ ସାବତ ମାଆ ଆସୁଛି ସେ ପରିବାରରେ ଦୁଇ ମହିଳାଙ୍କ ମଧ୍ୟରେ ମନାନ୍ତର ଦେଖାଯାଉଛି । ପିଲାମାନେ ଉଭୟ ମାଆଙ୍କ ସାନିଧ୍ୟ ଲାଭ କରୁଛନ୍ତି । କୌଣସି ମହିଳା ସନ୍ତାନମାନଙ୍କ ପ୍ରତି ଅସୂୟା ମନୋଭାବ ରଖିବା ଦେଖାଯାଏ ନାହିଁ । ପ୍ରାଚୀନକାଳର କିଛି କାହାଣୀ ଓ ପରମ୍ପରା ସାବତ ମାଆ ଚରିତ୍ରକୁ ବିଶୃଙ୍ଖଳିତ ବ୍ୟବସ୍ଥା ଭିତରକୁ ନେଇ ଆସିଛି ଯାହା ଏବେବି ଲୋକଙ୍କ ମନଭିତରୁ ସେ ବ୍ୟକ୍ତିତ୍ୱ ବାହାରି ଆସିପାରୁନାହିଁ । ଗାଁ ଗହଳିରେ ସାବତମାଆ, ମାଆଠାରୁ ଅଧିକ ମମତା ଦେଇଥାଏ । ଲୋକକଥା ଓ ପଡ଼ୋଶୀଙ୍କ ଈର୍ଷାଭାବ ହିଁ ତାକୁ ବାଧ୍ୟ କରିଥାଏ ପିଲାମାନଙ୍କର ଠିକ୍‌ଭାବେ ଯତ୍ନନେବା ପାଇଁ । ସହରାଞ୍ଚଳରେ ଅତ୍ୟାଧୁନିକ ଚାଲି ଚଳଣି ଭିତରେ ସାବତମାଆର ଆତ୍ମୀୟତା ପିଲାମାନଙ୍କ ଉପରୁ ଊଣାହେବା ଦେଖାଯାଏ ନାହିଁ । ସାବତମାଆଟିଏ ସବୁବେଳେ ମାନସିକ ଚାପର ବଶବର୍ତ୍ତୀ ହୋଇଥାଏ । ସବୁ ସମୟରେ ତାକୁ ଯେଉଁ ସମ୍ବୋଧନ କରାଯାଇଥାଏ ତାହା ତା ମନଭିତରେ ଗଭୀର ଆଘାତ ସୃଷ୍ଟି କରିଥାଏ । ବିଳାସ ବ୍ୟସନରେ ରହୁଥିବା ଧନାଢ଼୍ୟ ପରିବାରରେ ପିଲାମାନେ ମାଆ ଓ ସାବତମାଆର ପାର୍ଥକ୍ୟ ସେଭଳି ଅନୁଭବ କରନ୍ତି ନାହିଁ । ସେମାନେ ଯେଉଁ ଧାରାରେ ପ୍ରତିପାଳିତ ହୋଇଥାଆନ୍ତି ସେଥିରୁ ଅଚାନକ ବିଚ୍ୟୁତ ଘଟିଲେ ମାନସିକ ଆଘାତ ପାଆନ୍ତି । ମାଆ ସହ ସେମାନଙ୍କର ଥିବା ସମ୍ପର୍କର ରଜ୍ଜୁ ବିଚ୍ଛିନ୍ନ ହେଲେ ମମତାରେ ଏକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥାଏ । ଜନ୍ମରୁ ଯେଉଁ ଆତ୍ମୀୟତା ସେମାନଙ୍କ କଅଁଳ ମନକୁ ବାନ୍ଧି ରଖିଥାଏ ସେଥିରେ ପରିବର୍ତ୍ତନ, ସ୍ୱାଭାବିକଭାବେ ସେମାନଙ୍କୁ ଆଘାତ ଦେଇଥାଏ । ସହଜରେ ସେମାନେ ଆଉଜଣେ ମାଆର ଆତ୍ମୀୟତାକୁ ଗ୍ରହଣ କରିପାରିନଥାନ୍ତି । ସମୟକ୍ରମେ ଅଭ୍ୟସ୍ତ ହୋଇପଡ଼ିଲେ ଏହି ବ୍ୟବଧାନ ଦୂରେଇ ଯାଇଥାଏ । ଅନ୍ୟମାନଙ୍କ ଆଖିରେ ସାବତମାଆ ସବୁବେଳେ ସାବତମାଆର ପାରମ୍ପରିକ ଚରିତ୍ର ହୋଇ ରହିବା ଦେଖାଯାଏ ଯାହା ବାସ୍ତବ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ ସେ କଥା କେହି ସହଜରେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ।

ସମାଜରେ ଅନେକ ସାବତମାଆ ଅଛନ୍ତି ଯେଉଁମାନଙ୍କ ଜୀବନ ପିଲାଙ୍କ ପାଇଁ ସମର୍ପିତ । ସନ୍ତାନପ୍ରସବ କ୍ଷମତା ଉପରେ ସ୍ୱଇଚ୍ଛାରେ ସେମାନେ ପ୍ରତିବନ୍ଧକ ଲଗାଉଥିବା ଦେଖାଯାଏ । ନିଜ ସନ୍ତାନ ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ନାହିଁ; ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରୁଥିବା ମହିଳାଙ୍କ ପ୍ରତି ଏମାନଙ୍କ ମନୋଭାବ ସ୍ୱତଃ ଏକ ନୂଆ ଚେତନା ଆଣିଦେଇଥାଏ । ଯେଉଁ ପରିବାରରେ ପିଲାମାନେ ବଡ଼ ହେବାପରେ ପୁରୁଷଟିଏ ଦ୍ୱିତୀୟ ବିବାହ କରେ, ସେଠି ପିଲାମାନେ ବାପା, ମାଆଙ୍କ ସ୍ନେହଠାରୁ ନିଜକୁ ଦୂରେଇ ରଖନ୍ତି । ସାବତମାଆ ଯେତେ ଚେଷ୍ଟା କଲେବି ସେମାନଙ୍କ ମନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୁଏନାହିଁ । ମାଆ ଓ ସନ୍ତାନଙ୍କ ବୟସର ତାରତମ୍ୟ, ସ୍ନେହ ଶ୍ରଦ୍ଧା ଅପେକ୍ଷା ଈର୍ଷା ଓ ଅସ୍ୱଚ୍ଛ ମନୋଭାବ ସୃଷ୍ଟି କରିଥାଏ । ଅନେକ କ୍ଷେତ୍ରରେ ପୁଅ ଝିଅଙ୍କ ବିବାହ ପରେ ବି ଅସହାୟ ବୟସ୍କ ବାପାମାନେ ଦ୍ୱିତୀୟ ବିବାହକୁ ବାଛି ନେଇଥାଆନ୍ତି । ଏଭଳି କ୍ଷେତ୍ରରେ ସାବତମାଆଙ୍କ ଠାରୁ ସେଭଳି ସ୍ନେହ ମିଳିନଥାଏ । ପିଲାମାନେ ସବୁବେଳେ ଏହି ପାରିବାରିକ ବଳୟ ଭିତରୁ ନିଜକୁ ଦୂରେଇ ରଖିଥାଆନ୍ତି । ଯେଉଁଠି ଆତ୍ମୀୟତା ସେମାନଙ୍କୁ ସ୍ପର୍ଶ କରିଥାଏ ସେ କ୍ଷେତ୍ରରେ ସାବତମାଆ ହୋଇପଡ଼େ ମାଆଠାରୁ ଅଧିକ ମମତା ପ୍ରଦାୟିନୀ । ଏବେ ମାଆ ଥିଲେ ସାବତମାଆ ଘରକୁ ଆସିବା ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ସାବତମାଆ ଅପେକ୍ଷା ଅତ୍ୟାଧୁନିକ ସମାଜରେ ରକ୍ଷିତାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।

ଗୋଟିଏ ପରିବାରରେ ପତ୍ନୀ ଓ ଦ୍ୱିତୀୟ ପତ୍ନୀଙ୍କୁ ରଖିବା ବ୍ୟବସ୍ଥାଠାରୁ ଦୂରେଇ ରହୁଛନ୍ତି ପୁରୁଷମାନେ । ପରିବାର ବାହାରେ ରକ୍ଷିତାମାନଙ୍କ ପାଇଁ ସ୍ଥାନ ବାଛୁଛନ୍ତି । ଘରଭିତରେ ଦୁଇ ମହିଳାଙ୍କ ବିବାଦର ଆଶଙ୍କା ଓ ଲୋକଲଜ୍ଜାକୁ ଭୟକରି ଅନେକ ଶିକ୍ଷିତ ବ୍ୟକ୍ତି, ରକ୍ଷିତାକୁ ସମ୍ପର୍କୀୟ ମାନଙ୍କଠାରୁ ଦୂରରେ ରଖୁଛନ୍ତି । ନାରୀ ସ୍ୱାଧୀନତା ସାବତମାଆ ପରମ୍ପରାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛି । ସାବତମାଆର ସ୍ୱଭାବ ଓ ମାନସିକତାକୁ ନେଇ ଯେଉଁସବୁ ଚର୍ଚ୍ଚା ଏବେବି ସାମାଜକ ଚଳଣି ଭିତରେ ପରମ୍ପରା ହୋଇ ରହିଯାଇଛି, ତାହା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାବତମାଆ କୋଳରେ ବଢ଼ିଥିବା ପିଲାମାନେ ଜୀବନସାରା ଏଇ ମାଆମାନଙ୍କୁ ଭୁଲିପାରନ୍ତି ନାହିଁ । ନାରୀ ମାନସିକତା ଭିତରେ ଯେଉଁ ମାଆର ହୃଦୟ ରହିଛି, ତାହା ଜନ୍ମିତ ମାଆଠାରୁ ଯେତିକି ପରିମାଣରେ ମିଳିଥାଏ ଠିକ୍ ସେତିକି ମିଳେ ସାବତମାଆଠାରୁ । ଭୁଲ ବୁଝାମଣା, ଅସୂୟା ମନୋଭାବ ରଖୁଥିବା ମହିଳାଙ୍କ ଆଲୋଚନା ଏବଂ ସାଧାରଣ ତ୍ରୁଟି ବିଚ୍ୟୁତିକୁ ନେଇ ସାବତମାଆ ଉପରେ ଯେଉଁ ଧାରଣା ତିଆରି କରାଯାଇଛି ସେସବୁ ଠିକ୍ ନୁହେଁ ପ୍ରମାଣିତ କରିଛନ୍ତି ସାବତମାଆମାନେ । ଏହି ବ୍ୟବସ୍ଥା ଏବେବି ପ୍ରଚଳିତ ଅଛି । ମାଆ ଓ ସାବତମାଆ ଚରିତ୍ରକୁ ନେଇ ରହିଛି ଭିନ୍ନମତ ।

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩**

# ପ୍ରକୃତି ସହ ସୁସମ୍ପର୍କରେ ହିଁ ବଞ୍ଚିବା

॥ ବିପିନ ବିହାରୀ ରାଉତ ॥

ବିଶ୍ୱ ଆଗରେ ନିୟମିତ ଗୋଟିଏ ପରେ ଗୋଟିଏ ବିପଦ ଉଭା ହେଉଛି। କରୋନା ଭଳି ମହାମାରୀ ଅଚାନକ ନେଇଗଲା ଲକ୍ଷ ଲକ୍ଷ ଜୀବନ। ତେବେ ଯେଉଁ ବଡ଼ ବିପଦ ଆମ ମୁଣ୍ଡ ଉପରେ ଡେମୋକ୍ଲିସର ଖଣ୍ଡା ହୋଇ ଝୁଲୁଛି, ତାହା ହେଉଛି ପରିବେଶ। ପରିବେଶ ପ୍ରଦୂଷଣ କାରଣରୁ ଭୟଙ୍କର ପରିସ୍ଥିତି ଆଡ଼କୁ ବିଶ୍ୱ ଗତି କରୁଥିଲାବେଳେ କେବଳ ଦିନଟିଏ ପାଇଁ କିମ୍ବା ସପ୍ତାହେ ପାଇଁ ଏହି ଦିବସ ପାଳନ କରିଦେଇ ଆମେ ଚୁପ ହୋଇ ରହିଗଲେ ବିପଦକୁ ସମ୍ପୂର୍ଣ୍ଣ ଏଡ଼ାଇ ପାରିବା ନାହିଁ। ଦାୟିତ୍ୱ ସମସ୍ତଙ୍କର। ଜୁନ ୫ ତାରିଖ ପରିବେଶ ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଶ୍ୱ ପାଳନ କରିଛି ବିଶ୍ୱ ପରିବେଶ ଦିବସ। ପରିବେଶ ଦିଗରେ ସଚେତନା ସୃଷ୍ଟି ନିମନ୍ତେ ୧୯୭୪ ମସିହାରୁ ଏହି ଦିବସ ପାଳନ କରାଯାଉଛି। ଭାରତରେ ମଧ ଏଭଳି କାର୍ଯ୍ୟକ୍ରମର ଧୁମଧାମ ଆୟୋଜନ ହୋଇଥାଏ। ହେଲେ ପରେ ଆମେ ଏହି ଦିନ ନେଇଥିବା ନିଷ୍ପତ୍ତିକୁ କେତେ ସଫଳତାର ସହ ପୂରଣ କରିଛେ ତାକୁ ଭୁଲିଯାଇଥାଏ।

ଧରିତ୍ରୀ ଆମର ମା', ପ୍ରକୃତି ଆମର ଜୀବନ। ପ୍ରକୃତି ବିନା ଜୀବନ ଅସମ୍ଭବ ଏହା ଆମେ ସମସ୍ତେ ଜାଣିଛେ। ମାତ୍ର ବିକାଶ ଓ ଆଧୁନିକତାର ପ୍ରତିଯୋଗିତାର ନିୟମିତ ପରିବେଶକୁ କ୍ଷତି ପହଞ୍ଚାଉଛେ। ଶିଳ୍ପ ପ୍ରତିଷ୍ଠାନ ପାଇଁ ହେଉ ଅବା ବିଧାୟକଙ୍କ ଘର କିମ୍ବା ସଂସଦ ଭବନ, ସବୁଠି ବଳି ପଡୁଛି ବୃକ୍ଷ। କିଛି ଦିନ ହୋହଲ୍ଲା ପରେ ସମସ୍ତେ ଚୁପଚାପ। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗଛ ଲଗାଇବାର ପ୍ରତିଶ୍ରୁତି ସାଧାରଣ ଜନତାଙ୍କୁ ସରକାର ଦେଉଥିଲାବେଳେ ପରେ ଗୋଟିଏ ଗଛ ବଞ୍ଚିଛି ନା ନାହିଁ ତାକୁ ଦେଖିବାକୁ କେହି ନାହାନ୍ତି। କ୍ରମାଗତ ଭାବେ ଆମେ ପ୍ରକୃତି ଠାରୁ ଦୂରେଇ ଚାଲିଛେ। ଝରଣା, ନଦୀ, ହ୍ରଦ, ଜଙ୍ଗଲ ଦେଖିବାକୁ ଦୂରକୁ ଯିବାକୁ ପଡୁଛି। ଆଉ ପ୍ରକୃତିକୁ କ୍ଷତ ପହଞ୍ଚାଇବାର ପରିଣାମ ନିୟମିତ ଭୋଗୁଛେ। ଜଳବାୟୁ ପରିବର୍ତ୍ତନ କାରଣରୁ କେତେବେଳେ ତାତି ୪୫ ଡିଗ୍ରୀ ଟପିଲାଣି ତ ଆଉ କେତେବେଳେ ଅବିଶ୍ରାନ୍ତ ବର୍ଷା। ଜନ ଜୀବନକୁ ବିପର୍ଯ୍ୟସ୍ତ କରି ପକାଉଛି। ଖରା, ବର୍ଷା, ଶୀତ ସବୁଥିରେ ଅନିଶ୍ଚିତତା। ଜଳସ୍ତର ହ୍ରାସ କାରଣରୁ ଜଳ ସଙ୍କଟ ବଢ଼ିବାରେ ଲାଗିଛି। ଗଛ କାଟିବାରୁ ପ୍ରଦୂଷିତ ହେଉଛି ବାୟୁ। ଆଉ କେବଳ ଏହି ବାୟୁ ପ୍ରଦୂଷଣ କାରଣରୁ ବର୍ଷକରେ ବିଶ୍ୱରେ ୧ କୋଟିରୁ ଅଧିକ ଲୋକଙ୍କର ଯାଉଛି ଜୀବନ। ସହରାଞ୍ଚଳରେ ଶାନ୍ତିରେ ନିଶ୍ୱାସ ନେବା କଷ୍ଟକର ହୋଇପଡୁଥିଲା ବେଳେ ଗ୍ରାମାଞ୍ଚଳ ସ୍ଥିତି ମଧ ସେହି ଆଡ଼କୁ ମୁହାଁଇଲାଣି।

ସବୁରି ମୂଳର ବଡ଼ କାରଣ ହେଉଛି ଜୀବନଧାରଣର ମାନ ବଦଳିବା। ନିଜକୁ ଆରାମଦାୟକ ସ୍ଥିତିରେ ରଖିବା ପାଇଁ ଯେଉଁସବୁ ପଦକ୍ଷେପ ଆମେ ନେଉଛେ ତାହା ଅନ୍ୟମାନଙ୍କ ପାଇଁ ବିପଦ ଡାକୁଛି। ଆଉ ଏହି ବିପଦରେ ମଧ ଆମେ ହିଁ ପଡୁଛେ। ପ୍ରକୃତି ଠାରୁ ଦୂରେଇ ରହିବା କାରଣରୁ ଏଭଳି ରୋଗ ଦେଖିବାକୁ ମିଳୁଛି ଯାହାର ଔଷଧ ବୈଜ୍ଞାନିକଙ୍କ ହାତରେ ମଧ ନାହିଁ। ନଦୀ, ଝରଣାର ଦିଗ ବଦଳିବା, ଜଙ୍ଗଲ ନଷ୍ଟ ହେବା ଏହି କାରଣରୁ ପ୍ରଦୂଷଣ ବଢ଼ିବା ଆମ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି ବର୍ତ୍ତମାନ ସମୟରେ। ତେଣୁ ନିଜକୁ ବଞ୍ଚାଇ ପୃଥିବୀକୁ ବଞ୍ଚାଇ ରଖିବାର ଉଦ୍ୟମ କ୍ରମେ ଜୁନ ୫ ତାରିଖକୁ ଯଦିଓ ଆମେ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରୁଛେ ତେବେ ଏହି ଗୋଟିଏ ଦିନର ସଚେତନତା ଯଥେଷ୍ଟ ନୁହେଁ। ଯେ ପର୍ଯ୍ୟନ୍ତ ଆମେ ନିଜେ ଚେତି ନାହେଁ ସେ ପର୍ଯ୍ୟନ୍ତ ଅନ୍ୟକୁ ଓ ସମାଜକୁ ସଚେତନ କରାଇ ପାରିବା ନାହିଁ। ଗୋଟିଏ ଦିନର ଭାଷଣବାଜି, ପ୍ରତିଶ୍ରୁତି ବିଶ୍ୱକୁ ସୁରକ୍ଷା ଦେବାରେ ଯଥେଷ୍ଟ ନୁହେଁ। ତେଣୁ ପ୍ରତ୍ୟେକ ଦେଶ ମିଳିତ ଭାବେ ଏହି ବିପଦର ମୁକାବିଲା ପାଇଁ ଆଗେଇ ଆସିବା ଦରକାର। ହେଲେ କିଛି ଦେଶ ନିଜର ସ୍ୱାର୍ଥ ପାଇଁ ଏଭଳି ଉଦ୍ୟମକୁ ଭଣ୍ଡୁର କରିବାର ଯେଉଁ ଅପଚେଷ୍ଟା କରୁଛନ୍ତି ତାହା ଖାଲି ଅନ୍ୟ ଦେଶ ପାଇଁ ନୁହେଁ ସେମାନଙ୍କ ପାଇଁ ମଧ ବିପଦ ବୋଲି ବୁଝିବା ଦରକାର। ଆଧୁନିକ ବିଶ୍ୱ ପାଇଁ ଆଜି ସବୁଠି ବଡ଼ ବିପଦ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ଏହାକୁ କେବଳ ସଭାସମିତିରେ, ପ୍ଲାକାର୍ଡ଼ ଭିତରେ ସୀମିତ ରଖିବା ଅନୁଚିତ। ବିକାଶ ନାମରେ ଆମେ ଯେ ଏକ ବିନାଶ ଆଡ଼କୁ ଗତି କରିଛେ ତାହା ସମସ୍ତେ ବୁଝିବା ଦରକାର। ଧରିତ୍ରୀ ଆମର ଘର। ତେଣୁ ଏଥିରେ ଦେଖାଦେଉଥିବା ପରିବର୍ତ୍ତନକୁ ନ ବୁଝିବା ଅର୍ଥ ହେଉଛି ଆମେ ଆମର ଘର ଓ ପରିବାରର ଦାୟିତ୍ୱକୁ ବୁଝିପାରୁନାହୁଁ। ଯଦିଓ ଏହା କଠିନ ତେବେ ଏଥିରେ ମଧ ସଫଳତା ସେତେବେଳେ ମିଳିପାରିବ ଯେତେବେଳେ ଆମେ ସମସ୍ତେ ଏକାଠି ହୋଇ ଏହି ଅଭିଯାନରେ ନିଜକୁ ସାମିଲ କରିବା।

**ଶ୍ରୀବିହାର କଲୋନୀ, କଟକ**
**ଦୂରଭାଷ : ୯୪୩୭୬୬୬୪୫୩**

## ଦୁର୍ବଳ ସେତୁ ଉପରେ ବିପଦ ପୂର୍ଣ୍ଣ ଯାତ୍ରା

# ଜୀବନକୁ ବାଜି ଲଗାଉଛନ୍ତି ଦୈନିକ ଶହ ଶହ ଯାତ୍ରୀ

ନୟାଗଡ଼, ( ମହାଭାରତ ) : ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ୫୭ ର ନୟାଗଡ଼କୁ ସଂଯୋଗ କରୁଥିବା କୁସୁମୀ ପୋଲ ଟି ବିପଦ ପୂର୍ଣ୍ଣ ଅବ୍ୟବସ୍ଥାରେ ରହିଥିବା ବେଳେ ଏହା ଉପରେ ପ୍ରତିଦିନ ଶହ ଶହ ଗାଡିମଟର ଚଳାଚଳ କରୁଛି । ସେପଟେ ନୂତନ ପୋଲର ନିର୍ମାଣ ଅବଧି ଶେଷ ହୋଇଥିବା ବେଳେ ଆପ୍ରୋଚ୍ ରୋଡ୍ ନିର୍ମାଣ କାମ ଶେଷ ହୋଇ ନଥିବାରୁ ଫିଟି ପାରୁନି ବାଟ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ସେପଟେ ବିଭାଗ ପକ୍ଷରୁ କୁହାଯାଇଛି ଠିକାଦାର ଏବଂ ସବ୍ ଠିକାଦାର ମଧ୍ୟରେ ବିବାଦ ପାଇଁ କାମ ବନ୍ଦ ରହିଥିଲା। ନିକଟରେ ଏହାର ସମାଧାନ ହୋଇଛି। ଖୁବ୍ ଶୀଘ୍ର ନୂଆ ପୋଲର ଆପ୍ରୋଚ୍ ରୋଡ୍ କାମ ଆରମ୍ଭ ହେବ ବୋଲି ଏନ୍ଏଚ୍ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଦୁର୍ବଳ ସେତୁ ଉପରେ ବିପଦଜନକ ଯାତ୍ରା। ଜୀବନକୁ ବାଜି ଲଗାଇ ଦୈନିକ ଏହି ରାସ୍ତା ଯାତାୟତ କରନ୍ତି ବହୁ ଯାତ୍ରୀ। ଏ ହେଉଛି ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର କୁସୁମୀ ନଦୀ ଉପରେ ବିପଦ ପୂର୍ଣ୍ଣ ଅବ୍ୟବସ୍ଥା ରହିଥିବା ବ୍ରିଟିସ ଅମଳର ପୁରୁଣା ପୋଲ। ଆଉ ଏହି ପୋଲ ଉପରେ ପ୍ରତିଦିନ ନୟାଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ପୁରୀ, ବୌଦ୍ଧ, କନ୍ଧମାଳ, ଗଞ୍ଜାମ ଜିଲ୍ଲା ସହ ପଡୋଶୀ ରାଜ୍ୟ ଛତିଶଗଡ ଓ ଆନ୍ଧ୍ରପ୍ରଦେଶ କୁ ଶହ ଶହ ଯାତ୍ରୀବାହି ବସ ଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ସ୍କୁଲ କଲେଜର ବସ ଏବଂ ଭାରିଯାନ ଟ୍ରକ୍ ହାଇୱା ସହ ଛୋଟ ବଡ ଗାଡି ମଟର ଚଳାଚଳ କରୁଛି। ଲକ୍ଷ ଲକ୍ଷ ଲୋକଙ୍କ ଲାଇଫ ଲାଇନ ହୋଇଥିବା ଏହି ରାସ୍ତା ମରାମତି କାର୍ଯ୍ୟ ଅଭାବରୁ ପୋଲର ଅବସ୍ଥା ସଙ୍ଗିନ ହୋଇପଡ଼ିଲାଣିୟ ପରିସ୍ଥିତି ଏପରି ହୋଇଛି ଯେ ପୋଲ ଉପରେ ଗଡ଼ି ମଟର ଯାତାୟାତ କରିବାକୁ ଯାତ୍ରୀମାନେ ଭୟ କରୁଛନ୍ତି। ପୋଲ ଉପର ସାରା ଖାଲ ଖମା ରେ ଭର୍ତ୍ତି । ଆଖି କୁ ରାସ୍ତା ପଡୁନି ଜଣା, ଟିକିଏ ଏପଟ ସେପଟ ହେଲେ କଥା ସରିଲା। ଯେତେ ସତର୍କ ସହ ରହିଲେ ମଧ ପ୍ରତିଦିନ ଖାଲରେ ପଡି ସ୍କୁଲ କଲେଜର ଛାତ୍ରଛାତ୍ରୀ ଏବଂ ଗାଡ଼ି ଚାଳକ ସହ ଯାତ୍ରୀ ମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ସେପଟେ ନୂଆ ପୋଲ ନିର୍ମାଣ ପାଇଁ ଅବଧି ସମୟ ଶେଷ ହୋଇଥିବା ବେଳେ କାମ ସରୁନିୟ ପୋଲ ନିର୍ମାଣ ନାଁରେ ଠିକାଦାର ମାସ ପରେ ମାସ ବିତଉଛି । ନୂତନ ପୋଲ ନିର୍ମାଣରେ ଅହେତୁକ ବିଳମ୍ବ ପାଇଁ ପୁରୁଣା ପୋଲ ଉପରେ ବିପଦଜନକ ଭାବେ ବାଧ ହୋଇ ଲୋକ ମାନେ ଯାନବାହାନ ଚଳାଚଳ କରୁଛି। କେତେ ବେଳେ ଯେ ପୋଲ ଟି ଭୁଶୁଡ଼ି ପଡିବ ଆଉ ବଡ ଅଘଟଣ ଘଟିବ କିଛି କହି ହେବ ନାହିଁୟ ଏହାକୁ ନେଇ ଯାତ୍ରୀଙ୍କ ଛାତି ଧଡ଼ ଧଡ଼ ହେଉଛି। ସେପଟେ ନୂଆ ପୋଲ ନିର୍ମାଣ କାମ ଶେଷ ହେଉ ନଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ୩୦ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ପୁରୁଣା ପୋଲଟି ବିପଦ ପୂର୍ଣ୍ଣ ଅବ୍ୟବସ୍ଥା ରହିଥିବାରୁ ଏହା ଉପରେ ଭାରୀଯାନ ଯାତାୟାତ କରିବା ସୁରକ୍ଷିତ ନୁହେଁ ବୋଲି ଜାତୀୟ ରାଜପଥ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ସେପଟେ କିନ୍ତୁ ନୂଆ ପୋଲ ନିର୍ମାଣ କାର୍ଯ୍ୟ ୨୦୨୦ ଅଗଷ୍ଟ ମାସ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଠିକାଦାର ଙ୍କ ଅବହେଳା ପାଇଁ ଅବଧି ସମୟ ପରେ ମଧ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ଫଳରେ ବାଧ୍ୟ ହୋଇ ଲୋକମାନେ ପୁରୁଣା ପୋଲକୁ ବ୍ୟବହାର କରୁଛନ୍ତି। ପୋଲଟି ଖରାପ ଅବସ୍ଥାରେ ରହିଥିବାରୁ ଦୁଇ ବର୍ଷ ତଳେ ପେଟ୍ରୋଲ ଗାଡି ଦୁର୍ଘଟଣା ଗସ୍ତ ହୋଇ ୪ ଜଣଙ୍କର ମୃତ୍ୟୁ ଘଟିଥିଲାୟ ପୋଲର ବାଡ଼ ଗୁଡ଼ିକ ଭାଙ୍ଗି ରୁଜି ବିପଦ ପୂର୍ଣ୍ଣ ଅବ୍ୟବସ୍ଥାରେ ଝୁଲି ରହିଥିବା ବେଳେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି। ସେପଟେ ଜାତୀୟ ରାଜପଥ ବିଭାଗ ପକ୍ଷରୁ କୁହାଯାଇଛି ନୂତନ ପୋଲର ଆପ୍ରୋଚ୍ ରୋଡ୍ କାମ କେବଳ ବାକି ରହିଛି। ପୋଲ କାମ ଟଙ୍କାକୁ ନେଇ ଠିକାଦାର ଏବଂ ସବ୍ ଠିକାଦାର ମଧ୍ୟରେ ବିବାଦ ଉପୁଜିଥିବାରୁ କାମ ବନ୍ଦ ରହିଛି। ଏହାଛଡା ବର୍ଷା ଦିନ ପାଇଁ ଆପ୍ରୋଚ୍ ରୋଡ୍ ନିର୍ମାଣରେ ମାଟିର ସମସ୍ୟାର ସମସ୍ୟା ଉପୁଜିଥିଲାୟ ନିକଟରେ ଠିକାଦାରଙ୍କ ଆଲୋଚନା ସାରିଛି। ଖୁବ୍ ଶୀଘ୍ର ପୁରୁଣା ପୋଲ ଉପରେ ରାସ୍ତା ମରାମତି ସହ ନୂଆ ପୋଲ ର ଆପ୍ରୋଚ୍ ରୋଡ୍ ନିର୍ମାଣ କାମ ଆରମ୍ଭ ହେବ ଏବଂ ଡିସେମ୍ବର ମାସ ବେଳକୁ ନୂଆ ପୋଲ ଉପରେ ଗାଡ଼ି ଚଳାଚଳ କରିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ନୟାଗଡ଼, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ପୁରୀ, ବୌଦ୍ଧ, କନ୍ଧମାଳ, ସୁବର୍ଣ୍ଣପୁର, ବଲାଙ୍ଗୀର, ଗଞ୍ଜାମ ଜିଲ୍ଲା ସହ ପଡୋଶୀ ରାଜ୍ୟ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ର ଲକ୍ଷ ଲକ୍ଷ ଲୋକଙ୍କ ଯାତାୟାତର ଲାଇଫ୍ ଲାଇନ୍ ପାଲଟିଥିବ ବେଳେ ବିପଦ ପୂର୍ଣ୍ଣ ଅବସ୍ଥାରେ ଥିବା ପଣ୍ଡୁସର ପୁରୁଣା ପୋଲ ଉପରେ ଯାତାୟାତ ବନ୍ଦ କରି ଯୁଦ୍ଧକାଳୀନ ଭିତରେ ନୂଆ ପୋଲ ନିର୍ମାଣ କାମ ଶେଷ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



## ବେଧଡକ ଚାଲିଛି ମାଣ୍ଡିଆ ବିକ୍ରି; ପଞ୍ଚାୟତ ସାରା ଘୁରି ବୁଲୁଛନ୍ତି ବେପାରୀ

କୋକସରା,(ମହାଭାରତ): ମାଣ୍ଡିଆ ଏକ ପୁଷ୍ଟିକର ଖାଦ୍ୟ। ଏଣୁ, ପ୍ରତ୍ୟେକ ଗରିବ ପରିବାରକୁ ସରକାରଙ୍କ ପକ୍ଷରୁ ରାସନ କାର୍ଡ ପିଛା ୯ କେଜି ଲେଖାଏଁ ମାଣ୍ଡିଆ ମାଗଣାରେ ପ୍ରଦାନ କରାଯାଉ ଅଛିୟ ଯାହାକି ଗତ ୨୦୨୩ ଡିସେମ୍ବର ଏବଂ ଚଳିତ ଜାନୁୟାରୀ ମାସ ୨୦୨୪ ସୁଦ୍ଧା ବ□ନ କରାଯିବା କଥା ବୋଲି ସୂଚନା ମିଳିଛି ।ହେଲେ, ଉକ୍ତ ମାଣ୍ଡିଆ ସବୁକୁ ଏବେ ପଞ୍ଚାୟତରେ ଚଳିତ ସେପ୍ଟେମ୍ବର ମାସରେ ହିତାଧିକାରୀ ମାନଙ୍କୁ ବଣ୍ଟନ କରାଯାଉଛି। ହେଲେ ଉକ୍ତ ମାଣ୍ଡିଆ ସବୁକୁ ହିତାଧୀକାରୀ ମାନେ ସୁବିନିଯୋଗ ନକରି ତେଲ ଲୁଣ ଦରରେ ଦଲାଲ ହାତରେ ବିକ୍ରୀ କରି ମଦ୍ୟ ପାନ କରି ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଥିବା ମଧ ଦେଖିବାକୁ ମିଳିଛି। କୋକସରା ବ୍ଲକର ୨୨ ଟି ପ□ାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛିୟ ଗ୍ରାମ ପଞ୍ଚାୟତ ମାନଙ୍କରେ ଏବେ ମାଣ୍ଡିଆ ଦିଆଚାଲିଛି। ତେବେ ପଞ୍ଚାୟତରେ ମଣ୍ଡିଆ ଦେବା ସମୟରେ ହିତାଧିକାରୀ ମାନଙ୍କ ପିଛା ଗୋଡାଉଛନ୍ତି ଦଲାଲ ବେପାରୀ ମାନେ। କିଲୋ ପିଛା ୧୫ ରୁ ୨୦ ଟଙ୍କାରେ ମାଣ୍ଡିଆ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି । ପୁଣି ସେହି ଟଙ୍କାକୁ ମଦ ସଟ୍ଟା ରେ ଖର୍ଚ୍ଚ କରାଯାଉଅଛି ।ତେବେ ମାଣ୍ଡିଆର ପ୍ରକୃତ ମୂଲ୍ୟ ୩୫ ରୁ ୪୦ ଟଙ୍କା ରହିଛି। ହିତାଧୀକାରୀ ମାନଙ୍କୁ ପ୍ରଲୋଭନ ଦେଖାଇ ବେପାରୀ ମାନେ କମ ଦରରେ କିଣି ନେଇ ଯାଉଛନ୍ତି। ପୁଣି,ଖରା ଦିନରେ ମାଣ୍ଡିଆ ବଣ୍ଟନ କରାଯିବା କଥା ହେଲେ ଏଠି ସିତ ଋତୁରେ ମାଣ୍ଡିଆ ବଣ୍ଟନ କରାଯିବା କଥାକୁ ନେଇ ବୁଦ୍ଧଜୀବୀ ମହଲରେ ସମାଲୋଚନା ହୁଏ । ଏଣୁ ଏହା ଉପରେ ବ୍ଲକ୍ ଏବଂ ପଞ୍ଚାୟତ ପ୍ରଶାସନ ତତ୍ପରତା ଦେଖାଇ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି।

## ଗଙ୍ଗାଧର ନନ୍ଦଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷୀକି ପାଳନ ଏବଂ ସ୍ମରଣିକା ଉନ୍ମୋଚନ



କୋରାପୁଟ(ମହାଭାରତ): କୋରାପୁଟ ଜିଲ୍ଲା ଜୟପୁର ରାଜୁସାହିସ୍ଥିତ ପଞ୍ଚାନନ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ ଡ ଗଙ୍ଗାଧର ନନ୍ଦଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଙ୍ଗାଧର ନନ୍ଦ ସ୍ମୃତି କମିଟି ଏବଂ ନନ୍ଦ ପରିବାରଙ୍କ ମିଳିତ ଆନୁକୂଲ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଏବଂ 'ଅନନ୍ୟ ରାଷ୍ଟ୍ରବାଦୀ,ଡ. ଗଙ୍ଗାଧର ନନ୍ଦ' ନାମକ ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡ.ସୁରେଶ ଦାଶଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କୋଟପାଡ ବିଧାୟକ ରୂପୁ ଭତ୍ରା,ସମ୍ମାନିତ ଅତିଥି ରୂପେ ଜୟପୁର ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବିଶିଷ୍ଟ ଅତିଥି ରୂପେ ଆଦିମ ଗୁରୁକୂଳ ଆଶ୍ରମ କୁନ୍ଦୁଲିର ଆଚାର୍ଯ୍ୟ ମନୁଦେବ ଜୀ ବାଗ୍ମୀ ,ମୁଖ୍ୟ ବକ୍ତା ରୂପେ ଶ୍ରୀନାଥ ମିଶ୍ର ଯୋଗଦେଇଥିଲେ। ଡ ଜଳେନ୍ଦ୍ର ତ୍ରିପାଠୀ, ଡ ପରେଶ ରଥ,ଧୀରେନ୍ ପଟ୍ଟନାୟକ, ସୁରେଶ ନନ୍ଦ,ପୀତାମ୍ବର ଦାଶ,ପ୍ରକାଶ ମହାନ୍ତି, ମୀନକେତନ ଦାଶ,ମଦନ ମୋହନ ନାୟକ,କୃଷ୍ଣ କେଶବ ଷଡଙ୍ଗୀ ପ୍ରମୁଖ ସ୍ୱର୍ଗତ ନନ୍ଦଙ୍କ ସ୍ମୃତିଚାରଣ କରିଥିଲେ।ବିବିଧ ପ୍ରତିଭାର ଅଧିକାରୀ ହେବାରେ ଗଙ୍ଗାଧର ନନ୍ଦ ଯେ ଓଡିଶାରେ ଅଦ୍ୱିତୀୟ ବୋଲି ଶ୍ରୀନାଥ ମିଶ୍ର ମତ ଦେଇଥିବା ବେଳେ ଓଡିଶାରେ ସଂସ୍କୃତ ରେ ଅନର୍ଗଳ ଓଜସ୍ୱିନୀ ଭାଷଣ ଦେବାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପରେ କେବଳ ଗଙ୍ଗାଧର ନନ୍ଦ ହିଁ ଦ୍ୱିତୀୟ ବ୍ୟକ୍ତି ବୋଲି ସୁରେଶ ଦାଶ ମତ ରଖିଥିଲେ। ଜଗଉାଥ ସାଗରରୁ ଗଙ୍ଗା ଆଜ୍ଞାଙ୍କ ଜୀବନ ଆରମ୍ଭ ଏବଂ ଜଗଉାଥ ସାଗରରେ ହିଁ ତାଙ୍କ ଜୀବନ ଶେଷ ହୋଇଗଲା ବୋଲି ନରେନ୍ଦ୍ର ମହାନ୍ତି ଉପସ୍ଥାପନା କରିଥିବାବେଳେ ଶ୍ରୀଯୁକ୍ତ ନନ୍ଦଙ୍କୁ ଓଡ଼ିଶାର ଜଣେ ଅନନ୍ୟ ମହାପୁରୁଷ ବୋଲି ରୂପୁ ଭତ୍ରା ପ୍ରକାଶ କରିଥିଲେ। କେବଳ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପାଇଁ ନୁହଁ ସମାଜ ପାଇଁ ଗଙ୍ଗାଧର ନନ୍ଦ ଏକ ଅମୂଲ୍ୟ ମୁକ୍ତା ଥିଲେ ହରିହର କରସୁଧା ପଟ୍ଟନାୟକ ମତବ୍ୟକ୍ତ କରିଥିଲେୟ ତାଙ୍କ ବିୟୋଗ ଏକ ସାଧାରଣ ଘଟଣା ନଥିଲା, ବରଂ ଏହାଦ୍ୱାରା ଜଣେ କୋରାପୁଟିଆ ଚାଣକ୍ୟ ତଥା କୋରାପୁଟିଆ ବୀର ସଭରକରଙ୍କ ଆଲୁଅ ଲିଭିଗଲା ବୋଲି ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ମତ୍ୟକ୍ତ କରିଥିଲେ। ଦେବୀଦ□ ନନ୍ଦ,ଅରୁଣ ପାଳ,ଦୀନେଶ ନନ୍ଦ,ଅନୁସୂୟା ନନ୍ଦ,କେ.ତ୍ରିପତୀ ପାତ୍ର,ଅମର ପାଳ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଅଉପୂର୍ଣ୍ଣା ନୋଡାଲ ଧନୀପୁର କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଦଶରଥପୁର (ମହାଭାରତ ): ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତସ୍ତ ଧନୀପୁର ଅଉପୂର୍ଣ୍ଣା ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଆଜି ଅଉପୂର୍ଣ୍ଣା ନୋଡାଲ ଧନୀପୁର କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅଧିନ ୧୬ ଗୋଟି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିବା ବେଳେ ଏଥିରେ ପ୍ରଥମ ଅଧିବେଶନରେ ୧୪ଗୋଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ସେହିପରି ଦ୍ୱିତୀୟ ଅଧିବେଶନରେ ୨ ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଚାରକ ଭାବେ ସିଆରସିସି ଚିତ୍ତ ରଞ୍ଜନ ପରିଡା, ବିକାଶ ମଲ୍ଲିକ, ସନାତନ ନାୟକ, ପ୍ୟାରୀମୋହନ ରାଉତ ପ୍ରମୁଖ ଯୋଗ ଦେଇଥିଲେ ଅଉପୂର୍ଣ୍ଣା ନୋଡାଲ କ୍ଲଷ୍ଟରର ସିଆରସିସି ଗୌତମ ବେହେରାଙ୍କ ସଞ୍ଚାଳନାରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମୁଖ୍ୟ ଅତିଥିଭାବେ ଦଶରଥପୁର ବ୍ଲକର ଏବିଇଓ ସାବିତ୍ରୀ ସେଠୀ, ମୁଖ୍ୟବକ୍ତା ଭାବେ ଦଶରଥପୁର ବ୍ଲକର ଅବସର ପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅଉଦା ପ୍ରସାଦ ରଣା, ସମ୍ମାନିତ ଅତିଥିଭାବେ ଥାଲକୁଡ଼ି ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ସେଠୀ, ସମିତିସଭ୍ୟା ଅର୍ଚ୍ଚନା ଦାସ, ସିଆରସିସି ବିକାଶ ମଲ୍ଲିକ, ଅଶୋକ ସାହୁ, ଅମରେନ୍ଦ୍ର ବେହେରା, ଶିକ୍ଷାବିତ ସତ୍ୟାନନ୍ଦ ରାୟ,ଏସଏମସି ସଭାପତି ନିରଞ୍ଜନ ମଲ୍ଲିକ, ପ୍ରଧାନ ଶିକ୍ଷକ ରଜନୀକାନ୍ତ ବେହେରା,ରଞ୍ଜନ କୁମାର ମହାନ୍ତି, ନମିତା ମହାପାତ୍ର ପ୍ରମୁଖ ଯୋଗ ଦେଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ।

# ନବରଙ୍ଗପୁର ଠାରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ

## ବରିଷ୍ଠ ନାଗରିକ ସମାଜକୁ ଶୃଙ୍ଖଳିତ କରିଥାନ୍ତି: ଜିଲ୍ଲାପାଳ



ନବରଙ୍ଗପୁର(ମହାଭାରତ)::ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷ ରେ ଜିଲ୍ଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ମହା ସମାରୋହ ରେ ବରିଷ୍ଠ ନାଗରିକ ଦିବସ ପାଳନ ହୋଇ ଯାଇଛି। ସକାଳ ୯ .୩୦ ମି ରେ ନବରଙ୍ଗପୁର ବ୍ଲକ ଠାରୁ ଏକ ଶୋଭାଯାତ୍ରାରେ ଶତାଧିକ ବରିଷ୍ଠ ନାଗରିକ ସହିତ ବିଭିନ୍ନ ବିଭାଗୀୟ ପଦାଧିକାରୀ ବାହାରି ସହର ମଧ ଦେଇ ସ୍ଥାନୀୟ ମିଶନ ଶକ୍ତି ବୈଠକ ଗୃହ ରେ ପହଞ୍ଚି ଥିଲେ। ଏହି ପଦଯାତ୍ରା କୁ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବୈଠକ ଗୃହ ରେ ସହର ରେ ଥିବା ଦୁଇଟି ପଞ୍ଜୀକୃତ ବରିଷ୍ଠ ନାଗରିକ ସଂଘ ର ସଭାପତି ଏବଂ ସମ୍ପାଦକ ସହିତ ନବରଙ୍ଗପୁର ପୌରପାଳିକା ଅଧକ୍ଷ ଶ୍ରୀ କୁନୁ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ବରିଷ୍ଠ ନାଗରିକ ମିଶନାରୀ ସଂଘ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ।ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଭାପତି ରୂପେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଯୋଗ ଦାନ ପୂର୍ବକ ଷାଠିଏ ପରେ ବରିଷ୍ଠ କେମିତି ସ୍ୱାସ୍ଥ୍ୟ ସୁରକ୍ଷା କରିବେ ତା ଉପରେ କହି ବରିଷ୍ଠ ନାଗରିକ ମାନଙ୍କ ପାଇଁ ଆଇନ ଗତ ସୁବିଧା କୁ ବିଶେଷ ପ୍ରଚାର ତଥା ବରିଷ୍ଠ ମାନେ ସମାଜକୁ ନିଜର ଅଭିଜ୍ଞତା ଦ୍ୱାର ପୃଷ୍ଟ ଓ ଶୃଙ୍ଖଳିତ କରିଥାନ୍ତି ବୋଲି କହିଥିଲେ। ଡ଼ାବୁ ଗାଁ ବିଧାୟକ ମନୋହର ରନ୍ଧାରୀ ଉପସ୍ଥିତ ରହି ୮୦ ବର୍ଷରୁ ଉର୍ଦ୍ଧ ଦୁଇ ବରିଷ୍ଠ ନାଗରିକଙ୍କୁ ସମ୍ମାନୀତ କରିଥିଲେ ।ପୌରପାଳିକା ଅଧକ୍ଷ ଶ୍ରୀ ନାୟକ ସମାଜ ରେ ଶାନ୍ତି ଓ ସଦଭାବ ରଖିବା ରେ ବରିଷ୍ଠ ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମଳୟ ତ୍ରିପାଠୀ ଉତ୍ତର ବୟସରେ ସ୍ୱାସ୍ଥ୍ୟ ର ଯତ୍ନ କିପରି ରଖିବେ ତା ଉପରେ ବିଭିନ୍ନ ତଥ୍ୟ ଆଧାରିତ ବକ୍ତବ୍ୟ ରଖିଥିଲେ। ଉପଜିଲ୍ଲାପାଳ ଶ୍ରୀ ମିଶ୍ର ଯୋଗ ଦେଇ ବରିଷ୍ଠ ନାଗରିକ ସୁରକ୍ଷା ପାଇଁ ଥିବା ବିଭିନ୍ନ ଆଇନଗତ ସୁବିଧା ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ ହସ ଖୁସି ହେଉଛି ବର୍ତ୍ତମାନ ସମୟରେ ସର୍ବୋଚ୍ଚ ଔଷଧ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ ପୁଅଝିଅ ମାନେ ନିଜର ବରିଷ୍ଠ ସଦସ୍ୟ ଙ୍କୁ ଯତ୍ନ ଓ ସମ୍ମାନ ଦେବାକୁ କହିଥିଲେ। ବରିଷ୍ଠ ନାଗରିକ ମାନେ ନିଜସ୍ ରଚିତ ଗୀତ ଗାଇବା ସଙ୍ଗେ ସଙ୍ଗେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ସମସ୍ତ ବରିଷ୍ଠ ନାଗରିକଙ୍କୁ ଙ୍କୁ ଉପଢୌଉକନ ଦେଇ ସମ୍ମାନିତ କରାଯାଇଥିଲା। ଗୃହ ବାହାରେ ସ୍ୱାସ୍ଥ୍ୟ ମେଳା କରାଯାଇ ସମସ୍ତ ବରିଷ୍ଠ ନଗରିକ ଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବିଭିନ୍ନ ଔଷଧ ପ୍ରଦାନ କରା ଯାଇଥିଲା। ସି ଆର୍ ପି ଏଫ ଓ ର୍ରିଜବ ପୋଲିସ ରୁ ପଦାଧିକାରୀ ଓ ଯବାନ ଏହି ସଭାରେ ଯୋଗ ଦେଇଥିଲେ। ସଭାରେ ଡି ଆଇ ପି ଆର ଓ ମନୋଜ ବେହେରା, ଡି ଏସ ଡବ୍ଲୁ ଓ ଦୌପଦୀ କହଁର ଙ୍କ ସମେତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଧର୍ନୁଜୟ ରାଓ, ମିଥୁନ ତ୍ରିପାଠୀ,ବୃନ୍ଦାବନ ,ପୀତବାସ ,ନବୀନ, ସୁକୁନ୍ତଳା, ଡିଡି ଆର ଓ ବିଭୁଦତ ସେଠି,ଜିଲ୍ଲା ଭିନ୍ନକ୍ଷମ ସଂଘ ସଂପାଦକ ସୁଜି ରଥ ସହିତ ଅନେକ ବୁଦ୍ଧିଜୀବି ଯୋଗ ଦେଇଥିଲେ ।ଶେଷରେ ଆଶା କିରଣ ଅଧକ୍ଷ ଜଗଉାଥ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଅଭିଭାବକ ଓ ଶିକ୍ଷକ ସମାରୋହ

କେନ୍ଦ୍ରାପଡ଼ା(ମହାଭାରତ): ଇନ୍ଦୁପୁରସ୍ଥିତ ବିରୂପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି +୨ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କ ସହ ଅଭିଭାବକ ଓ ଶିକ୍ଷକମାନଙ୍କର ଏକ ସମାବେଶ ଅନୁଷ୍ଠିତ ହୋଇଥିଲା । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର "ଏକକ ମାନଂକ" ପରିଚୟ ପତ୍ର ପ୍ରସ୍ତୁତି ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା । ଅଧକ୍ଷ ଅଭିଜିତ୍ ବୋଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଶାସନିକ ଅଧିକାରୀ ବରିଷ୍ଠ ଅଧ୍ୟାପକ ନିଗମାନନ୍ଦ ନାୟକ, ଅଧ୍ୟାପିକା ବିନୋଦିନୀ ସାମଲ, ଜସ୍ମିନ ପ୍ରଧାନ, ଅଧ୍ୟାପକ ଡଃ. ବାପି ମୁଦୁଲି ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ । ଶୃଙ୍ଖଳା, ଅଧ୍ୟବସାୟ, ପାଠ୍ୟଦାନର ବିଭିନ୍ନ ଦିଗ ଉପରେ ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ପ୍ରଦାନ କରିଥିଲେ ଏବଂ ଅଭିଭାବକ ମାନେ ସେମାନଙ୍କର ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଅତ୍ୟନ୍ତ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । "ଏକକ ମାନଂକ" ପରିଚୟ ପତ୍ର ପାଇଁ ଉଦ୍ଦିଷ୍ଟ ଫର୍ମରେ ଉଭୟ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ସଠିକ ତଥ୍ୟ ପ୍ରଦାନ କରିବା ସହ ଏହାର ସଦୁପଯୋଗ ପାଇଁ ଶ୍ରୀମତି ପ୍ରଧାନ ଓ ଶ୍ରୀ ମୁଦୁଲି ଗୁରୁତ୍ୱ ଦେଇଥିଲେ ।

## ପ୍ଲାଷ୍ଟର ଖସି ୫ ଛାତ୍ରୀ ଆହତ: ଅସନ୍ତୋଷ ବ୍ୟକ୍ତ କଲେ ଅଭିଭାବକ

ବେଗୁନିଆ, (ମହାଭାରତ) : ସରକାର ୫-ଟି ଯୋଜନାରେ ବିଦ୍ୟାଳୟ ରୂପାନ୍ତରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଏହା ଅନେକ କ୍ଷେତ୍ରରେ ଧର୍ମକୁ ଆଖିଠାର ସଦୃଶ ହୋଇଛି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକ ଏହାର ଉତ୍କୃଷ୍ଟ ଉଦାହରଣ। ବ୍ଲକର କେତେକ ସ୍କୁଲରେ ନିମ୍ନମାନର କାମ ଯୋଗୁଁ ବିପଦକୁ ବରଣ କରିଛି। ଆଜି ଧଳାପଥର କଳା ପଥର ଛାତ୍ରୀ ଉଚ୍ଚ ବିଦ୍ୟାଳୟରେ ସ୍କୁଲ ଛାତରୁ ପ୍ଲାଷ୍ଟର ଖସି ୫ ଜଣ ଛାତ୍ରୀ ଆହତ ହୋଇଥିବା ବେଳେ ଜଣେ ଶିକ୍ଷକ ବି ଆହାତ ହୋଇଛନ୍ତି। ସମସ୍ତଙ୍କୁ କଳାପଥର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ପ୍ରାଥମିକ ଚିକିତ୍ସା କରାଯାଇଛି।

## ବାଇକ ଧକ୍କାରେ ବୃଦ୍ଧାଙ୍କ ଶୋଚନୀୟ ମୃତ୍ୟୁ

ରାଜଗାଙ୍ଗପୁର(ମହାଭାରତ) ରାଜଗାଙ୍ଗପୁର ଥାନା କାଂଶବାହାଲ ଫାଣ୍ଡି ଅନ୍ତର୍ଗତ ଲାଇଙ୍ଗ ଠାରେ ବିଜୁ ଏକ୍ସପ୍ରେସ ୱେ ରେ ଆଜି ଏକ ବାଇକ ଧକ୍କା ରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି ୟ ମୃତକ ଜଣକ ଲାଇଙ୍ଗ ଗ୍ରାମର ସତ୍ୟବତୀ ପ୍ରଧାନ (୭୫)ୟ ସୂଚନାଅନୁସାରେ ଆଜି ପ୍ରାୟ ୧୧ଟା ସମୟରେ ମୃତକ ଜଣକ ଲାଇଙ୍ଗ ଠାରେ ରାଜ୍ୟ ରାଜପଥ ୧୦ ରାସ୍ତା ପାର ହେଉଥିବା ବେଳେ ଲାଇଙ୍ଗ ଛକ ନିକଟରେ ଅପରପଟରୁ ଆସୁଥିବା ଏକ ବାଇକ ( ଓଡ଼ି ୧୪ଏଏ ୬୬୬୯) ଧକ୍କା ଦେଇଥିଲା ୟ ଯାହା ଫଳରେ ଘଟଣା ସ୍ଥଳରେ ସେ ଗୁରୁତର ଆହତ ହୋଇଥିଲେ ୟ ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ସିଏଚସି କୁ ନିଆଯାଇଥିଲା ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ୟ ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା ବାଇକ ଚାଳକଙ୍କୁ ଅଟକ ରଖିଥିବା ବେଳେ ବାଇକ ଟିକୁ ଜବତ କରିଛନ୍ତି ୟ ରାଜଗାଙ୍ଗପୁର ସିଏଚସି ରେ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହ କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛିୟ ଅନ୍ୟପଟେ ମୃତକଙ୍କ ଆର୍ଥିକ ପରିସ୍ଥିତି କୁ ଦୃଷ୍ଟିରେ ରଖି ଅ□ଳବାସୀ ମାନେ ଆର୍ଥିକ ସହାୟତା ପାଇଁ ଦାବି ଜଣାଇଥିଲେ ୟ ପ୍ରଶାସନ ପକ୍ଷରୁ ମୃତକଙ୍କୁ ରେଡ଼କ୍ରସ ତରଫରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

## ବିଜେଡି ସାଂଗଠନିକ ବୈଠକ



କେନ୍ଦ୍ରାପଡ଼ା,(ମହାଭାରତ): ଚଳିତବର୍ଷ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅଭିଯାନ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀଠାରୁ ଆରମ୍ଭ ହେବ । ସେହିପରି ଅକ୍ଟୋବର ୯ ତାରିଖ ଗୋପବନ୍ଧୁ ଜୟନ୍ତୀଠାରୁ ବିଜୁ ଜନତା ଦଳ ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ କରାଯିବ । ଏହି ପରିପ୍ରେକ୍ଷିରେ କେନ୍ଦ୍ରାପଡା ସ୍ୱୟଂସିଦ୍ଧା ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ବ୍ଲକ ସଭାପତି ଆଲୋକ ସାହୁଙ୍କ ସଭାପତିତ୍ୱରେ କରାଯାଇଥିଲା । ଏଥିରେ ବିଧାୟକ ଗଣେଶ୍ୱର ବେହେରା ଉପସ୍ଥିତ ରହି ପଦ ଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ ଏବଂ ଦଳର ବିଗତ ଦିନରେ ବିକାଶମୂଳକ କାର୍ଯ୍ୟକୁ ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ କିପରି ତଳସ୍ତରର ଲୋକମାନଙ୍କ ପାଖକୁ ପହ□ାଇ ପାରିବ ତାହା ଉପରେ ଗୁରୁତ୍ୱ ଦେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଦୁର୍ଗାଶୀଷ ମହାନ୍ତି, ଶିବପ୍ରସାଦ ଭଳ, କଳାକାର ମଳିକ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ଜିଲ୍ଲା ବିଜେଡି ସଭାପତି ଧିରେନ ସାହୁ, ସେକ୍ ଚନ୍ଦନ, ସଙ୍ଗମ ସାମଲ, ପ୍ରକାଶ ସାହୁ, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ରଶ୍ମି ରଂଜନ ରାଉତ, ଲୋହିତ ମହାନ୍ତି, ପ୍ରଦ୍ୟୁମ୍ନ ଜେନା, ସୁରେନ୍ଦ୍ର ଜେନା, ତ୍ରିଲୋଚନ ଦାସ, ରାଜୁ କୁବେର, ଲୋପାମୁଦ୍ରା ବାରିକ, ଚିତ୍ରସେନ ପରିଡା, ଦାମୋଦର ଦାସ, ଅଶ୍ୱିନି ପାତ୍ର, ନାରାୟଣ ପରିଡା, ରଘୁନାଥ ନାଉତ, ରତିକାନ୍ତ ସାମଲ, ଶିବ ପ୍ରସାଦ ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ବିଜୁ ଜନତା ଦଳର ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଶରତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ପରିତ୍ୟକ୍ତ ସ୍ଥାନରେ ପଡିଛି ଶହ ଶହ ଷ୍ଟ୍ରିପ କ୍ୟାଲସିୟମ ଟେବଲେଟ



ଆସିକା (ମହାଭାରତ): ସରକାରକା ମାଲ ଦାରିଆ ମେ ଡାଲ ନୀତିରେ ଚାଲିଛି ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ । ସରକାର କୋଟି କୋଟି ଟଙ୍କା ବ୍ୟୟରେ ଜନସାଧାରଣ ଙ୍କୁ ବିନା ମୂଲ୍ୟରେ ଔଷଧ ଯୋଗାଣ ଲାଗି ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ଜନସାଧାରଣ ଙ୍କୁ ବହୁ ମୂଲ୍ୟବାନ ଔଷଧ ବିନା ମୂଲ୍ୟରେ ଯୋଗାଇ ଦେଇଯାଉଛି । ତେବେ କିଛି ଅସାଧୁ କର୍ମଚାରୀ ଙ୍କ ଲାଗି ସରକାର ଯୋଗାଉଥିବା ଔଷଧ ହିତାଧିକାରୀଙ୍କୁ ପ୍ରଦାନ ନକରାଯାଇ ତାହା ଏଣେ ତେଣେ ଫୋପଡ଼ା ଯାଉଛି ।ଯାହାର ସଦ୍ୟ ପ୍ରମାଣ ଦେଖିବାକୁ ମିଳିଛି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ସୁନାମ୍ବ ସାହି ତିରୁପତି ମନ୍ଦିର ଛକ ନିକଟ ପରିତ୍ୟକ୍ତ ସ୍ଥାନରୁ । ଏହିଠାରେ ତିନୋଟି ବ୍ୟାଗରେ ପାଖାପାଖି ୧୦୦୦ ରୁ ଉର୍ଦ୍ଧ ଷ୍ଟିପ କ୍ୟାଲସିୟମ ମେଡ଼ିସିନ ପଡ଼ିରହିଥିବା ଦେଖିବାକୁ ମିଳିଛି । ତେବେ କିଏ ଓ କାହିଁକି ଏଠାରେ ଏହି ମେଡ଼ିସିନ ଫୋପାଡ଼ିଲା ତାହାର ସ୍ପଷ୍ଟୀକରଣ ମିଳିପାରିନାହିଁ । ତେବେ ଆସିକା ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷ ନିଜ ପ୍ରତିକ୍ରିୟା ରେ ଉକ୍ତ ଔଷଧ ତାଙ୍କ ଡାକ୍ତରଖାନ ର ନୁହଁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି। ତେବେ ଏହି ଔଷଧ କେଉଁ ଚିକିତ୍ସା ଲୟର ତାହା ବର୍ତ୍ତମାନ ସନ୍ଦେହ ଘେରରେ। ସରକାର ହିତାଧିକାରୀ ଙ୍କୁ ପ୍ରଦାନ କରିବା ଲାଗି ଔଷଧ ଯୋଗାଉଥିବା ବେଳେ କର୍ମଚାରୀ ମାନେ ଏହାର ସଦୁପଯୋଗ ନକରି ଔଷଧ ନଷ୍ଟ କରୁଛନ୍ତି। ଫଳରେ ସରକାର ଙ୍କ ଜନହିତକାରୀ ଯୋଜନା ରୁ ଲୋକେ ବଞ୍ଚିତ ହେବାସହ ବହୁ ମୂଲ୍ୟରେ ଔଷଧ ବାହାରୁ କ୍ରୟକରି ବହୁ ଖର୍ଚ୍ଚାନ୍ତ ହେଉଛନ୍ତି ।ଅନ୍ୟପଟେ ଯଦି ଏହି ଔଷଧ ଏକ୍ସପାଇରୀ ହୋଇଛି ତେବେ ସୁରକ୍ଷିତ ସ୍ଥାନରେ ପୋତାଯିବା ନେଇ ସରକାର ଙ୍କ ନିର୍ଦ୍ଦେଶ ରହିଥିବା ବେଳେ କିଏ ଜନ ବସତି ସ୍ଥାନରେ ଔଷଧ ଫୋପାଡ଼ିଛି ତାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହେଉଛି।

## ଧୁବଲପଡା ଗ୍ରାମ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ

ପାଟଣାଗଡ଼ ( ମହାଭାରତ ) ପାଟଣାଗଡ଼ ବ୍ଲକ ଧୁବଲପଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ମୋଟ ୮୦୦ ରୁ ଉର୍ଦ୍ଧ ଅଭିଯୋଗ କାରି ଲମ୍ବା ଧାଡ଼ିରେ ଠିଆହୋଇ ରେସନ କାର୍ଡ , ବାର୍ଦ୍ଧକ୍ୟ ଭର୍ତ୍ତା ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବସୁନ୍ଧରା ଯୋଜନାରେ ୪ ଡ଼ିସିମିଲ ଡିହ ପାଇଁ ଅଭିଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣାଗଡ ବିଡିଓ ସୁମନ ମିଞ୍ଜ ଓ ତହସିଲଦାର ରୁଦ୍ର ମୋହନ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଏବିଡିଓ ମେନକା ମେହେର ,ସରପ□ କସ୍ତୁରୀ ଭୋଇ, ଇଓ ଗୋବିନ୍ଦ ମିଶ୍ର , ଜିଆରଏସ ବିରେନ୍ଦ୍ର ମେହେର , ଜିଓଟ୍ୟାଗ ଧର୍ମରାଜ ସାହୁ , ଯୋଗାଣ ସହାୟକ ସରୋଜ କୁମାର ଷଡଙ୍ଗୀ , ସମିତି ସଭ୍ୟା ପ୍ରିୟା ନାଏକ , ଜେଇ ପ୍ରଭାତ ସେଠି ସମେତ ସମସ୍ତ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ରହି ଥିଲେ ।

# ହତ୍ୟାକାରୀଙ୍କୁ ଗିରଫ ଦାବି ରେ ଥାନା ଆଗରେ ଧାରଣା

ବେଗୁନିଆ,(ମହାଭାରତ): ହତ୍ୟାକାରୀକୁ ଗିରଫ କରିବା ଦାବିରେ ବେଗୁନିଆ ଥାନା ଘେରିଛନ୍ତି ଆଦିବାସୀ। ଏହିଭଳି ଘଟଣା ଆଜି ବେଗୁନିଆ ଥାନା ସମ୍ମୁଖରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ବେଗୁନିଆ ଥାନା ଅନ୍ତର୍ଗତ ଟିକାତାଳ ଗ୍ରାମର ଗୁଲୁବାସ ନାୟକଙ୍କ ପୁଅ ସମୀର ନାଏକ ଜଣେ ଟ୍ରାକ୍ଟର ଡ୍ରାଇଭରୟ ନିକଟସ୍ଥ ଚକପଦା ଗ୍ରାମର ଜୁଲୁ ବେହେରା ପାଖରେ ଗାଡି ଡ୍ରାଇଭର ଭାବେ କାମ କରୁଥିଲା। ମାଲିକ ଜୁଲୁ ବେହେରା ଟ୍ରାକ୍ଟର ଚଲାଇବା ପାଇଁ ପ୍ରତ୍ୟେକ ଦିନ ସମୀରକୁ ଆଣିବା ସହିତ ସନ୍ଧ୍ୟାରେ ଘରେ ଛାଡୁଥିଲା। ଗତ ଜୁନମାସ ୧୯ତାରିଖରେ ଜୁଲୁ ନିଜ ବାଇକରେ ବସାଇ ଟୀକାତଳରୁ ଆଣିଥିଲା। ସନ୍ଧ୍ୟା ବିତି ରାତି ଘଡିଏ ହୋଇ ଥିଲେ ମଧ ସମୀରକୁ ଗାଁରେ ଛାଡି ନଥିବା ଘରଲୋକେ କହିଛନ୍ତି। ପରଦିନ ଅର୍ଥାତ ୨୦ତାରିଖ ଦିନ ଚକାପଦା ପୋଖରୀରେ ତାଙ୍କର ମୃତ୍ୟଦେହ ଭାସୁଥିବା ନେଇ ପରିବାର ଲୋକ ଜାଣିବାକୁ ପାଇଥିଲେ।ପରିବାର ଲୋକେ ଘଟଣାସ୍ଥଳକୁ ଆସି ଶବ ଚିହ୍ନଟ କରିବା ସହ ବେଗୁନିଆ ଥାନାରେ ପୁଅକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ତେବେ ବେଗୁନିଆ ପୁଲିସ ବହୁ ବିଳମ୍ବରେ ଘଟଣାସ୍ଥଳରେ ପହଂଚିବା ପରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଯାଇଥିଲା । ଘଟଣାକୁ ଗୁରୁତର ସହ ନ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୃତ ସମୀରର ବାପା ଗୁଲୁବାସକୁ କହିଥିଲେ। ଦିନ ପରେ ଦିନ ମାସ ପରେ ମାସ ଗଡିଚାଲିଲା ମୃତକର ହତ୍ୟାକାରୀ କିଏ, କାହିଁକି ହତ୍ୟା କରିଥିଲା, ଏକୁଟିଆ ନାଘଟଣାରେ କେତେଜଣଙ୍କ ସଂପୃକ୍ତି ରହିଛି ତାହା ରହସ୍ୟ ଘେରରେ ରହିଗଲା । ବେଗୁନିଆ ପୁଲିସଠାରୁ ନ୍ୟାୟ ଣ ପାଇ ପରିବାର ଲୋକେ ଖୋର୍ଦ୍ଧା ଏସପିଙ୍କୁ ସାକ୍ଷାତ କରିଥିଲେ। ଏସପିଙ୍କ ଠାରୁ ୭ ଦିନ ମଧ୍ୟରେ ଘଟଣାରେ ନ୍ୟାୟ ମିଳିବ ବୋଲି ପରିଶ୍ରୁତି ମିଳିଥିଲା। ଅଭିଯୋଗ ସ□ ହତ୍ୟାକାରଙ୍କୁ ଗିରଫ ନକରିବା ପ୍ରତିବାଦରେ ପୁଲିସ ଅର୍ଥ ନେଇ ଚୁପ ବସିଥିବାର ଅଭିଯୋଗ କରି ଆଜି ସକାଳ ସାଢେ ୯ଟା ସମୟରେ ମୃତକ ପରିବାର ଲୋକେ, ନୀଳମାଧବ ଆଦିବାସୀ ସଂଘ, ନବନିର୍ମାଣ କୃଷକ ସଂଗଠକ,ଆମ ଆଦମୀ ପାର୍ଟି କର୍ମକର୍ତ୍ତା ଓ ଆଦିବାସୀ ମହିଳାମାନେ ଏକତ୍ରୀତ ହୋଇ ବେଗୁନିଆ ଥାନା ସାମ୍ନାରେ ଧାରଣା ଦେଇଛନ୍ତି। ଥାନାର ଏସଆଇ ଭୁବନ ବେହେରା ଓ ବଡବାବୁ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ବଦଳି ସହ ହତ୍ୟାକାରୀ ଚିହ୍ନଟ କରି ଫାଶୀ ଦଣ୍ଡରେ ଦଣ୍ଡିତ ପାଇଁ ଅଡି ବସିଛନ୍ତି ଆନ୍ଦୋଳନ କାରୀ ବେଗୁନିଆ ଥାନା ଦୁର୍ନୀତି ଖୋରମାନଙ୍କ ପାଇଁ କର୍ମସ୍ଥଳୀ ପାଲଟିବା ବେଳେ ମଦ୍ଧସ୍ଥି ମାଧ୍ୟମରେ ଅର୍ଥ କାରବାର ହୋଉଥିବା ସଂଗୀନ ଅଭିଯୋଗ କରିଛନ୍ତି ଧାରଣା ଦେଇଥିବା ଆଦିବାସୀମାନେ ସେହିପରି ହତ୍ୟାକାରୀଙ୍କୁ ଗିରଫ କରିବା ଏବଂ ପୁଲିସର ଟାଳଟୁଳ ନୀତି ମାଧ୍ୟମରେ ସାଧାରଣ ଲୋକଙ୍କୁ ହଇରାଣ କରୁଛି ତାହା ବନ୍ଦ ପାଇଁ ଆନ୍ଦୋଳନ କାରୀ ଦାବି କହିଛନ୍ତି। ଖବର ପାଇ ଖୋର୍ଦ୍ଧା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅନିଲ କୁମାର ମହାନ୍ତି,ତହସିଲଦାର ତାପସ କୁମାର ବିଶି ଧାରଣାରତ ଲୋକଙ୍କୁ ବୁଝାସୁଝା କରିଥିଲେ। ଆସନ୍ତା ୧୫ଦିନ ମଧ୍ୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲ ପ୍ରତିଶ୍ରୁତି ଦେଇଥିଲେ। ପରେ ଅପରାହ୍ନ ୫ଟା ବେଳକୁ ଧାରଣା ପ୍ରତ୍ୟାହୃତ ହୋଇଥିଲାୟ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ବନ୍ଦୋବସ୍ତ କରାଯାଇଥିଲା

## ଆସିକା ମେଡିକାଲରେ ରୋଗୀ କଲ୍ୟାଣ ସମିତି ବୈଠକ



ଆସିକା (ମହାଭାରତ)ଆସିକା ଉପଖଣ୍ଡ ଚିକିତ୍ସାଳୟ ଠରେ ରୋଗୀ କଲ୍ୟାଣ ସମିତି ବୈଠକ ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ବାଲ ଗୋପାଳ ବେହେରା ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଏନ ଏ ସି ଅଧକ୍ଷା ବିନେତା ସ୍ୱାଇଁ, ବିଡ଼ିଓ ଫକିର ଚରଣ ପରିଡା,ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଇନ୍ଦିରା ମହାପାତ୍ର,ଡାକ୍ତର ଦୀପକ ସାମନ୍ତରାୟ, ରୋଗୀ କଲ୍ୟାଣ ସମିତି ର ସଦସ୍ୟ ତଥା ଅବସର ପ୍ରାପ୍ତ ସ୍ୱାସ୍ଥ୍ୟ ଉପ ନିର୍ଦ୍ଦେଶକ ଡାକ୍ତର ଶ୍ୟାମ ଘନ ବିଶ୍ୱାଳ,ସମାଜସେବୀ ସତ୍ୟ ନାରାୟଣ ସ୍ୱାଇଁ,ସତ୍ୟ ନାରୟଣ ରଥ, ନିରଞ୍ଜନ ମହାନ୍ତି,ହରି ହର ପାଢ଼ୀ, ପ୍ରମୁଖ ଉପସ୍ଥିତ ରହିଥିଲେ। ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ଆସୁଥିବା ରୋଗୀ ମାନଙ୍କ ସମୁହିକ ସ୍ୱାର୍ଥ ଦୃଷ୍ଟିରୁ ମେଡିକାଲ ଜଳ ନିଷ୍କାସନ ସକାଶେ ନାଳର ପୁନଃ ଉଦ୍ଧାର, ରକ୍ତ ଭଣ୍ଡାର, ଅଲଟ୍ରାସାଉଣ୍ଡ ମେସିନ ସମସ୍ତ ଙ୍କ ପାଇଁ ବ୍ୟବହାର ନିମନ୍ତେ ଆଲୋଚନା, ରୋଗୀକୁ ନିୟମିତ ପୃଷ୍ଟିକର ଖାଦ୍ୟ ପ୍ରଦାନ, ମହା ପରାୟଣ ଗାଡି ର ସୁ ବନ୍ଦୋବସ୍ତ କରିବା, ମେଡିକାଲ ହତା ମଧରେ ନୂତନ କୋଠା ନିର୍ମାଣ, ସି ସି ଟି ଭି ଲଗାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଶିକ୍ଷା ଅଧିକାରୀ ଭାଗିରଥୀ ପାତ୍ର, ପୂର୍ତ୍ତ ବିଭାଗ ର ସହକାରୀ ଯନ୍ତ୍ରୀ ଇ.ରାମ କୃଷ୍ଣ ପାଣିଗ୍ରାହୀ, ଆୟୁଷ ଡାକ୍ତର ସ୍ୱରୂପ ପଣ୍ଡା, ମେଡିକାଲ ର ଦାୟିତ୍ୱ ରେ ଥିବା ମେନେଜର ରମାକାନ୍ତ ସାହୁ, ପ୍ରମୁଖ ଉପସ୍ଥିତ ରହିଥଲେ।

## ଛେଳି ଗୁହାଳରେ ଚାଲିଛି ପିଲା ମାନଙ୍କ ଭବିଷ୍ୟତ



କପ୍ତିପଦା -(ମହାଭାରତ ); କପ୍ତିପଦା -ସମସ୍ତେ ପଢିବେ ସମସ୍ତେ ବଢିବେ । ସମସ୍ତେ ପାଠ ପଢି ଶିକ୍ଷିତ ହେବେ ଏହାକୁ ନେଇ ଯୋଜନା ଅନେକ। ହେଲେ ଗ୍ରାମା□ଳରେ ଏହି ଯୋଜନା ସବୁ ବାଟବଣା ହୋଇଛି। ଶିକ୍ଷା ବ୍ୟବସ୍ଥାର ଏଭଳି ଚିତ୍ର ସାମ୍ନାକୁ ଆସିଛି ଯାହାକୁ ଦେଖିଲେ ବିଶ୍ୱାସ କରିବା କଷ୍ଟ ହେବ। ଦେଖନ୍ତୁ ଗ୍ରାମା□ଳରେ ଶିକ୍ଷାର ବାସ୍ତବତା ଆମର ଏହି ରିପୋର୍ଟରେ। କାର୍ଯ୍ୟରେ ଲେଖା ଯାଇଛି ବିଦ୍ୟାଳୟ ନାମ,କାର୍ଯ୍ୟ କହୁଛି ପ୍ରାଥମିକ ଶିକ୍ଷାର ପାଠ। କେଉଁଠି ବାର ମାସର ନାମ ଲେଖାଯାଇଛି ତ ପୁଣି କେଉଁଠି ଇଂରାଜୀ ଅକ୍ଷର ଲେଖାଯାଇଛି। କାଂ୍ୟ ସାଜିଛି କଳାପଟା ଆଉ ଚାଲିଛି ପାଠ ପଢା। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏହି କର୍ଯ୍ୟ ବିଦ୍ୟାଳୟ କାର୍ଯ୍ୟ ନୁହେଁ ବରଂ ଗୁହାଳ ଘରର କାର୍ଯ୍ୟ ଛେଳି ଗୁହାଳରେ ଚାଲିଛି ଶିକ୍ଷାଦାନ। ଏଭଳି ଚିତ୍ର ସାମ୍ନାକୁ ଆସିଛି କପ୍ତିପଦା ଶିକ୍ଷା ବ୍ଲକ ଅଧୀନ ଠାକରାସାହି ପ୍ରାଥମିକ ବିଦ୍ୟାଳୟର। ଏହି ବିଦ୍ୟାଳୟରେ ପ୍ରଥମ ରୁ ପଞ୍ଚମ ପର୍ଯ୍ୟନ୍ତ ପ୍ରାୟ ୩୦ ପିଲା ପଢ଼ନ୍ତି। ହେଲେ ଏହି ବିଦ୍ୟାଳୟ ପାଇଁ ନା ଅଛି ଶ୍ରେଣୀ ଗୃହ, ନା ବିଦ୍ୟାଳୟର ନିଜସ୍ୱ ଘର। ଛେଳି ଗୁହାଳରେ ଚାଲିଛି ପାଠ ପଢା। ଯେଉଁଠି ପିଲା ସେଇଠି ଛେଳି, ଛେଳି ବନ୍ଧା ଯାଉଥିବା ଟେବୁଲ ସାଜିଛି ବିଦ୍ୟାଳୟ ଟେବୁଲ, ଯାହାକୁ ବ୍ୟବହାର କରୁଛନ୍ତି ଶିକ୍ଷକମାନେ। ଆଜକୁ ପ୍ରାୟ ୧୪ ବର୍ଷ ପୂର୍ବରୁ ଗ୍ରାମରେ ବିଦ୍ୟାଳୟ ନିମନ୍ତେ ଏକ ଘର ନିର୍ମାଣ ହୋଇଥିଲା। ହେଲେ ଠିକାଦାରଙ୍କ ମନମାନି ଓ ବିଭାଗୀୟ ଅବହେଳାରୁ ଆଜି ପର୍ଯ୍ୟନ୍ତ ଉକ୍ତ ଘର ଅଧାପନ୍ତରିଆ ହୋଇ ରହିଛ। ଯେଉଁଥି ପାଇଁ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ପିଣ୍ଡାରେ ଚାଲିଛି ବିଦ୍ୟାଳୟ। ଦିନେ କି ଦୁଇ ଦିନ ନୁହଁ ଦୀର୍ଘ ୧୪ ବର୍ଷ ହେବ ଏହି ପିଣ୍ଡାରେ ଚାଲିଛି ବିଦ୍ୟାଳୟ। କି ବର୍ଷା, କି ଖରା, କି ଶୀତ ସବୁବେଳେ ଏହି ପିଣ୍ଡାରେ ହିଁ ଚାଲିଛି ବିଦ୍ୟାଳୟ ।ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଏ ବାବଦରେ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ପାରିନାହିଁ। ସେହି ଭଙ୍ଗା ପିଣ୍ଡାରେ ବସି ପିଲାମାନଙ୍କୁ ଚାଲିଛି ଶିକ୍ଷାଦାନୟ ଅନେକ ସମୟରେ ବିଦ୍ୟାଳୟ ଚାଲିଥିବା ସମୟରେ ଛେଳି ଆସି ପିଲାମାନଙ୍କ ମଝିରେ ପଶି ଯାଉଛନ୍ତି ତ ପୁଣି କେତେବେଳେ ଛେଳି ପିଲାଙ୍କ ବହିଖାତା ଖାଇ ଦେଉଥିବା ମଧ ଅଭିଯୋଗ ଆସିଛି।

## ନୂଆ ଯୁବ ପିଢ଼ିଙ୍କ ନୂଆ ଟ୍ରେଣ୍ଡ ବାଇକ୍ ଉପରେ ଜନ୍ମ ଦିନ ପାଳନ



ହାଟଡିହ(ମହାଭାରତ):ହାଟଡିହି ଏବେ ନୂଆ ଯୁବ ବର୍ଗ ଙ୍କ ଜନ୍ମ ଦିନ ରେ କେକ୍ କାଟିବା ଗୋଟିଏ ଟ୍ରେଣ୍ଡ ହୋଇ ଯାଇଛି। ଯାହାକୁ ନେଇ କିଏ ବାଇକ୍ ଉପରେ କେକ କାଟି ଭିଡିଓ ଶୁଟ କରୁଛି ।କିଏ ପୁଣି ବଣ ପାହାଡ ଉପରେ । ହେଲେ ଦଶ ମାସ ଦଶ ଦିନ କଷ୍ଟ ପାଇ ଜନ୍ମ କରିଥିବା ମାଆ ବାପା ଅଲୋଡ଼ାୟେ ସାଙ୍ଗ ପିଲା ଙ୍କ ସହ ମଦ ପିଇ, ଚିକେନ ଭୋଜି ହେଲେ ଜନ୍ମ ଦିନ ଜମୁଛି। ଯିଏ ମଦ ଦେବନି କି ଭୋଜି ଦେବନି ତାହାର ଜନ୍ମ ଫିକା ପଡ଼ିଯାଉଛି। ପିଲା ଙ୍କ ମୋବାଇଲ୍ ରେ ଷ୍ଟାଟସ୍ ମଧ କମି ଯାଉଛି । ଯାହାକୁ ନେଇ ଏହି ଅଞ୍ଚଳ ର କିଛି ଯୁବକ ଏବେ ଜନ୍ମ ଦିନ କୁ ଆଉ ଜନ୍ମ ଦିନ ଭଳି ମନେ ନକରି ଏକ ପାର୍ଟି ଦିନ ବୋଲି କହିବା ଆରମ୍ଭ କଲେଣି ।ଘରେ ଆଉ ଜନ୍ମ ଦିନ ର ପୀଠା ପଣା, ସଜ ବାଜ୍ ନାହିଁ, ମା ଜାଣୁନି ପୁଅ ଜନ୍ମ ଦିନ କେଉଁଠି ପଳିବ ବାପା ବି ନୀରବ। ପରିବାରରେ କାହାକୁ ନ ଡାକି ନିଜେ ସାଙ୍ଗ ମାନଙ୍କ ସହ ଚୁର୍ ହୋଇ ରାସ୍ତା କଡ଼ରେ ଜନ୍ମ ପାଳନ ଚାଲିଲା। ହେଲେ ମା ଭାବିଥିଲା ଜନ୍ମ ଦିନ ରେ ମୋ ପୁଅ ଆମ ଗାଁ ମନ୍ଦିର କୁ ଯାଇ ଭଗବାନଙ୍କୁ ପ୍ରାର୍ଥନା କରିବ ଅବଶିଷ୍ଟ ଜୀବନ ଭଲ ହେବ ପାଇଁ , ଗୁରୁଜନ ଙ୍କୁ ପ୍ରଣାମ କରି ଆଶୀର୍ବାଦ ନେବ, ହେଲେ ତାହା ଆଜି ଓଲଟା । କିନ୍ତୁ ଏଭଳି ଜନ୍ମ ଦିନ ରାସ୍ତାରେ କେତେ ଦିନ ପାଳିବା ଏ ସମାଜ କଣ ଶିଖିବ। ଯଦି ଆମେ ବିଜ୍ଞାନ ଯୁଗ ରେ ଅଗ୍ରଗତି କରିଛନ୍ତି ତାହାଲେ ଆମର ସଭ୍ୟତା ଆଉ ନୀତି ନୈତିକତା କୁ ରାସ୍ତା ରେ ପକାଇ ସମାଜ କୁ ଏକ ସୁସ୍ଥ ପରମ୍ପରା ଦେଉ ନଥିବା ସବୁଠି ଆଲୋଚନା ହେଉଛି । ତେଣୁ ପରିବର୍ତ୍ତନ ଆବଶ୍ୟକ।

## ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୁହର କବାଡି ପ୍ରତିଯୋଗୀତା ଉଦଯାପିତ
## ୧୪ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବିଭାଗରେ ସୁନ୍ଦରଗଡ ଜିଲ୍ଲା ଚାମ୍ପିଅନ



କୁତ୍ରା (ମହାଭାରତ): କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୫ ଦିନ ଧରି ଚାଲିଥିବା ବିଦ୍ୟାଳୟ ସମୁହର ୬୮ତମ ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗୀତା ଆଜି ଉଦଯାପିତ ହୋଇଯାଇଛି। ପୂର୍ବରୁ ଅନୁଷ୍ଠିତ ୧୭ ବର୍ଷରୁ କମ ବର୍ଗର ବାଳକ ବିଭାଗରେ ପୁରୀ ଜିଲ୍ଲା ଏବଂ ବାଳିକା ବିଭାଗରେ ସମ୍ବଲପୁର ଜିଲ୍ଲା ଦଳ ଚାମ୍ପିଅନ ହୋଇଥିବା ବେଳେ ଆଜି ଅନୁଷ୍ଠିତ ୧୪ ବର୍ଷରୁ କମ ବର୍ଗର ଉଭୟ ବିଭାଗରେ ସୁନ୍ଦରଗଡ ଜିଲ୍ଲା ଚାମ୍ପିଅନ ହୋଇଛନ୍ତି। ବାଳକ ବିଭାଗ ଫାଇନାଲ ମ୍ୟାଚରେ ସୁନ୍ଦରଗଡ ଜିଲ୍ଲା ଭୁବନେଶ୍ୱର କ୍ରୀଡ଼ା ଜିଲ୍ଲାକୁ ଏବଂ ବାଳିକା ବିଭାଗରେ ସୁନ୍ଦରଗଡ ଜିଲ୍ଲା ପୁରୀ ଜିଲ୍ଲାକୁ ପରାସ୍ତ କରିଥିଲେ। ଏହି ପ୍ରତିଯୋଗିତାର ଉଦଯାପନୀ ତଥା ପୁରସ୍କାର ବିତରଣି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୁଲ୍ୟ କୁମାର ପ୍ରଧାନ ଯୋଗ ଦେଇ ଉଭୟ ବିଭାଗର ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ରାଜ୍ୟ ଶାରିରୀକ ଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଂଜନ ପରିଡା, ସମାଜସେବୀ କମଳ ଅଗ୍ରୱାଲ , ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ଲାକ୍ରା,ପ୍ରଧାନ ଶିକ୍ଷକ ନଳିନୀ କାନ୍ତ ଶାଶିନି, ବିଭିଉ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନେ ଯୋଗ ଦେଇଥିଲେ। ସେପ୍ଟେମ୍ବର ମାସ ୨୭ ତାରିଖରୁ ଆଜି ପର୍ଯ୍ୟନ୍ତ ୫ ଦିନ ଧରି ଆୟୋଜିତ ହେଇଥିବା ଏହି ରାଜ୍ୟ ସ୍ତରୀୟ କବାଡି ପ୍ରତିଯୋଗୀତାରେ ୧୭ ବର୍ଷରୁ କମ ବର୍ଗ ଓ ୧୪ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବିଭାଗର ପ୍ରତିଯୋଗୀତାରେ ରାଜ୍ୟର ସମସ୍ତ ଜିଲ୍ଲାର ୧୫୦୦ ପ୍ରତିଯୋଗୀ ଓ ସେମାନଙ୍କ ସହ ଆସିଥିବା ଅଫିସିଆଲ ମାନେ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ରାଜ୍ୟ ଶାରିରିକ ଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଂଜନ ପରିଡାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ବେଳେ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶିକ୍ଷକ ଡ ବିଭୀଷଣ ବାରିକ ପରିଚାଳନା କରିଥିଲେୟ ରାଜ୍ୟ ସ୍ତରୀୟ ଏହି କବାଡି ପ୍ରତିଯୋଗିତାକୁ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଖେଳ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାକୁ ସଫଳତାର ସହ ଅୟୋଜନ କରିବା ପାଇଁ କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ସମେତ କୁତ୍ରା ବ୍ଲକ ତଥା ବିଭିଉ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ ପ୍ରଦାନ କରିଥଲେ।

## ପାରାଦୀପ ରିଫାଇନେରୀ ଟାଉନସିପରେ କରାଟେ ବେଲ୍ଟ ବିତରଣ ଉତ୍ସବ କାର୍ଯ୍ୟକ୍ରମ



ପାରାଦୀପ (ମହାଭାରତ):ପାରାଦୀପ ରିଫାଇନେରୀ ଟାଉନସିପ ପରିସରରେ ଏକ କରାଟେ ବେଲ୍ଟ ବିତରଣ କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଶିଟୋ ରିୟୁ ଆସୋସିଏସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ରିଫାଇନେରୀ ଅଫିସର୍ସ କ୍ଲବ ର କ୍ରୀଡା ସଚିବ ରଶ୍ମି ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କଲର ବେଲ୍ଟ ବିତରଣ କ୍ୟାମ୍ପ ରେ ପ୍ରାୟ ୮୦ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କରାଟେ ମୁଖ୍ୟ ପ୍ରଶିକ୍ଷକ କାହ୍ନୁ ମଲ୍ଲିକ ପରିଚାଳନା କରିଥିବା ବେଳେ କରାଟେ ଆସୋସିଏସନ ର ଅମର ଜ୍ୟୋତି ରାଉତ, ମାନସ ଡୋରା, ବ୍ରଜ ସାମଲ, ଅରୁଣ ମଲ୍ଲିକ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

## ପଦାରେ ପଡିଲା ଆବାସିକ ବିଦ୍ୟାଳୟର ଅବ୍ୟବସ୍ଥା ଅସନ୍ତୋଷ ଛାତ୍ରୀ ମାନଙ୍କ ଜିଲ୍ଲାପାଳଙ୍କୁ ଫେରାଦ

କଳାହାଣ୍ଡି /(ମହାଭାରତ)କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର କିଆପଦର ଗ୍ରାମରେ ଥିବା କସ୍ତୁରିବା ଆବାସିକ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ଘେରରେ ଛାତ୍ରୀମାନେ ଅଧ୍ୟୟନ କରୁଛନ୍ତି ।ବିଦ୍ୟାଳୟରେ ମଧାହ୍ନ ଭୋଜନରେ ଅନିୟମିତତା ସାଙ୍ଗକୁ ଅବ୍ୟବସ୍ଥିତ ଶୌଚାଳୟ, ଗୋଟିଏ ଗୋଟିଏ ବେଡ଼ରେ ତିନିରୁ ଚାରିଜଣ ଛାତ୍ରୀ ଶୋଇବା ନିତ୍ୟ ବ୍ୟବହୃତ ସାମଗ୍ରୀ, ଜଳଖିଆ ଠିକ ଭାବେ ନ ଦେବ,ପରିଷ୍କାର ପରିଛନ୍ନତା ପ୍ରତି ଅବହେଳା କରିବା, ସମସ୍ୟାକୁ ନେଇ ଅତିଷ୍ଠ ଛାତ୍ରୀମାନେ ଆଜି କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ସେମାନେ ସଦର ମହକୁମାଠାରୁ ପଚିଶ କିମି ଦୂର ନିଜ ବିଦ୍ୟାଳୟ ଠାରୁ ଜିଲ୍ଲାପାଳଙ୍କ ନିକଟକୁ ଚାଲି ଚାଲି ଫେରାଦ ହେବା ପାଇଁ ଆସୁଥିବା ଖବର ପାଇ, ଶିକ୍ଷା ବିଭାଗ ତରଫରୁ, ପନ୍ଦର କିମି ଦୂର ସଗଡ଼ା ଠାରୁ ଛାତ୍ରୀମାନଙ୍କୁ ଗାଡି ଯୋଗେ ଅଣାଯାଇଥିଲା ।ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ଜଣାଇବା ପରେ ପ୍ରଶାସନ ଏହାର ଆଶୁ ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଛାତ୍ରୀମାନେ ଅଭିଯୋଗ କରିଥିଲେ। ଏପରି ଏକ ଅଭାବନୀୟ ପରିସ୍ଥିତିକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଏହାର ବିହିତ ପଦକ୍ଷେପ ନେବାକୁ ବିଭିଓ ମହଲରେ ଦାବି ହେଉଛି।

## ଜବାହାରଲାଲ୍ ନେହେରୁ ଟ୍ରଷ୍ଟ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ




ପାରାଦୀପ(ମହାଭାରତ):ନବଗଠିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ଚଳିତ ବିଶ୍ୱକର୍ମା ପୂଜା ଅବସରରେ ପ୍ରତ୍ୟେକ ଦିନ ସକାଳୁ ପାରାଦୀପର ବଜାର ଅଂଚଳ ସମେତ ପୂଜା ମଣ୍ଡପ ଅଂଚଳ ସଫେଇ କରି ପାରାଦୀପ ଅଂଚଳରେ ପ୍ରଶଂସା ସାଉଁଟି ପାରିଛି । ଏହା ପରେ ଟ୍ରଷ୍ଟ ତାର ସେବା କାର୍ଯ୍ୟକୁ ବ୍ୟାପକ କରିବାର ଲକ୍ଷ୍ୟ ନେଇ ପାରାଦୀପ ପୌରାଂଚଳର ଉଦୟବଟ ବସ୍ତିରେ ନିଶା ନିବାରଣ ସଚେତନତା ଅଭିଯାନ ଆରମ୍ଭ କରିଛି । ମଙ୍ଗଳବାର ଦିନ ଅପରାହ୍ନରେ ଉଦୟବଟ ବସ୍ତିରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଯୁବନେତା ନିରଂଜନ ନାୟକଙ୍କ ପୌରହିତ୍ୟ କରିଥିଲେ । ଓଡିଶା ନିଶା ନିବାରଣ ସଂଘର ପାରାଦୀପ ଶାଖା ସଭାନେତ୍ରୀ ପ୍ରେମଲତା ବାରିକ, ଗୋଲାପ ରାଣୀ ସାହୁ, କୌଶଲ୍ୟା ମହାନ୍ତି, ଖୁଲଣା ଜେନା ପ୍ରମୁଖ ଯୋଗ ଦେଇ ସ୍ଥାନୀୟ ମହିଳାମାନଙ୍କୁ ଏକତ୍ରିତ କରି ନିଶା ସେବନର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟତଃ ମହିଳାମାନେ ସଚେତନ ହେଲେ ପୁରୁଷ ବା ନାବାଳକମାନଙ୍କୁ ନିଶା କବଳରୁ ରକ୍ଷା କରି ପାରିବେ । ଏଣୁ ମହିଳାମାନଙ୍କୁ ସଚେତନ କରି ନିଶା ନିବାରଣ ଅଭିଯାନ ଆରମ୍ଭ କରିଛି ଜବାହାରଲାଲ ନେହେରୁ ଟ୍ରଷ୍ଟ । ଟ୍ରଷ୍ଟର ଏହି ସଚେତନତା କାର୍ଯ୍ୟକ୍ରମକୁ ସ୍ଥାନୀୟ ଜନସାଧାରଣ ଉଚ୍ଚ ପ୍ରଶଂସା କରିଥିଲେ ।

## ଆସିକା ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ନିମନ୍ତେ ପ୍ରସ୍ତୁତି ବୈଠକ




ଆସିକା(ମହାଭାରତ)-ଆସିକା ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ନିମନ୍ତେ ପ୍ରସ୍ତୁତି ବୈଠକ କଳିଙ୍ଗ ରୋଡ଼ ସ୍ଥିତ ବିଜେଡି କାର୍ଯ୍ୟାଳୟ ଠାରେ ବିଜେଡି ବ୍ଲକ ସଭାପତି ରାଜେଶ କୁମାର ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟକ ମଞ୍ଜୁଳା ସ୍ୱାଇଁ,ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲ୍ଲା ଉପସଭାପତି ଦିଲ୍ଲୀପ କୁମାର ପାଣିଗ୍ରାହୀ,ଆସିକା ବହୁମୁଖୀ ସମବାୟ ସମିତି ସଭାପତି କାର୍ତ୍ତିକେଶ୍ୱର ପରିଡା,ଦକ୍ଷିଣ ଓଡିଶା ସରପ□ ସଙ୍ଘ ସଭାପତି ଭବାନୀ ଶଙ୍କର ମଲ୍ଲିକ,କୋଦଳା ବରିଷ୍ଠ ବିଜେଡି ନେତା ହର ସାହୁ, ରଶ୍ମିତା ସେନାପତି,ପ୍ରମୁଖ ଉପସ୍ଥିତ ରହିଥିଲେୟବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ଓଡିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଓ ଆହ୍ୱାନ କ୍ରମେ ଆସିକା ବିଜୁ ଜନତା ଦଳ ତରଫରୁ ପ୍ରଥମ ପର୍ଯ୍ୟାୟ ପବିତ୍ର ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୦୨ ଠାରୁ ଅକ୍ଟୋବର ୦୬ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୨୧ ଠାରୁ ଅକ୍ଟୋବର ୩୦ ପର୍ଯ୍ୟନ୍ତ ହେବାକୁ ଥିବା ଜନ ସମ୍ପର୍କ ପଦଯାତ୍ରା ଏବଂ ପବିତ୍ର ଗୋପବନ୍ଧୁ ଜୟନ୍ତୀ ଅକ୍ଟୋବର ୦୯ ତାରିଖ ଠାରୁ ଦୁଇ ମାସ ବ୍ୟାପି ସଭ୍ୟ ସଂଗ୍ରହ ଅଭିଯାନ ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକ ରେ ବିଜେଡି ନେତା ଟୁଲୁ ଜେନା,ଜିଲ୍ଲା ପରିଷଦ ବି ମନୋଜ କୁମାର ଦୋରା, ସରପଞ୍ଚ ଜୟସେନ ସ୍ୱାଇଁ, କିଶୋର ପ୍ରଧାନ, ଜିତେନ୍ଦ୍ର କୁମାର ବିଷୋୟୀ, ଅନିଲ କୁମାର ନାହାକ,ବିଦ୍ୟାନ୍ତ ଚର୍ଚ୍ଚି,ଙ୍କ ସମେତ ସମସ୍ତ କାଉନସିଲର ସଭ୍ୟ/ସଭ୍ୟା ଗଣ ,ବିଜୁ ଜନତା ଦଳ ର ସମସ୍ତ ବରିଷ୍ଠ ନେତୃ ମଣ୍ଡଳୀ ,ଜିଲ୍ଲାସ୍ତରୀୟ କର୍ମକର୍ତ୍ତା,ଯୁବ , ଛାତ୍ର, ମହିଳା, କୃଷକ ଜନତା ଦଳର ସମସ୍ତ ରାଜ୍ୟ ସ୍ତରୀୟ, ଜିଲ୍ଲା ସ୍ତରୀୟ, ବ୍ଲକ ସ୍ତରୀୟ, ପଞ୍ଚାୟତୟତ ସ୍ତରୀୟ କର୍ମକର୍ତ୍ତାଙ୍କ ସମେତ ବିଜୁ ଜନତା ଦଳର ସମସ୍ତ ଅଗ୍ରଣୀ କର୍ମୀବୃନ୍ଦ ,ବିଜୁ ପ୍ରେମୀ, ବୁଦ୍ଧିଜୀବିମାନେ ଉପସ୍ଥିତ ଥିଲେ ।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



## ଲକ୍ଷେ ଟଙ୍କା ଟପିବ ସୁନା ଦାମ୍!

**ନୂଆଦିଲ୍ଲୀ,୧।୧୦:** ସାରା ଦୁନିଆରେ ବଜାରରେ ସୁନା ଦାମ୍ ଆକାଶ ଛୁଆଁ ହୋଇଛି ।ଭାରତରେ ଖୁବ୍ ଶୀଘ୍ର ପର୍ବପର୍ବାଣି ସହ ବିବାହ ଋତୁ ଆରମ୍ଭ ହେବ । ଏହା ପୂର୍ବରୁ ହିଁ ସୁନା ଦାମ୍ ବଢ଼ି ଚାଲିଛି ।ଆନ୍ତର୍ଜାତୀୟ ବଜାର ସହ ଘରୋଇ ବଜାରରେ ମଧ୍ୟ ସୁନା ଦାମ୍ ରେକର୍ଡ ଭାଙ୍ଗୁଛି । ଗତ ସପ୍ତାହରେ ୨୬ ସେପ୍ଟେମ୍ବରରେ ଆନ୍ତର୍ଜାତୀୟ ବଜାରରେ ସୁନା ଦାମ୍ ୨୬୮୫.୪୨ ଡଲାର ପ୍ରତି ଆଉନ୍ସରେ ପହଞ୍ଚିଛି । ଘରୋଇ ବଜାରରେ ଏମସିଏକ୍ସରେ ସୁନା ଦାମ୍ ପ୍ରତି ୧୦ ଗ୍ରାମ୍ ୭୫,୭୫୦ ଟଙ୍କା ରହିଛି। ଆନ୍ତର୍ଜାତୀୟ ବଜାରରେ ସୁନା ଦାମ୍‌ରେ ଏଯାଏଁ ୩୦ ପ୍ରତିଶତ ବୃଦ୍ଧି ପାଇଥିବା ଦେଖାଯାଇଛି। ଲଗାତାର ସୁନା ଦାମ୍ ବୃଦ୍ଧି ପାଉଥିବା ହେତୁ ଆଗାମୀ ଦିନରେ ସୁନା ଦାମ୍ ଆହୁରି ବୃଦ୍ଧି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଗତ ଏକ ସପ୍ତାହରେ ସୁନା ଦାମ୍ ୧,୫୪୭ ଟଙ୍କା ବୃଦ୍ଧି ପାଇଛି।

# ଫିଲିପାଇନ୍ସକୁ ମାଡ଼ି ଆସୁଛି ମହାବାତ୍ୟା

## ୨୧୫ କି.ମି. ବେଗରେ ବହିବ ପବନ, ସତର୍କ କଲେ ସରକାର

**ନୂଆଦିଲ୍ଲୀ,୧।୧୦:** ମାଡି ଆସୁଛି ମହାବାତ୍ୟା। ଦକ୍ଷିଣ ଏସୀୟ ଦେଶ ଫିଲିପାଇନ୍ସରେ ଭୟଙ୍କର ବାତ୍ୟା ନେଇ ଆତଙ୍କ ଖେଳିଯାଇଛି। ବାତ୍ୟା ସମୟରେ ଘଣ୍ଟା ପ୍ରତି ୨୧୫ କି.ମି ବେଗରେ ପବନ ବହିବା ସମ୍ଭାବନା ରହିଛି। ଏହି ବାତ୍ୟା ଯୋଗୁଁ ସ୍କୁଲ କଲେଜ ସବୁ ବନ୍ଦ ରଖାଯାଇଛି। ସମୁଦ୍ର କୂଳକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯିବା ସହ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ସରକାରଙ୍କ ପକ୍ଷରୁ କୁହାଯାଇଛି।



ବାତ୍ୟା ଯୋଗୁଁ ଏଠାରେ ବ୍ୟାପକ କ୍ଷୟକ୍ଷତି ହେବାର ଆଶଙ୍କା ରହିଛି। ତେବେ ଏହି ବାତ୍ୟାର ନାମ କ୍ରୈଥନ୍ ରଖାଯାଇଛି। ସ୍ଥାନୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ କାଗାୟନ ଏବଂ ବଟାନେସ୍ ପ୍ରଦେଶର ବାଲିଟିଙ୍ଗ ଦ୍ବୀପର ଉପକୂଳବର୍ତ୍ତୀ ଅଞ୍ଚଳରେ ଘଣ୍ଟାପ୍ରତି ୧୭୫ରୁ ୨୧୫କି.ମିର ବେଗରେ ପବନ ବୋହିବା ଦେଖିବାକୁ ମିଳିଛି ବାତ୍ୟା କ୍ରୈଥନ୍ ଧୀରେ ଧୀରେ ପଶ୍ଚିମ ଦିଗକୁ ଗତି କରୁଛି ଏବଂ ମଙ୍ଗଳବାର ତାଇୱାନର ଉତ୍ତର-ପୂର୍ବ ଦିଗ ଆଡକୁ ମୁହାଁଇବା ପରେ ଏହା ମହାବାତ୍ୟାରେ ପରିଣତ ହୋଇପାରେ।

ଆସନ୍ତା ୪୮ଘଣ୍ଟା ମଧ୍ୟରେ ବଟାନେସ୍ ନିକଟସ୍ଥ ଗାଁ, ବାବୁୟାନ୍ ଦ୍ବୀପ ଏବଂ କାଗାୟନ ପ୍ରାନ୍ତର ଉପକୂଳବର୍ତ୍ତୀ ଗାଁ ଗୁଡିକରେ ଜୀବନ ହାନି ହେବାର ଆଶଙ୍କା ରହିଥିବା ବେଳେ ଏଠାରେ ଲୋକଙ୍କୁ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ଏପରିକି ଛାତ ଘର ଭାଙ୍ଗିବା ସମ୍ଭାବନା ଥିବାରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ମଧ୍ୟ କରାଯାଉଛି। ଗଛ ଲତା, ଚାଷ ଜମି ବ୍ୟାପକ ପରିମାଣରେ କ୍ଷତି ହୋଇପାରେ। ଏହାସହିତ ସମୁଦ୍ରରେ ଉଚ୍ଚ ଜୁଆର ସୃଷ୍ଟି ହେବା ସହ ବ୍ୟାପକ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି।ବର୍ତ୍ତମାନ କାଗାୟନ ପ୍ରଦେଶରେ ବାତ୍ୟା ଯୋଗୁଁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ସହ ଉପକୂଳ ଓ ବନ୍ୟା ପ୍ରଭାବିତ ଅଞ୍ଚଳରୁ ଶତାଧିକ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରାଯାଇଛି ଅଧିକାରୀମାନେ କହିଛନ୍ତି ଯେ ସତର୍କତା ମୂଳକ ପଦକ୍ଷେପ ସ୍ବରୂପ ସୋମବାର ଉତ୍ତର ପୂର୍ବରେ ସମସ୍ତ ସ୍କୁଲ ଓ କଲେଜକୁ ବନ୍ଦ ରଖାଯାଇଛି। ସୂଚନା ଅନୁସାରେ ଫିଲିପାଇନ୍ସରେ ପ୍ରତିବର୍ଷ ପ୍ରାୟ ୨୦ଟି ବାତ୍ୟା ଆସିଥାଏ ୨୦୧୩ ମସିହାରେ ବିଶ୍ବର ସବୁଠାରୁ ଶକ୍ତିଶାଳୀ ବାତ୍ୟା ଟାଇଫୁନଯୋଗୁଁ ୭,୩୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା । ଏହି ବାତ୍ୟାଯୋଗୁଁ କେନ୍ଦ୍ରୀୟ ଫିଲିପାଇନ୍ସରେ ୫୦ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଥିଲେ।

## ଇସ୍ରାଏଲ ପ୍ରଧାନମନ୍ତ୍ରୀ ବିଶ୍ବର ବଡ଼ ଆତଙ୍କବାଦୀ

**ଶ୍ରୀନଗର,୧।୧୦:** ଲେବାନନ ଓ ଗାଜାରେ ଘନଘନ ଆକ୍ରମଣ ଜାରି ରଖିଥିବା ଇସ୍ରାଏଲ ଓ ଏହାର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ପିଡିପି ମୁଖ୍ୟ ମେହବୁବା ମୁଫତି ସେ ନେତାନ୍ୟାହୁଙ୍କୁ ବିଶ୍ବର ସବୁଠାରୁ ବଡ଼ ଆତଙ୍କବାଦୀ ବୋଲି କହିଛନ୍ତି। ନ୍ୟୁଜ ଏଜେନ୍ସି ପିଟିଆଇକୁ ଗୋଟିଏ ସାକ୍ଷାକାର ଦେଇ ସେ



ନେତାନ୍ୟାହୁଙ୍କୁ ଜର୍ମାନର ଏକଛାତ୍ରବାଦୀ ଶାସକ ଅଡଲୋଫ ହିଟଲରଙ୍କ ସହ ତୁଳନା କରିଛନ୍ତି ହିଟଲର ଇହୁଦୀମାନଙ୍କୁ ହତ୍ୟା କରିବା ପାଇଁ ଗ୍ୟାସ ଚ୍ୟାମ୍ବର ତିଆରି କରିଥିବା ବେଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଲେବାନନ ଓ ପାଲେଷ୍ଟାଇନକୁ ଗ୍ୟାସ ଚ୍ୟାମ୍ବରରେ ପରିଣତ କରିଛନ୍ତି। ସେଠାରେ ସେ ହଜାର ହଜାର ଲୋକଙ୍କୁ ହତ୍ୟା କରୁଥିବା ମୁଫତି କହିଛନ୍ତି। ଇସ୍ରାଏଲ ସହ ଭାରତର ଥିବା ସମ୍ପର୍କକୁ ମଧ୍ୟ ସେ ବିରୋଧ କରିଛନ୍ତି ମୁଫତିଙ୍କ କହିବା କଥା ଯେ ମହାତ୍ମା ଗାନ୍ଧିଙ୍କ ସମୟରୁ ଭାରତ ସବୁବେଳେ ପାଲେଷ୍ଟାଇନ ସମର୍ଥନରେ ରହିଥିଲା ସେ କହିଛନ୍ତି, ପାଲେଷ୍ଟାଇନ ସହ ଆରମ୍ଭରୁ ରହିଥିବା ଆମ ଦେଶ ଏମିତି ଜଣେ ବ୍ୟକ୍ତି (ନେତାନ୍ୟାହୁ)ଙ୍କ ସହ ସମ୍ପର୍କ ରଖିବା, ଆଦୌ ଠିକ ନୁହେଁ। ଉକ୍ତ ଦେଶକୁ ଅସ୍ତ୍ରଶସ୍ତ୍ର ଦେବା କିମ୍ବା ସେଠାରୁ ଅସ୍ତ୍ରଶସ୍ତ୍ର ଆଣିବା, ସେମାନଙ୍କୁ ଡ୍ରୋନ ଦେବା ଓ ଏହାକୁ ସେମାନେ ପାଲେଷ୍ଟାଇନ ବିରୋଧରେ ବ୍ୟବହାର କରିବା ସଂପୂର୍ଣ୍ଣ ଭୁଲ।

## ଆଦିତ୍ୟନାଥଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ

**ଲକ୍ଷ୍ନୌ,୧।୧୦:** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମ୍ପର୍କରେ କଂଗ୍ରେସ ନେତା ରଣଦୀପ ସିଂ ସୁରଜେୱାଲା ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ହରିୟାଣାର କେଥଲଠାରେ ବ୍ରାହ୍ମଣ ସମାଜ ସମ୍ମିଳନୀରେ ସିଏମ ଯୋଗୀ ଆଦିତ୍ୟନାଥଙ୍କ ଉପରେ ରଣଦୀପ ସୁରଜୋଲା ବର୍ଷିବା ସହିତ ବିଜେପି ଦଳକୁ ଟାର୍ଗେଟ କରିଛନ୍ତି। ଯୋଗୀ ସରକାରଙ୍କୁ ବ୍ରାହ୍ମଣ ବିରୋଧୀ ବୋଲି ସୁରଜୋଲା କହିଛନ୍ତି ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ କରି ରଣଦୀପ ସୁରଜେୱାଲା କହିଛନ୍ତି ବିଜେପିର ସତ୍ୟତା ହେଉଛି ଦଳ ସମସ୍ତଙ୍କୁ ପ୍ରତାରିତ କରିଛି । ସେ କହିଛନ୍ତି। ହରିୟାଣାରେ ବ୍ରାହ୍ମଣ ସମ୍ପ୍ରଦାୟ ଉପରେ ଅତ୍ୟାଚାର କରାଯାଇଥିଲା ଏବଂ ଆମ ପଡୋଶୀ ରାଜ୍ୟ ଉତ୍ତରପ୍ରଦେଶର ପ୍ରତି ଜିଲ୍ଲାରେ ଯୋଗୀଙ୍କ ସରକାରରେ ବ୍ରାହ୍ମଣମାନେ ହଇରାଣ ହରକତ ହୋଇଥିଲେ।

# ଗ୍ରାମୀଣ ଭାରତର ବାଳିକାମାନଙ୍କୁ ସଶକ୍ତ କରୁଛି ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ପଂଛି

**ଭୁବନେଶ୍ବର,(ନି.ପ୍ର):** ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଆନ୍ତର୍ଜାତିକ କନ୍ୟା ଦିବସରେ ଏହାର ପରିବର୍ତ୍ତନଶୀଳ ପଦକ୍ଷେପ ପ୍ରୋଜେକ୍ଟ ପଂଛିର ସଫଳତାକୁ ଆଲୋକିତ କରି ଆନ୍ତର୍ଜାତୀୟ କନ୍ୟା ଦିବସ ପାଳନ କରିଛି। ବେଦାନ୍ତର ଚେୟାରମ୍ୟାନ ଅନୀଲ ଅଗ୍ରୱାଲଙ୍କ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱରେ ଅଭିନବ ନିଯୁକ୍ତି ଡ୍ରାଇଭ ସାରା ଭାରତରେ ଆର୍ଥିକ ଅନଗ୍ରସର ଗୋଷ୍ଠୀର ୧୦୦୦ଯୁବକ-ଯୁବତୀଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ମାର୍ଚ୍ଚ ୨୦୨୩ ରେ ଶୁଭାରମ୍ଭ ହୋଇଥିବା ଏହି ପ୍ରକଳ୍ପ ବେଦାନ୍ତ ଆଲୁମିନିୟମ ଓଡ଼ିଶା ଓ ଛତିଶଗଡର ଗ୍ରାମାଂଚଳରୁ ଓପିଏସ ଜିନ୍ଦଲ ବିଶ୍ବବିଦ୍ୟାଳୟର ବି.କମ, ବିବିଏ, ବି.ଏସସି ଏବଂ ବି.ଟେକ ପାସ କରିଥିବା ୧୯୦ ବାଳିକାଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିଛି। ବାଳିକା ମାନଙ୍କ ମଧ୍ୟରେ ଆତ୍ମନିର୍ଭରଶଳୀଳତା ବୃଦ୍ଧି ଓ ସ୍ୱାଧୀନତା ପ୍ରଦାନ ଲକ୍ଷ୍ୟରେ ପ୍ରୋତ୍ସାହିତ କରିବା ଲାଗି ପ୍ରୋଜେକ୍ଟ ପଂଛି କାର୍ଯ୍ୟ କରୁଛି। ଅନଗ୍ରସର ଅଂଚଳର ଝିଅମାନେ ସମ୍ମୁଖୀନ ହେଉଥିବା ଆହ୍ୱାନକୁ ଏହା ସମାଧାନ



କରିଥାଏ। ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ପ୍ରଶିକ୍ଷଣ ଯୋଗାଇବାରେ ଏହି ପ୍ରକଳ୍ପ ସେମାନଙ୍କ ନିଯୁକ୍ତି ଟାର୍ଗେଟକୁ ଧ୍ୟାନ ଦେଇଥାଏ। ଆର୍ଥିକ ଓ ସମାଜିକ ପ୍ରତିବନ୍ଧକରୁ ସେମାନଙ୍କୁ ମୁକ୍ତ କରି ସେମାନଙ୍କୁ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ସମାନ ସୁଯୋଗ ପ୍ରଦାନ କରିବା ତଥା ସଫଳତା ପାଇଁ ବେଦାନ୍ତ ଆଲୁମିନିୟମ କାର୍ଯ୍ୟ କରୁଛି। ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ, ସୁନୀଲ ଗୁପ୍ତା ମତ ଦେଇ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ପରିବର୍ତ୍ତନଶୀଳ ପରିବର୍ତ୍ତନ ଲାଗି ଅନୁକ୍ରମଣିକା ଭାବରେ ବାଳିକାଙ୍କ ଶିକ୍ଷା ଓ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ। ଆମର ଲକ୍ଷ୍ୟ କେବଳ ବାଳିକାମାନଙ୍କୁ ସଶକ୍ତ କରିବା ନୁହେଁ ବରଂ ସେମାନଙ୍କ ପାଇଁ ରହିଥିବା ସାମାଜିକ ପ୍ରତିବନ୍ଧକ ଦୂର କରି ସେମାନଙ୍କ ଭବିଷ୍ୟତକୁ ସୁଗମ କରିବା। ଯେହେତୁ ଆମେ ସବୁ କର୍ମପରିସରରେ ୩୦% ମହିଳାମାନଙ୍କୁ ପ୍ରାଧାନ୍ୟ ଦେବା ଲକ୍ଷ୍ୟ ରଖିଛୁ ଓ ୨୦୩୦ ସୁଦ୍ଧା ଆମର ଏହି ଲକ୍ଷ୍ୟ ପୂରଣ କରିବାକୁ ଚାହୁଁଛୁ। ଲକ୍ଷ୍ମୀ ପ୍ରଧାନ, ଜଣେ ପ୍ରୋଜେକ୍ଟ ପଂଛିର ପ୍ରାର୍ଥୀ କହିଛନ୍ତି ଯେ ଏହି ପ୍ରକଳ୍ପ ସହିତ ଗତ ଛଅମାସ ଧରି ସାମିଲ ହୋଇ ମୁଁ କେବଳ ମୋର ଶିକ୍ଷାଗତ ଜ୍ଞାନ ବୃଦ୍ଧି କରିନାହିଁ ବରଂ ଆଗକୁ ବଢିବା ପାଇଁ ପ୍ରେରଣା ପାଇପାରିଛି। ମୋ ପରିବାରର ବଡ଼ ଝିଅ ଭାବରେ ସେମାନଙ୍କ ଲକ୍ଷ୍ୟ ପୂରଣ କରିବା ପାଇଁ ମୋର ଆଶା ରହିଛି। ଜଣେ ଅଭିଭାବକ ବେଣୁ ମେହେର କହିଛନ୍ତି ଯେ ପ୍ରକଳ୍ପ ପଂଛି ଏକ ମହତ ପଦକ୍ଷେପ। ଏହା ଆମ ଝିଅମାନଙ୍କୁ ପ୍ରଚୁର ପ୍ରେରଣା ଦେଉଛି। ଏଥିପାଇଁ ମୁଁ ବେଦାନ୍ତକୁ ମୋର କୃତଜ୍ଞତା ଜଣାଉଛି। ଏହା ବ୍ୟତୀତ ବେଦାନ୍ତ ଆଲୁମିନିୟମ କଲେଜ ବାହାରେ ଯୁବତୀମାନଙ୍କ ଲାଗି ଏକ ନିରାପଦ ଓ ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମ କ୍ଷେତ୍ର ପ୍ରସ୍ତୁତ କରିବାକୁ ଉତ୍ସର୍ଗୀକୃତ। ମହିଳାମାନଙ୍କ ପାଇଁ ସବୁ ପ୍ରକାର ସୁରକ୍ଷା ଯୋଗାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆଗାମୀ ୨୦୩୦ ସୁଧା ୩୦% ମହିଳାଙ୍କୁ କର୍ମକ୍ଷେତ୍ରରେ ସମାନ ସୁଯୋଗ ପ୍ରଦାନ ଲାଗି କମ୍ପାନି ଲକ୍ଷ୍ୟ ରଖିଛି। ବେଦାନ୍ତ ଆଲୁମିନିୟମ ବ୍ୟବସାୟ ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ମାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଓ ଆର୍ଥିକ ବର୍ଷ ୨୪ ରେ ୨.୩୭ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା। ବେଦାନ୍ତ ଆଲୁମିନିୟମ ଏସଆଣ୍ଡପି ଗ୍ଲୋବାଲ କର୍ପୋରେଟ ସସଟାନବିଲିଟି ଆସେସମେଂଟ ୨୦୨୩ରେ ଆଲୁମିନିୟମ ଉଦ୍ୟୋଗ ପାଇଁ ପ୍ରଥମ ର୍ୟାଙ୍କ ଧାରୀ ଆଖ୍ୟା ଅର୍ଜନ କରିଛି ଓ ସ୍ଥାୟୀ ବିକାଶ ଅବଲମ୍ବନକାରୀ ସଂସ୍ଥା। ବେଦାନ୍ତର ବିଶ୍ୱ ଶ୍ରେଣୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନିୟମ ରିଫାଇନାରୀ ଓ ପାୱାରପ୍ଲାଂଟର ଅତ୍ୟାଧୁନିକ ସୁବିଧା, ଦକ୍ଷ ଇଂଜିନିୟରିଂ ଶକ୍ତିକୁ ନେଇ ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ କୁଇଜ ପ୍ରତିଯୋଗିତା




**ସିମୁଳିଆ,(ନିପ୍ର):** ପିଲାମାନଙ୍କ ମଧ୍ୟରେ ଗଣିତ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକ ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ବିଜୁ ପଟ୍ଟନାୟକ କ୍ରୀଡାଙ୍ଗନ କକ୍ଷ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ଯୁବନେତା ଡ. ଅଂଶୁମାଧବ ପଣ୍ଡା ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ପଣ୍ଡା, ବିଦ୍ୟାଧର ମହାଳିକ, ମାର୍କୋଣା ସି.ଆର.ସି.ସି ରତ୍ନାକର ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକର ୧୬୧ଟି ବିଦ୍ୟାଳୟରୁ ୨୬୩ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରତି ବିଭାଗରୁ ତିନି ଜଣ କରି ୯ଜଣ ପ୍ରତିଯୋଗୀଙ୍କୁ କୁଇଜ ପୁସ୍ତିକା, ମାନପତ୍ର ଓ କପ ପ୍ରଦାନ କରାଯାଇଥିଲା।

## କ୍ଲଷ୍ଟରସ୍ତରୀୟ ସୁରଭି ଶିଶୁ ମହୋତ୍ସବ



**କଣ୍ଟାବାଞ୍ଜି,(ନିପ୍ର) :** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅନ୍ତର୍ଗତ ମାକରଚୁଆ କ୍ଲଷ୍ଟର ବାପୁଜି ଉଚ୍ଚ ବିଦ୍ୟାଳୟ ସରଗୁଲ ଠାରେ କ୍ଲଷ୍ଟର ସ୍ତରୀୟ ସୁରଭି ଶିଶୁ ମୋହସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଉକ୍ତ କଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ରିତା ଭଦ୍ରା ସରପଂଚ ଜରୁଆମୁଣ୍ଡା,ମୁଖ୍ୟ ବକ୍ତା ଗଜୟ ଦାସ ସିଆରସିସି ମାକାରଚୁଆ, ସଭାପତି ଭାବେ ଲଖମନ ସାହୁ ପ୍ରଧାନ ଶିକ୍ଷକ ବାପୁଜି ଉଚ୍ଚ ବିଦ୍ୟାଳୟ ସରଗୁଲ,ମଞ୍ଚ ପରିଚାଳନା ମଧୁସୂଦନ ବାଗ,ସମ୍ମାନନୀୟ ଅତିଥି ରଘୁମଣି ଭୋଇ ପ୍ରଧାନ ଶିକ୍ଷକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରଗୁଲ,ଗଣେଶ୍ୱର ମାଝୀ ନାଏବ ସରପଞ୍ଚ କରୁଆ ମୁଣ୍ଡା, ଓଁକାର ମାଝୀ ଏସଏମସି ସଭାପତି ସରଗୁଲ, ମାକାରଚୁଆ କ୍ଲଷ୍ଟର ର ଅନ୍ୟ ଶିକ୍ଷକ ମାନେ ବିଘେଁଶ୍ୱର ବଉକ,ସୁଖମଣି ରଣା, ନିଲକାନ୍ତ ରଣା, ଅକୁର ବେହେରା, ମହେଶ୍ୱର ଦେଓ,ସୁବଳ ରଣା, ଥବିର ବଉକ ପ୍ରମୁଖ ଉପସ୍ଥିତ ଥିଲେ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗାଇଡ଼ ଶିକ୍ଷକ ବୃନ୍ଦ ସହଯୋଗ କରିଥିଲେ।

## ହରଭଙ୍ଗାରେ ବିଜେଡିର ସାଙ୍ଗଠନିକ ବୈଠକ



**ହରଭଙ୍ଗା,(ନିପ୍ର) :** ହରଭଙ୍ଗା ବ୍ଲକ ପୁରୁଣାକଟକ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ବିଜୁ ଜନତା ଦଳ ହରଭଙ୍ଗା ବ୍ଲକ ସାଙ୍ଗଠନିକ ବୈଠକ ବରିଷ୍ଠ ଓକିଲ ରବିଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତ, ବୌଦ୍ଧ ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ କର୍ଣ୍ଣ ଜିଲ୍ଲାକାର୍ଯ୍ୟକାରୀ ସଭାପତି ସୁବୋଧ ପ୍ରଧାନ, ବିସିସିବି ସଭାପତି ଅରୁଣ କୁମାର ପ୍ରଧାନ, ସୀତାରାମ ଅଗ୍ରୱାଲ, ଯୁବନେତା ଅବକାଶ ସାହୁ ପ୍ରମୁଖ ବକ୍ତବ୍ୟ ରଖି ବ୍ଲକ ଠାରୁ ଆରମ୍ଭ କରି ଲାଇନ ଡିପାର୍ଟମେଣ୍ଟ ସବୁଠି ପିସି ନଦେଲେ ଫାଇଲ ଘୁଞ୍ଚୁନି, ସ୍ୱାସ୍ଥ୍ୟସେବା ଶିକ୍ଷା ବ୍ୟବସ୍ଥା ସବୁକିଛି ବିପର୍ଯ୍ୟସ୍ତ, ସୁଭଦ୍ରା ଯୋଜନା ନାଁରେ ମହିଳାଙ୍କୁ ଠକିବା ବୋଲି କହିବା ସହ ସରକାରଙ୍କ ଉପରେ ବର୍ଷିଛନ୍ତି। ଏ ଯାବତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପୋଷାକ ଓ ଜୋତା ଯୋଗାଇବାରେ ଅସମର୍ଥ, ମାଗଣାରେ ୩ଶହ ୟୁନିଟ ବିଜୁଳି ଆଦି ବିଭିନ୍ନ ଦାବି ଏଯାଏଁ ପୂରଣ ନହୋଇଥିବାରୁ ଏହାର ପ୍ରତିବାଦରେ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟ ବ୍ୟାପୀ ପଦଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ହରଭଙ୍ଗା ବ୍ଲକରେ ଆସନ୍ତା ଅକ୍ଟୋବର ୦୭ ତାରିଖ ତିଳେଶ୍ୱର ଠାରୁ ପୁରୁଣାକଟକ ଦେଇ ଚାରିଛକ ପର୍ଯ୍ୟନ୍ତ ପଦଯାତ୍ରା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ।ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତ୍ରିବିକ୍ରମ ମହାକୁଡ଼ ସୁଶାନ୍ତ ପ୍ରଧାନ, ସରପଞ୍ଚ ଅଶୋକ ସେଠି, ଶ୍ରୀବନ୍ତ ମେହେର,ନିହାର ଘୋଷ ନିକୁଞ୍ଜ ବେହେରା, ଅଶୋକ ମେଣ୍ଡୁଲି ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ କହଁର ଜ୍ୟୋତିରଞ୍ଜନ ସାହୁ, ସଞ୍ଜୟ ଦେହୁରୀ, ପ୍ରଦୀପ କୁମାର ସାହୁ ସୁଶୀଲ ଦେହୁରୀ ଜ୍ୟୋତିର୍ମୟ ଦାସ, ପୂର୍ବତନ ଜିଲ୍ଲାପରିଷଦ ଉପାଧକ୍ଷ ଅକ୍ରୁର ସେଠି, ପୂର୍ବତନ ବ୍ଲକ ଉପାଧକ୍ଷ ପଙ୍କଜ ସାହୁ, ସଂଜିତ ବାରିକ ରଜତ ଦାସ ପ୍ରମୁଖଙ୍କ ନେତୃତ୍ୱରେ ୫ଶହରୁ ଉର୍ଦ୍ଧ କର୍ମୀ ବୈଠକରେ ଯୋଗ ଦେଇଥିଲେ।

## ସୁଭଦ୍ରା ଆବେଦନକାରୀଙ୍କଠୁ ଟଙ୍କା ନିଆଯାଉଥିବା ଅଭିଯୋଗ

**ଗୁରୁଡ଼ିଝାଟିଆ,(ନିପ୍ର):** ଜନସେବା କେନ୍ଦ୍ର ଓ ସିଏସସି କେନ୍ଦ୍ରମାନଙ୍କରେ ଏବେ ସୁଭଦ୍ରା ଯୋଜନା ଆବେଦନକାରୀଙ୍କ ଭିଡ଼ି ଲମ୍ବୁଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଓ କେହି କେହି ଭୋର ୩ଟାରେ ମଧ୍ୟ କେନ୍ଦ୍ର ନିକଟରେ ଧାଡି ଲମ୍ବାଉଛନ୍ତି। ଏହାର ଫାଇଦା ନେଉଛନ୍ତି ଜନସେବା ଓ ସିଏସସି କେନ୍ଦ୍ରର ବ୍ୟକ୍ତି। ଇଚ୍ଛା ନଥିଲେ ମଧ୍ୟ ଟଙ୍କା ଦେବାକୁ ବାଧ୍ୟ ହେଉଛନ୍ତି ଆବେଦକାରୀ। କିଏ ୧ଶହ ତ କେଉଁଠି ୧୫୦ ଟଙ୍କା ଦେଉଛନ୍ତି। କାଳେ ଆବେଦନ ହୋଇପାରିବ ନାହିଁ, ଯାହାଫଳରେ କି ଯୋଜନାର ସୁଫଳ ପାଇପାରିବେ ନାହିଁ ସେଥିପାଇଁ ଦେଉଛନ୍ତି ଅର୍ଥ। ଆବେଦନକାରୀଙ୍କ ମାନସିକତାକୁ ଠଉରାଇ ନେଇ ସେମାନଙ୍କୁ ଲୁଟିବାରେ ଲାଗିଛନ୍ତି। ଆଠଗଡ଼ ବ୍ଲକ ଓ ଆଠଗଡ଼ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଏଭଳି ସ୍ଥିତି ଦେଖାଦେଇଛି। ଯାହାର ଉଦାହରଣ ଆଠଗଡ଼ ନିର୍ବାଚନ ମଣ୍ଡଳୀର କଖଡି ପଞ୍ଚାୟତ ଓ ଆଠଗଡ଼ ବ୍ଲକର ମଞ୍ଚେଶ୍ୱର ପଞ୍ଚାୟତକୁ ଅନୁଧ୍ୟାନ କଲେ ବେଶ ବାରି ହୋଇପଡ଼ିବ। ଜନସେବା କେନ୍ଦ୍ର ଓ ସିଏସସି କେନ୍ଦ୍ର ପରିଚାଳନା କରୁଥିବା ବ୍ୟକ୍ତିବିଶେଷ ଜଳଖିଆ ଓ ଚା' ଖର୍ଚ୍ଚ ନାମରେ ଏକ ପ୍ରକାର ଲୁଟିବାରେ ଲାଗିଛନ୍ତି। ସେମାନଙ୍କ ପାଇଁ ସୁଭଦ୍ରା ଯୋଜନା ଆବେଦନକାରୀ ପାଲଟିଛି ମହୁଫେଣା। ସରକାରଙ୍କ ନୀତି ନିୟମକୁ ସଂପୂର୍ଣ୍ଣ ଉଲ୍ଲଂଘନ କରି ଆବେଦନକାରୀଙ୍କଠାରୁ ଟଙ୍କା ଆଦାୟ କରିବାରେ ଲାଗିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସୁଭଦ୍ରା ଯୋଜନା ଆବେଦନକାରୀଙ୍କ ପାଇଁ କୌଣସି ଶୁଳ୍କ ସିଏସସି ଓ ଜନସେବା କେନ୍ଦ୍ର ନ ନେବା ପାଇଁ ନିୟମ କରିଥିଲେ ମଧ୍ୟ ଏହାକୁ ଖୁଲମଖୁଲା ଉଲ୍ଲଂଘନ କରାଯାଉଛି। ଭୟଶୂନ୍ୟ ଭାବେ ହିତାଧିକାରୀଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି। ଯାହା ତଦନ୍ତ ଓ ଅନୁଧ୍ୟାନ ସାପେକ୍ଷ। ଆବେଦନକାରୀ ମାନେ ଭୟରେ ମୁହଁ ଖୋଲୁନାହାନ୍ତି। ଆଠଗଡ଼ ଉପଖଣ୍ଡ ପ୍ରଶାସନ, ସ୍ଥାନୀୟ ପୁଲିସ କଣ ପାଇଁ ଜନସେବା ଓ ସିଏସସି କେନ୍ଦ୍ରଗୁଡିକୁ ଅନୁଧ୍ୟାନ କରୁନାହାନ୍ତି, ଯଦ୍ୱାରା କି ସତ୍ୟତା ପରଖି ପାରନ୍ତେ। ଅନେକ ସମୟରେ ହିତାଧିକାରୀଙ୍କୁ ବିଭିନ୍ନ ଆଳ ଦେଖାଇ ଫେରାଇ ମଧ୍ୟ ଦିଆଯାଉଛି। ତେଣୁ କଟକ ଜିଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ନାମ ଗୋପନ ରଖି ଅନୁରୋଧ କରିଛନ୍ତି କିଛି ଆବେଦନକାରୀ।

## କୃଷି ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ



**ପିପିଲି,(ନିପ୍ର):** ଭୁବନେଶ୍ୱର ସ୍ଥିତ ଓୟୁଏଟି ଅଧିନ କୃଷି ମହାବିଦ୍ୟାଳୟ (କଲେଜ ଅଫ୍ ଏଗ୍ରିକଲ୍‌ଚର)ର ପ୍ରଥମ ବର୍ଷର ବିଏସ୍‌ସି ଛାତ୍ରଛାତ୍ରୀଙ୍କ ଦୁଇଦିନିଆ ଦିକ୍ଷାରମ୍ଭ କାର୍ଯ୍ୟକ୍ରମ ପିପିଲି ବ୍ଲକ ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ସ୍ଥିତ 'କଳିଙ୍ଗ ଛତୁ ଉଦ୍ୟୋଗ' ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳିଙ୍ଗ ଛତୁ ଉଦ୍ୟୋଗର ପ୍ରତିଷ୍ଠାତା ତଥା କୃଷି ଉଦ୍ୟୋଗୀ ସନ୍ତୋଷ କୁମାର ମିଶ୍ର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଛତୁ ଉତ୍ପାଦନ, ଛତୁ ବିହନ ଉତ୍ପାଦନ ଏବଂ ଛତୁରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ଆଦି ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିସହ ନିଜର ଉଦ୍ୟୋଗ ପ୍ରତିଷ୍ଠା କରିବା ଏବଂ ଛତୁଚାଷ ସଂପର୍କରେ ସ୍ଥାନୀୟ ଅଞ୍ଚଳର ଯୁବଚାଷୀଙ୍କୁ ତାଲିମ ଦେଇ ସେମାନଙ୍କୁ ସ୍ୱାବଲମ୍ବି କରିବା ଆଦି ସଂପର୍କରେ ଶ୍ରୀମିଶ୍ର ନିଜର ଅଭିଜ୍ଞତାକୁ ଛାତ୍ରଛାତ୍ରୀଙ୍କ ନିକଟରେ ବିଷଦ ଭାବେ ବର୍ଣ୍ଣନା କରିଥିଲେ। ଛତୁଚାଷ ସଂପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶ୍ରୀମିଶ୍ର ବିଭିନ୍ନ କାହାଣୀ ମାଧ୍ୟମରେ ସର୍ବଦା କୃଷି ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ୭ଜଣ ପ୍ରଫେସରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୋଟ୍ ୧୭୫ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ବୁଡୁଣୀ ଗ୍ରାମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**କଲ୍ୟାଣସିଂହପୁର,(ନିପ୍ର) :** ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଷାଲି ପଞ୍ଚାୟତର ବୁଡୁଣୀ ଗ୍ରାମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପାର୍ଷାଲି ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କ ନେତୃତ୍ୱରେ ଗ୍ରାମର ମହିଳା ପୁରୁଷମାନଙ୍କୁ ନେଇ ସ୍ୱଚ୍ଛତା ହିଁ ସେବା ବୋଲି ଏକ ଶୋଭାଯାତ୍ରା କରିବା ସହ ଗ୍ରାମର ସାହି, ଅଙ୍ଗନବାଡି କେନ୍ଦ୍ର ପରିସର ସଫେଇ କରିଥିଲେ। ଅଳିଆ ଆବର୍ଜନା ପଡି ରହିଲେ ,ତାହା ପଚି ଦୁର୍ଗନ୍ଧ ହେବା ସହ ମଶାମାଛିଙ୍କ ବଂଶ ବୃଦ୍ଧି ହେବ। ଯାହା ଫଳରେ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହେବା ବୋଲି ଲୋକଙ୍କୁ ସଚେତନତା



ବାର୍ତ୍ତା ଦେଇଛନ୍ତି। ଏହି ସଫେଇ ଅଭିଯାନରେ ପୂର୍ବତନ ସରପଞ୍ଚ ବାମ କାଡ୍ରାକା,ସମିତି ସଭ୍ୟ ବିକାଶ ବାଗ, ଅଙ୍ଗନବାଡି କର୍ମୀ ସାକ ୱାଡକା, ପଞ୍ଚାୟତ କାର୍ଯ୍ୟ ନିର୍ବାହ ଅଧିକାରୀ ଶ୍ରୀହରି ମହାନନ୍ଦିଆ ସମେତ ଗ୍ରାମର ଡଙ୍ଗରିଆ ଯୁବକ ଯୁବତୀ ମାନେ ଉପସ୍ଥିତ ରହିଥିଲେ।

## ୫୧୦ ଲିଟର ଚୋରା ଦେଶୀ ମଦ ଜବତ : ଜଣେ ଗିରଫ



**କଳାପଥର,(ନିପ୍ର) :** ପାର୍ବଣକୁ ଦୃଷ୍ଟିରେ ରଖି କିଛି ଦିନ ଧରି ବାଙ୍କୀ ଅଂଚଳରେ ଚାଲିଛି ଅବକାରୀ ବିଭାଗ ପକ୍ଷରୁ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ଉପରେ ଜୋରଧାର ଚଢାଉ କରାଯାଇଛି। ଭିନ୍ନ ଭିନ୍ନ ସ୍ଥାନରେ ଅବକାରୀ ଓ ପୁଲିସ ବିଭାଗ ପକ୍ଷରୁ ମିଳିତ ଚଢାଉରେ ହରିହର ଭେଟ ଛକ ଠାରୁ ଏକ ଦେଶୀ ମଦ ବୋଝେଇ ବୋଲେରୋ ଗାଡି ଜବତ କରାଯାଇଛି। ଏହା ସହିତ ଜଣେ ବେପାରୀକୁ ଗିରଫ କରାଯାଇଛି। ଗିରଫ ମଦ ବ୍ୟବସାୟୀଙ୍କ ଘର ବାରଙ୍ଗ ଥାନା ଅନ୍ତର୍ଗତ ସାନମୁଣ୍ଡଳୀ ଅଂଚଳ। ତାଙ୍କ ନାମ ବସନ୍ତ କୁମାର ବେହେରା। ବୋଲେରୋ ଗାଡି ରୁ ୫୧୦ଲିଟର ଚୋରା ଦେଶୀ ମଦ ଜବତ କରାଯାଇଛି। ଏହି ମଦ ବୋଝେଇ ବୋଲେରୋ ଗାଡିଟି ଆଠଗଡ ଅଂଚଳରୁ ଖୋର୍ଦ୍ଧା ଯିବା ବାଟରେ ଅବକାରୀ ଓ ପୁଲିସ ଧରିବାରେ ସଫଳ ହୋଇଛି। ସେପଟେ ବାଙ୍କୀ ମହୋତ୍ସବ ଅନ୍ୟପଟେ ଦଶହରାକୁ ଦୃଷ୍ଟିରେ ରଖି ଏ ଚଢାଉକୁ ଜୋରଦାର କରାଯିବ ବୋଲି ଅବକାରୀ ଉପନିରୀକ୍ଷ ସୌମ୍ୟ ରଞ୍ଜନ ମାଝୀ କହିଛନ୍ତି।

# ବାଂଲାଦେଶକୁ ହରାଇ ସିରିଜ କ୍ଲିନସୁଇପ୍ କଲା ଭାରତ

- ୨-୦ରେ ସିରିଜ୍ ଜିତିଲା ଭାରତ
- କାନପୁର ଟେଷ୍ଟରେ ୭ ୱିକେଟରେ ବିଜୟୀ

### ୨ୟ ଇଂନିସରେ ବାଂଲାଦେଶ ୧୪୬, ଭାରତ ୯୭/୩




କାନପୁର,୧।୧୦: ଚେନ୍ନାଇ ପରେ କାନପୁର ଟେଷ୍ଟ ମ୍ୟାଚ୍ ଜିତିଲା ଭାରତ। ଏହି ମ୍ୟାଚ୍ ସହ ସିରିଜକୁ ୨-୦ରେ କ୍ଲିନ୍ ସୁଇପ୍ କରିନେଇଛି ଟିମ୍ ଇଣ୍ଡିଆ। ବିଜୟ ପାଇଁ ୯୫ ରନ୍ ଆବଶ୍ୟକ ଥିବାବେଳେ ତିନି ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଛି ରୋହିତ ବାହିନୀ। ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନ ସୁଇପ କରି ଭାରତ ଇତିହାସ ରଚିଛି। ଭାରତ ମାଟିରେ ଏହା ଦଳର କ୍ରମାଗତ ୧୮ତମ ବିଜୟ। ସେହିପରି କ୍ରମାଗତ ୬ଷ୍ଠ ଥର ପାଇଁ ଦଳ ଘରୋଇ ମାଟିରେ ଟେଷ୍ଟ ସିରିଜ ବିଜୟ ହେବାର ରେକର୍ଡ କରିଛି। ୧୧ ୱିକେଟ ନେଇଥିବା ଆର. ଅଶ୍ୱିନୀ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିପରି ଦୁଇଟି ଅର୍ଦ୍ଧଶତକ ହାସଲ କରିଥିବା ଯଶ୍ୱାଲ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି।

ମ୍ୟାଚର ଦ୍ୱିତୀୟ ଓ ତୃତୀୟ ଦିନ ବର୍ଷା ଲାଗି ରହିବାରୁ ଗୋଟିଏ ବି ବଲ ପଡ଼ି ନଥିଲା।ପ୍ରଥମ ଦିନ କେବଳ ୩୫ ଓଭର ଖେଳା ଯାଇଥିଲା। ଏହି ସମୟରେ ବାଂଲାଦେଶ ୩ ୱିକେଟ ହରାଇ ୧୦୭ ରନ କରିଥିଲା। ୪ର୍ଥ ଦିନ ଖେଳ ଆରମ୍ଭ ହେବାରୁ ମ୍ୟାଚ୍ ଡ୍ର ଅଭିମୁଖେ ଯିବେ ବୋଲି ସମସ୍ତେ ଆଶା କରିଥିଲେ।ହେଲେ ଭାରତ ସମସ୍ତଙ୍କୁ ଚକିତ କରି ୫ମ ଦିନର ଟି ବ୍ରେକ ପୂର୍ବରୁ ମ୍ୟାଚକୁ ଜିତି ନେଇଛି। ଯଶସ୍ୱୀ ଜୈସ୍ୱାଲ ଅର୍ଦ୍ଧଶତକୀୟ ପାଳି ଖେଳି ଥିବାବେଳେ ବିରାଟ କୋହଲି ଅପରାଜିତ ରହି ୨୯ ରନ୍ ସଂଗ୍ରହ କରିଥିଲେ। ବାଂଲାଦେଶ ଦୁଇଟି ଇନିଂସରେ ୨୩୩ ଏବଂ ୧୪୬ ରନ୍ କରି ଥିବାବେଳେ ଭାରତ ପ୍ରଥମ ଇନିଂସରେ ୨୮୫ ଏବଂ ଦ୍ୱିତୀୟ ଇନିଂସରେ ଟାର୍ଗେଟ ପୂରା କରି ମ୍ୟାଚ୍ ସହ ସିରିଜ୍ ଜିତି ନେଇଛି। ଆଜି ୨୬/୨ରୁ ଖେଳ ଆରମ୍ଭ କରି ବାଂଲାଦେଶ ଏସ ଇସଲାମଙ୍କ ୫୦, ମୁଶଫିକର ରହିମଙ୍କ ୩୭, ଅଧିନାୟକ ସାଣ୍ଟୋଙ୍କ ୧୯ ବଲରେ ୧୪୬ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ଇଂନିସରେ ଶତକ ହାସଲ କରିଥିବା ମନିମୁଲ ୨, ଲିଟନ ଦାସ ୧, ସକିବ ଅଲ୍ ହାସନ ୦, ମେହଦି ହାସନ ମିରାଜ ୯, ତାଇଜୁଲ ଇସଲାମ ୦, ଖଲିଦ ଅହମ୍ମଦ ୫ ରନ କରିଥିଲେ। ଭାରତ ପକ୍ଷରୁ ବୁମରା, ଅଶ୍ୱିନୀ, ଜାଡେଜା ୩ ଲେଖାଏଁ ୱିକେଟ ନେଇଥିଲେ। କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଖେଳା ଯାଇଥିବା ଏହି ମ୍ୟାଚରେ ବର୍ଷା ସାଜିଥିଲା ବାଧକ। ପ୍ରଥମ ଦିନ ଖେଳ ପରେ ଅଢେଇ ଦିନ ବର୍ଷା ଲାଗି ରହିଥିଲା। ବାଂଲାଦେଶ ପ୍ରଥମେ ପାଳି ଆରମ୍ଭ କରି ପ୍ରଥମ ଦିନରେ ୧୦୭ ରନ୍ କରିଥିଲା। ଏହାପରେ ବର୍ଷା ଛାଡିବା ପରେ ଚତୁର୍ଥ ଦିନରେ ପୁନର୍ବାର ମ୍ୟାଚ୍ ଆରମ୍ଭ ହୋଇଥିଲା। ପ୍ରଥମ ଇନିଂସରେ ବାଂଲାଦେଶ ୨୩୩ ରନ୍ କରି ଥିବାବେଳେ ଭାରତ ୨୮୫ ରନ୍ କରିଥିଲା। ବାଂଲାଦେଶ ଦ୍ୱିତୀୟ ଇନିଂସ ଖେଳି ୯୫ ରନ୍ ଟାର୍ଗେଟ ଦେଇଥିଲା। ଭାରତ ଏହାକୁ ସହଜରେ ଜିତି ନେଇଛି।ଯଶସ୍ୱୀ ଜୈସ୍ୱାଲ ୫୧ ରନ୍ କରି ଥିବାବେଳେ ବିରାଟ କୋହଲି ଏବଂ ଋଷଭ ପନ୍ତ ଅପରାଜିତ ରହି ଯଥାକ୍ରମେ ୨୯ ଏବଂ ୪ ରନ୍ କରିଥିଲେ। ସେହିପରି ରୋହିତ ଶର୍ମା ୮ ଏବଂ ଶୁବମନ ଗିଲ୍ ୬ ରନ୍ କରିଥିଲେ। ଭାରତ ୧୭.୨ ଓଭରରେ ଏହି ମ୍ୟାଚ୍ ସହ ସିରିଜ୍ ବିଜୟୀ ହୋଇଛି।

# ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଦିଗରେ ଭାରତ



ନୂଆଦିଲ୍ଲୀ,୧।୧୦: ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନ ସୁଇପ କରିବା ପରେ ଭାରତୀୟ ଟିମ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବା ଦିଗରେ ଆଉ ପାଦେ ଆଗେଇଛି। ଭାରତ କ୍ରମାଗତ ତୃତୀୟ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛି। ୨-୦ରେ ସିରିଜ ଜିତିବା ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପପଏଣ୍ଟ ଟେବୁଲରେ ଭାରତ ୧ନଂରେ ନିଜର ସ୍ଥାନକୁ ଆହୁରି ସୁଦୃ କରିପାରିଛି।

ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍‌ର ୨୦୨୫ ସଂସ୍କରଣରେ ମୋଟ ୮ଟି ବିଜୟ ହାସଲ କରିଥିବା ବେଳେ ୨ଟି ହାରିଛି ଓ ଗୋଟିଏ ଡ୍ର ରଖିଛି। ଭାରତର ପଏଣ୍ଟ ସଂଖ୍ୟା ୯୮। କିନ୍ତୁ ବିଜୟ ପ୍ରତିଶତ ପଏଣ୍ଟ ଆଧାରରେ ଦୁଇ ଦଳ ଫାଇନାଲ ଖେଳିବେ। ଭାରତ ବିଜୟ ପ୍ରତିଶତ ପଏଣ୍ଟ ହେଉଛି ୭୪.୨୪। ଭାରତ ବିଜୟ ପ୍ରତିଶତ ପଏଣ୍ଟ ଆଧାରରେ ମଧ୍ୟ ଟପ୍ ୧ରେ ରହିଛି।

ଅକ୍ଟୋବର ୧୬ରୁ ଦଳ ଘରୋଇ ପରିବେଶରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୩ ଟିକିଅ। ଟେଷ୍ଟ ସିରିଜ ଖେଳିବ।ଯ ପ୍ରଥମ ମ୍ୟାଚ୍ ବେଙ୍ଗାଲୁରୁରେ ଥିବା ବେଳେ ଏହାପରେ ପୁଣେ ଓ ମୁମ୍ବାଇରେ ବାକି ଦୁଇଟି ଯାକ ଟେଷ୍ଟ ଅନୁଷ୍ଠିତ ହେବ।ଘରୋଇ ପରିବେଶରେ ଯଦି ଭାରିତ ଟିମ ସାଉଦିଙ୍କ ଦଳକୁ ୩-୦ରେ ହରାଇ ଦେବ, ତା'ହେଲେ ଫାଇନାଲ ଖେଳିବା ଏକ ପ୍ରକାରର ସୁନିଶ୍ଚିତ ହେବ। ଯଦି ବି ଭାରତକୁ ଫାଇନାଲ ଟିକେଟ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ମିଳେ ନାହିଁ, ତା'ହେଲେ ଦଳ ପାଖରେ ଅଷ୍ଟ୍ରେଲିଆ। ଚ୍ୟାଲେଞ୍ଜ ମଧ୍ୟ ରହିଛି। ଦୁଇ ଦଳ ଡିସେମ୍ବର-ଜାନୁଆରୀରେ ବର୍ଡର-ଗାଭାସ୍କର ଟ୍ରଫିରେ ମୁହାଁମୁହିଁ ହେବ।ଏଥିପାଇଁ ଭାରତୀୟ ଟିମ ଅଷ୍ଟ୍ରେଲିଆ। ଗସ୍ତ କରିବ। ଅଷ୍ଟ୍ରେଲିଆକୁ ତା' ମାଟିରେ ହରାଇବା ସହଜ ହେବନିଯ ଏହି ସିରିଜ ପରେ କେଉଁ ଦଳ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲର ପ୍ରଥମରେ ରହିବ, ତା'ହା ସ୍ପଷ୍ଟ ହେବ।ଅଷ୍ଟ୍ରେଲିଆ। ଏବେ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ୬୨.୫୦ ପଏଣ୍ଟ ସହ ରହିଛି। ତୃତୀୟରେ ଶ୍ରୀଲଙ୍କା(୫୫.୫୬) ଅଛି।

## ସର୍ବଭାରତୀୟ ଓପନ୍ ଆଥଲେଟିକ୍ସରେ ଓଡ଼ିଶାକୁ ୭ ପଦକ

ଭୁବନେଶ୍ୱର: ବିହାର ପାଟନାରେ ଚଳିତ ମାସ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଚତୁର୍ଥ ସର୍ବଭାରତୀୟ ଓପନ୍ ଆଥଲେଟିକ୍ସରେ ଓଡ଼ିଶାର ଯଶବୀର ନାୟକ ପୁରୁଷ ଡେକାଥଲନରେ ନୂଆ। ମିଟ୍ ରେକର୍ଡ ସ୍ଥାପନ କରି ରାଜ୍ୟ ପାଇଁ ଗର୍ବ ଓ ଗେରବ ଆଣିଛନ୍ତି। ଏହି ଇଭେଣ୍ଟ୍ରେ ସେ ସର୍ବମୋଟ ୭୦୬୫ ପଏଣ୍ଟ୍ ଅର୍ଜନ କରି ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ଡେକାଥଲନରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିବାରେ ପ୍ରଥମ ଓଡ଼ିଆ। ହୋଇଛନ୍ତି ସେ। କଳାହାଣ୍ଡି ଜିଲ୍ଲା ବାସିନ୍ଦା ଯଶବୀର ମାତ୍ର ୨ବର୍ଷ ତଳେ ଡେକାଥଲନ୍ ଖେଳିବା ଆରମ୍ଭ କରି ଏଭଳି ଅନନ୍ୟ ସଫଳତା ଲାଭ କରିବା ସହ ଓଡ଼ିଶା ଦେଉ଼କୁଦ ଜଗତର ଅନ୍ୟତମ ଯୁବ ସମ୍ଭାବନା ଭାବେ ଉଭା ହୋଇଛନ୍ତି। ତାମିଲନାଡୁର ଲୋଗେଶ କୁମାର (୬୫୨୫) ଏହି ଇଭେଣ୍ଟ୍ରେ ରେପ୍ୟ ଏବଂ କର୍ଣ୍ଣାଟକର ଲୋକେଶ ରାଥୋଡ (୬୪୪୦) କାଂସ୍ୟ ପଦକ ପାଇଥିଲେ। ଯଶବୀରଙ୍କ ପୂର୍ବରୁ ଅନ୍ତର୍ଜାତୀୟ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ୍ ଓଡ଼ିଶା ପାଇଁ ହେପ୍ଟାଥଲନରେ ଜାତୀୟ ସ୍ୱର୍ଣ୍ଣ ଜିତିଥିଲେ।

# ୧୩ ବର୍ଷୀୟ ସୂର୍ଯ୍ୟବଂଶୀଙ୍କ କମାଲ୍



ବେଙ୍ଗାଲୁରୁ,୧।୧୦: ଅଣ୍ଡର ୧୯ ଟେଷ୍ଟରେ ଚମକିଛନ୍ତି ଭାରତର ୧୩ ବର୍ଷୀୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ। ସେ ଅଣ୍ଡର ୧୯ ଟେଷ୍ଟରେ ଦ୍ରୁତତମ ଶତକ ହାସଲ କରିବାରେ ପ୍ରଥମ ଭାରତୀୟ ବନି ଯାଇଛନ୍ତି। ଚେନ୍ନାଇର ଏମଏ ଚିଦାମ୍ବର ଷ୍ଟାଡିୟମରେ ଚାଲିଥିବା ଅଷ୍ଟ୍ରେଲିଆ। ବିପକ୍ଷ ଅଣ୍ଡର-୧୯ ଟେଷ୍ଟରେ ସେ ଏପରି କୀର୍ତ୍ତିମାନ ହାସଲ କରିଛନ୍ତି।ବିହାର ପାଇଁ ଖେଳୁଥିବା ସୂର୍ଯ୍ୟବଂଶୀ ୫୮ ବଲରେ ଶତକ ହାସଲ କରିଛନ୍ତିଯ ସେ ପ୍ରଥମଥର ପାଇଁ ଭାରତକୁ ଅଣ୍ଡର ୧୯ରେ ନାଲି ବଲରେ ପ୍ରତିନିଧିତ୍ୱ କରୁଥିବା ବେଳେ ଶତକ ହାସଲ କରି ନିଜ ଜଲୱା ଦେଖାଇଛନ୍ତି।

ସୂର୍ଯ୍ୟବଂଶୀ ଅଣ୍ଡର ୧୯ରେ ଶତକ ହାସଲ କରିବାରେ ଦ୍ରୁତମତ ଭାରତୀୟ ହୋଇଥିଲେ ହେଁ ବିଶ୍ୱରେ ଦ୍ୱିତୀୟ। କାରଣ ଇଂଲଣ୍ଡ ଅଲରାଉଣ୍ଡର ମୋଇନ ଅଲୀ ୨୦୦୫ରେ ଅଣ୍ଡର ୧୯ କ୍ରିକେଟରେ ମାତ୍ର ୫୬ ବଲରେ ଶତକ ହାସଲ କରିଥିଲେ। ଏବେ ସୂର୍ଯ୍ୟବଂଶୀ ୫୮ ବଲରେ ଶତକ ହାସଲ କରିଛନ୍ତି।ସେ ତାଙ୍କ ଇନିଂସରେ ୧୪ଟି ଚୌକା ଓ ୪ଟି ଛକା ମାରିଛନ୍ତି। ତେବେ ୬୨ ବଲରେ ସୂର୍ଯ୍ୟବଂଶୀ ୧୦୪ ରନ କରି ଖେଳୁଥିବା ବେଳେ ରନ ଆଉଟ ହୋଇଯାଇଥିଲେଯ

ଅଣ୍ଡର ୧୯ ଟେଷ୍ଟରେ ଅଷ୍ଟ୍ରେଲିଆ। ପ୍ରଥମ ଇନିଂସରେ ୨୯୩ ରନ କରିଥିବା ବେଳେ ଭାରତ ଏହାର ଦୃ ଜବାବ ଦେଇଛି।ସୂର୍ଯ୍ୟବଂଶୀ ଏକାକୀ ୧୦୪ ରନର ଇନିଂସ ଖେଳିଛନ୍ତି।

ଏହାପୂର୍ବରୁ ମାତ୍ର ୧୨ ବର୍ଷ ବୟସରେ ସେ ବିହାର ପାଇଁ ରଣଜୀ ଟ୍ରଫିରେ ଡେବ୍ୟୁ କରି ଚର୍ଚ୍ଚାକୁ ଆସିଥିଲେ। ସେ ଡେବ୍ୟୁ କରି ସଚିନ ତେନ୍ଦୁଲକର ଓ ଯୁବରାଜ ସିଂହଙ୍କ ରେକର୍ଡକୁ ଭାଙ୍ଗିଥିଲେ। ସେ ଘରୋଇ ପ୍ରଥମ ଶ୍ରେଣୀ କ୍ରିକେଟରେ ଡେବ୍ୟୁ କରିବାରେ ଦେଶର ସର୍ବକନିଷ୍ଠ ଖେଳାଳି ହୋଇଥିଲେ।

# ଆଇଓଏ ସଭାପତି ପିଟି ଉଷାଙ୍କୁ ୧୨ ବରିଷ୍ଠ କର୍ମକର୍ତ୍ତାଙ୍କ ବିରୋଧ

ନୂଆଦିଲ୍ଲୀ:,୧।୧୦:ଭାରତୀୟ ଅଲିମ୍ପିକ୍ସ ସଂଘ (ଆଇଓଏ)ରେ ସବୁକିଛି ଠିକଠାକ୍ ନାହିଁ। ସଂଘର ମୁଖ୍ୟ କାର୍ଯ୍ୟନିବାହୀଙ୍କ ନିଯୁକ୍ତିକୁ ନେଇ ବଡ଼ ଧରଣର ବାଦ ବିବାଦ ସୃଷ୍ଟି ହେବା ସହ ଏହି କାରଣରୁ ସଭାପତି ତଥା ମହାନ ଧାବିକା ପିଟି ଉଷା ଏବଂ କିଛି କାର୍ଯ୍ୟକାରିଣୀ ସଦସ୍ୟ ମୁହାଁମୁହିଁ ହୋଇଛନ୍ତି। କାର୍ଯ୍ୟକାରିଣୀର ଅନ୍ୟୂନ ୧୨ଜଣ ସଦସ୍ୟ ଉଷାଙ୍କ ବିରୋଧରେ ବିଦ୍ରୋହ କରି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟିକୁ ପତ୍ର ଲେଖିଛନ୍ତି।

ସ୍ଥିତି ଏମିତି ହୋଇଛି ଯେ ପରସ୍ପର ସର୍ବସାଧାରଣରେ ଖୋଲା ସମାଲୋଚନା କରିବାକୁ ପଛାଇ ନାହାନ୍ତି ଉଭୟ ପକ୍ଷଯ ଏଥିପାଇଁ ସଂଘରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଘରୋଇ କ୍ରୀଡ଼ା ଜଗତରେ ମଧ୍ୟ ଆଲୋଡ଼ନ ସୃଷ୍ଟି ହୋଇଛି। ମାମଲାର ସମାଧାନ ପାଇଁ ସଂଘ ରବିବାର କେନ୍ଦ୍ର କ୍ରୀଡ଼ାମନ୍ତ୍ରାଳୟର ହସ୍ତକ୍ଷେପ ଲୋଡ଼ିଛିଯ।

କାର୍ଯ୍ୟକାରିଣୀର ଏହି ସଦସ୍ୟମାନେ ସଦସ୍ୟ ଉଷାଙ୍କ ବିରୋଧରେ ଏକଚ୍ଛତ୍ରବାଦ ଶାସନର ଅଭିଯୋଗ ଆଣିଥିଲେଯ ଆଜି ଉଷା ଏହାର ଜବାବ ରଖି କାର୍ଯ୍ୟକାରିଣୀ ସଦସ୍ୟଙ୍କ ଅଭିମୁଖ୍ୟ ଓ ବ୍ୟବହାର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ବିରୋଧରେ ଅତୀତରେ ଯୌନ ନିର୍ଯାତନା ଅଭିଯୋଗ ଆସିଥିବା ଏବଂ ସେମାନେ କେବଳ ବ୍ୟକ୍ତିଗତ ଲାଭ କ୍ଷତିକୁ ଜୋର ଦେଉଥିବା ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଉଷା କହିଛନ୍ତି, ଭାରତକୁ ପ୍ରତିନିଧିତ୍ୱ କରିବାର ୪୫ ବର୍ଷର ଲମ୍ବା କ୍ରୀଡ଼ା କ୍ୟାରିୟରରେ ଭାରତୀୟ ଖେଳାଳିଙ୍କ ଆଶା ଆକାଂକ୍ଷା ଏବଂ ଆମ ଦେଶର କ୍ରୀଡ଼ା ଭବିଷ୍ୟତ ସହ ଖେଳୁଥିବା ଏଭଳି ଲୋକ ମୁଁ କେବେବି ଦେଖିନିଯ ବ୍ୟକ୍ତି କେନ୍ଦ୍ରୀକ କ୍ଷମତା ଖେଳରେ ଅଧିକ ମାତି ରହିବା ସହ ବ୍ୟକ୍ତିଗତ ଆର୍ଥିକ ଲାଭ ଉଠାଇ କ୍ରୀଡ଼ା ପରିଚାଳନାର କ୍ଷମତାକୁ ମାଡ଼ି ବସିବା ହେଉଛି ଏମାନଙ୍କ ଏକମାତ୍ର ଲକ୍ଷ୍ୟଯ କିଛି କାର୍ଯ୍ୟକାରିଣୀ ସଦସ୍ୟଙ୍କ ଅତୀତ ରେକର୍ଡ ମଧ୍ୟ ଭଲ ନାହିଁ। ସେମାନଙ୍କ ବିରୋଧରେ ଶରୀରିକ ଶୋଷଣ ଏବଂ ଲିଙ୍ଗ ଅସମାନତା ଅଭିଯୋଗ ମଧ୍ୟ ଆସିଛି। ଅଡିଟ୍ ରିପୋର୍ଟରେ କେତେକ ସଂଘରୁ ଅର୍ଥ ହଡ଼ପ କରିଥିବାର ପ୍ରମାଣ ମଧ୍ୟ ମିଳିଛି। ଏମିତିକି ସଂଘର ସମ୍ବିଧାନକୁ ଖୋଲା ଉଲ୍ଲଂଘନ କରାଯାଇ କିଛି ରାଜ୍ୟ ସଂଘକୁ ସ୍ୱୀକୃତି ଦିଆଯାଇଥିବା ଏବଂ ବିନା କାମରେ ବିଲ୍ ପାସ୍ ହୋଇଥିବାର ମଧ୍ୟ ପ୍ରମାଣ ମିଳିଛିଯ




ସୂଚନାଯୋଗ୍ୟ, ଆଇଓଏର ୧୨ଜଣ କାର୍ଯ୍ୟକାରିଣୀ ସଦସ୍ୟ ଉଷାଙ୍କ କାର୍ଯ୍ୟଶୈଳୀରେ ଘୋର ଅସନ୍ତୋଷ ଜାହିର କରି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଅଧିକାରୀ ଜେରମ ପୋଇଭିଙ୍କ ପାଖକୁ ପତ୍ର ଲେଖିଥିଲେ। ଆଇଓଏରେ ଉଷା ଏକଚ୍ଛତ୍ରବାଦ ଚଳାଇଛନ୍ତି। ଯାହା ପାଉଛନ୍ତି, ତାହା ମନ ଇଚ୍ଛା କରୁଛନ୍ତି ବୋଲି ଏଥିରେ ସେମାନେ ଅଭିଯୋଗ କରିଥିଲେ। ଏହା ପୂର୍ବରୁ ଆଇଓଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ରଘୁରାମ ଆୟରଙ୍କ ନିଯୁକ୍ତିକୁ ସଦସ୍ୟମାନେ ଘୋର ବିରୋଧ କରିଥିଲେ। ଏପରିକି ତାଙ୍କ ନିଯୁକ୍ତିକୁ ବାତିଲ କରିବାକୁ ଦାବି କରିଥିଲେ। ଉଷା କିନ୍ତୁ ସେମାନଙ୍କ ଦାବିକୁ ଅଗ୍ରାହ୍ୟ କରି ଦେଇଥିଲେଯ ମୁଖ୍ୟ କାର୍ଯ୍ୟନିର୍ବାହୀ ନିଯୁକ୍ତି ପ୍ରକ୍ରିୟା ଶେଷ କରିବାକୁ ଦୁଇ ବର୍ଷ ସମୟ ଲାଗିଛି। ପୁନର୍ବାର ଏହି ପ୍ରକ୍ରିୟା ଆରମ୍ଭ କରିବା ଭାରତୀୟ କ୍ରୀଡ଼ା ପାଇଁ ଘାତକ ସାବ୍ୟସ୍ତ ହେବ ବୋଲି ସଫେଇ ଦେଇଥିଲେଯ ସେହିଭଳି ତାଙ୍କ ସମ୍ମାନ ହାନୀ କରିବା ଲାଗି ସଦସ୍ୟମାନେ ଏଭଳି ମିଛ ଅଭିଯୋଗ ଆଣିଛନ୍ତି ବୋଲି କହିଥିଲେ। ଉଷାଙ୍କୁ ବିରୋଧ କରୁଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ରହିଛନ୍ତି ଉପସଭାପତି ଅଜୟ ଏଚ୍ ପଟେଲ, ରାଜଲକ୍ଷ୍ମୀ ଦେଓ ଓ ଗଗନ ନାରଙ୍ଗ, କୋଷାଧ୍ୟକ୍ଷ ସହଦେବ ଯାଦବ, ଯୁଗ୍ମ ସଂପାଦକ ଅଲକାନନ୍ଦା ଅଶୋକ ଓ କଲ୍ୟାଣ ଚେବେ, ସଦସ୍ୟ ଅମିତାଭ ଶର୍ମା, ଭୂପିନ୍ଦର ସିଂହ ବାଜୱା, ରୋହିତ ରାଜପାଲ, ଡୋଲା ବାନାର୍ଜୀ, ହରପାଲ ସିଂହ, ଯୋଗେଶ୍ୱର ଦତ୍ତ ପ୍ରମୁଖ।

# ସାକିବଙ୍କୁ ମିଳିଲା ସ୍ୱତନ୍ତ୍ର ଉପହାର

**କାନପୁର,୧।୧୦:** କାନପୁରରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ଭାରତ ୭ ୱିକେଟରେ ଜିତିବା ସହ ସିରିଜକୁ ୨-୦ରେ କ୍ଲିଇନ ସୁଇପ କରିଛି। ଏହି ଟେଷ୍ଟ ପୂର୍ବରୁ ବାଂଲାଦେଶର କିମ୍ବଦନ୍ତୀ କ୍ରିକେଟର ନିଜର ଅବସର ନେଇ ବଡ଼ ଘୋଷଣା କରିଥିଲେ। ମୀରପୁରରେ ଅନୁଷ୍ଠିତ ହେବାକୁ ଥିବା ଦକ୍ଷିଣ ଆଫ୍ରିକା ଟେଷ୍ଟ ପରେ ସେ ନାଲି ବଲ କ୍ରିକେଟରୁ ବିଦାୟ ନେବେ। କିନ୍ତୁ ଏଥିରେ ତାଙ୍କ ଯୋଗଦାନକୁ ନେଇ ସସପେନ୍ସ ରହିଛି। କାରଣ ବାଂଲାଦେଶରେ ଏବେ ରାଜନୀତିକ ଅସ୍ଥିରତା ଲାଗି ରହିଛି। ସାକିବଙ୍କ ନାଁରେ ମଧ୍ୟ ଏକାଧିକ ହତ୍ୟା ମାମଲା ରୁଜୁ ହୋଇଛି। ତେଣୁ ବାଂଲାଦେଶରେ ଖେଳିବା ସାକିବଙ୍କ ପକ୍ଷରେ ସମ୍ଭବ ହୋଇ ନପାରେ।




ଏହାର ଅର୍ଥ ଭାରତ ବିପକ୍ଷରେ ସାକିବ ସମ୍ଭବତଃ ତାଙ୍କ ଟେଷ୍ଟ କ୍ୟାରିୟର ଶେଷ ମ୍ୟାଚ୍ ଖେଳିଛନ୍ତିଯ ଏଥିପାଇଁ ଆଜିର ମ୍ୟାଚ୍ ପରେ ବିରାଟ କୋହଲି ତାଙ୍କୁ ସ୍ୱତନ୍ତ୍ର ଉପହାର ଦେଇଛନ୍ତି। ସେ ନିଜର ବ୍ୟାଟରେ ଦସ୍ତଖତ କରି ସାକିବଙ୍କୁ ଉପହାର ଆକାରରେ ପ୍ରଦାନ କରିଛନ୍ତି। ଏହାର ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାରତ ମ୍ୟାଚ୍ ଜିତିବା ପରେ ବିରାଟ ସ୍ୱତନ୍ତ୍ର ଭାବେ ସାକିବଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ତାଙ୍କ ସହ କଥା ହେବା ସହ ନିଜ ବ୍ୟାଟକୁ ଉପହାର ଆକାରରେ ଦେଇଥିଲେ।ଏହାକୁ ସୋଶାଲ ମିଡିଆରେ ଅନେକ ପ୍ରଶଂସା କରିଛନ୍ତି। ସାକିବ ମଧ୍ୟ ବ୍ୟାଟ ପାଇ ବିରାଟଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଲେ ଯଶସ୍ୱୀ ଜୟସ୍ୱାଲ

**ନୂଆଦିଲ୍ଲୀ,୧।୧୦:** ଟିମ ଇଣ୍ଡିଆର ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଚମକିଛନ୍ତି। ବାଂଲାଦେଶ ବିପକ୍ଷ ଅପ୍ରତ୍ୟାଶିତ ଦ୍ୱିତୀୟ ଟେଷ୍ଟ ବିଜୟର ଶ୍ରେଷ୍ଠ ଖେଳିଳି ପୁରସ୍କାର ଜୈସୱାଲଙ୍କୁ ମିଳିଛି। ସେ ପ୍ରଥମ ଇନିଂସରେ ୫୧ ବଲରେ ୭୨ ଓ ଦ୍ୱିତୀୟ ଇନିଂସରେ ୪୫ ବଲରେ ୫୧ ରନ କରିଛନ୍ତି। ତାଙ୍କର ଏହି ଦମଦାର ପ୍ରଦର୍ଶନ ବଳରେ ଭାରତ ବେଶ ରୋମାଞ୍ଚକର ଢଙ୍ଗରେ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟକୁ ୭ ୱିକେଟରେ ଜିତି ନେଇଛି।

ତେବେ ଜୈସୱାଲ ଜଲୱା ଏତିକିରେ ଅଟକି ନାହିଁ। ସେ ନିଜର ପ୍ରଦର୍ଶନ ବଳରେ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କରଙ୍କ ନାଁରେ ଲମ୍ବା ସମୟ ଧରି ରହିଥିବା ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ୧୯୭୧ ମସିହା ସୁନୀଲ ଗାଭାସ୍କର ୯୧୮ ରନ କରିଥିଲେ। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଆଜି ଯାଏ ତାଙ୍କ ଠାରୁ କୌଣସି ଭାରତୀୟ ବ୍ୟାଟର ଅଧିକ ରନ କରିପାରି ନଥିଲେ। ୨୩ ବର୍ଷ ହେବା ପୂର୍ବରୁ ଗାଭାସ୍କର ଏପରି ରେକର୍ଡ କରିଥିଲେ। ତେବେ ୨୨ ବର୍ଷ ଓ ୨୭୮ ଦିନ ବୟସରେ ଜୈସୱାଲ ତାଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି।



ସେ ୨୦୨୪ରେ ୯୨୯ ରନ କରି ସାରିଛନ୍ତି। ଚଳିତ ବର୍ଷ ଆହୁରି ମ୍ୟାଚ୍ ଥିବାରୁ ଜୈୱାଲଙ୍କ ରେକର୍ଡ ଦୀର୍ଘ ବର୍ଷ ଧରି ଅକ୍ଷୁଣ୍ଣ ହୋଇ ରହିବ ବୋଲି ଆଶା କରାଯାଉଛି। ଜୈସୱାଲ ଚଳିତ ବର୍ଷ ଦମଦାର ପ୍ରଦର୍ଶନ କରିଛନ୍ତି। ସେ ୨୦୨୪ରେ ମାତ୍ର ୮ଟି ଟେଷ୍ଟ ଖେଳି ରେକର୍ଡ ୯୨୯ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୬୬.୩୫। ଏହା ମଧ୍ୟରେ ୨ଟି ଶତକ ଓ ୬ଟି ଅର୍ଦ୍ଧଶତକ ରହିଛି। ବ୍ୟାଟିଂରେ ଜୈସୱାଲଙ୍କ ସ୍ଥିରତା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ବାଂଲାଦେଶ ବିପକ୍ଷ କାନୁପର ଟେଷ୍ଟରେ ଜୈସୱାଲ ଦ୍ୱିତୀୟ ଭାରତୀୟ ଭାବେ ଉଭୟ ଇନିଂସରେ ୧୦୦ କିମ୍ବା ତା'ଠାରୁ ଅଧିକ ଷ୍ଟ୍ରାଇକ ରେଟରେ ଅର୍ଦ୍ଧଶତକ ହାସଲ କରିବାର କୀର୍ତ୍ତିମାନ ହାସଲ କରିଛନ୍ତି। ଏଭି ସଫଳତା ପରେ ସେ ବୀରେନ୍ଦ୍ର ସେହୱାଗଙ୍କ ନାଁରେ ଥିବା ରେକର୍ଡର ସମକକ୍ଷ ହୋଇଛି। ୨୦୧୧ ୱେଷ୍ଟ ଇଣ୍ଡିଜ ବିପକ୍ଷ ଟେଷ୍ଟରେ ସେହୱାଗ ଏପରି ସଫଳତା ହାସଲ କରିଥିଲେ। ସେହୱାଗ ପ୍ରଥମ ଇନିଂସରେ ୪୬ ବଲରେ ୫୫ ଓ ଦ୍ୱିତୀୟ ଇନିଂସରେ ସେ ୫୫ ବଲରେ ୫୫ ରନର ଇନିଂସ ଖେଳିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ